Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 104
Friday, 19 June 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୯ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଆମେରିକା-ଇରାନ ଯୁଦ୍ଧ ଶେଷ, ପ୍ୟାରିସରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୧୮/୬(ନ୍ୟୁ.ଏ): ଶେଷରେ ପ୍ରାୟ ୪ ମାସ ହେଲା ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ଶାନ୍ତି ପ୍ରତିଷ୍ଠା ସହ ଆଲୋଚନା କରିବାକୁ ଆମେରିକା ଓ ଇରାନ ବିଧିବଦ୍ଧ ଭାବେ ହୋଇଛନ୍ତି ରାଜି । ଦୁଇ ଦେଶ ସାମରିକ ଉତ୍ତେଜନା ବନ୍ଦ କରିବାକୁ ରାଜି ହୋଇ ବୁଝାମଣା ପତ୍ରରେ କରିଛନ୍ତି ଦସ୍ତଖତ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ଇରାନ ପ୍ରତିପକ୍ଷ ମାସୁଦ ପେଜେସ୍କିଆନ ଡିଜିଟାଲ ଉପାୟରେ ପ୍ରସ୍ତାବିତ ବୁଝାମଣା ପତ୍ରରେ ଦସ୍ତଖତ କରିଛନ୍ତି । ସେହିପରି ଆସନ୍ତାକାଲି ଜେନେଭାରେ ଦୁଇ ଦେଶର ପ୍ରତିନିଧି ଉପସ୍ଥିତରେ ହେବାକୁ ଥିବା ଦସ୍ତଖତ ସମାରୋହକୁ ମଧ୍ୟ ବାତିଲ କରାଯାଇଛି । ଯୁଦ୍ଧ ବନ୍ଦ ସହ ଶାନ୍ତି ଫେରାଇ ଆଣିବା ପାଇଁ ଚାଲିଥିବା କୂଟନୀତିକ ଉଦ୍ୟମ ଏହି ଘଟଣା ପରେ ସଫଳ ହୋଇଥିବା କୁହାଯାଉଛି । ଆମେରିକା ଓ ଇରାନୀୟ ଅଧିକାରୀଙ୍କ କହିବା କଥା ଯେ ବୁଝାମଣା ପତ୍ରକୁ ଡିଜିଟାଲ ଉପାୟରେ ଉଭୟ ଦେଶର ରାଷ୍ଟ୍ରପତି ବୁଧବାର କାର୍ଯ୍ୟକାରୀ କରିଛନ୍ତି । ଏହାପୂର୍ବରୁ ବୁଝାମଣା ପତ୍ରରେ ରବିବାର ଆମେରିକା ରାଷ୍ଟ୍ରପତି ଜେଡି ଭାନ୍ସ ଓ ଇରାନର ମୁଖ୍ୟ ବୁଝାମଣାକାରୀ ମହମ୍ମଦ ବାକେର କାଲିବାଫ ଡିଜିଟାଲ ଉପାୟରେ ପ୍ରାରମ୍ଭିକ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣା ତୁରନ୍ତ କାର୍ଯ୍ୟକାରୀ ହୋଇଛି । ଏଥିଯୋଗୁ ଆସନ୍ତାକାଲି ସ୍ୱିଜରଲ୍ୟାଣ୍ଡରେ ହେବାକୁ ଥିବା ଔପଚାରିକ ସ୍ୱାକ୍ଷର ସମାରୋହ ବାତିଲ କରି ଦିଆଯାଇଛି । ଏହାବାଦ ରାଷ୍ଟ୍ରପତି ଟ୍ରମ୍ପ ଫ୍ରାନ୍ସର ଭର୍ସାଇ ପ୍ୟାଲେସରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାର୍କୋନଙ୍କ ଡିନର କାର୍ଯ୍ୟକ୍ରମ ପୂର୍ବରୁ ବୁଝାମଣା ପତ୍ରର ଗୋଟିଏ ହାର୍ଡ କପିରେ ମଧ୍ୟ ସ୍ୱାକ୍ଷର କରିଛନ୍ତି । ହ୍ୱାଇଟ୍ ହାଉସ ପକ୍ଷରୁ ଟ୍ରମ୍ପ ବୁଝାମଣା ପତ୍ରରେ ଦସ୍ତଖତ କରିବା ବେଳର ଭିଡିଓକୁ ସୋଶାଲ ମିଡିଆରେ ପୋଷ୍ଟ କରାଯାଇଛି । ଇରାନୀୟ ଦୂତାବାସ ପେଜେସ୍କିଆନ ହାର୍ଡ କପିରେ ଦସ୍ତଖତ କରିଥିବା ସୂଚନା ଦେଇଛି । ଦୂତାବାସ ବୁଝାମଣାପତ୍ରର ଓ ଏଥିରେ ପେଜିସ୍କିଆନଙ୍କ ଦସ୍ତଖତ ଜିନିତ ଫଟୋକୁ ମଧ୍ୟ ସାର୍ବଜନୀନ କରିଛି । ମାର୍କୋନଙ୍କ ସହ ଡିନର କରି ସାରିବା ପରେ ଟ୍ରମ୍ପ ବାହାରକୁ ଆସିଥିଲେ । ଏହି ସମୟରେ ସେ ଭର୍ସାଇରେ ଇରାନ ସହ ବୁଝାମଣା ପତ୍ର ବା ଏମଓୟୁରେ ଦସ୍ତଖତ କରିଥିବା ସାମ୍ବାଦିକମାନଙ୍କୁ ଜଣାଇଛନ୍ତି । ହ୍ୱାଇଟ୍ ହାଉସର ଜଣେ ଅଧିକାରୀଙ୍କ କହିବା କଥା ଯେ ଟ୍ରମ୍ପଙ୍କ ଦସ୍ତଖତ ଥିବା ଦସ୍ତାବିଜକୁ ଇରାନ ଓ ମଧ୍ୟସ୍ଥିତ ସାଜିଥିବା ଦେଶଗୁଡ଼ିକୁ ପଠାଇ ଦିଆଯାଇଛି । ଏଥିସହ ଚୁକ୍ତିରେ ଥିବା ବ୍ୟବସ୍ଥାକୁ ଔପଚାରିକ ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ପ୍ରାୟ ଚାରି ମାସ ଧରି ଚାଲିଥିବା ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ଟାଣିବା ଓ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତେଲ ପରିବହନ ମାର୍ଗ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆମେରିକା କହିଛି । ଅନ୍ୟପକ୍ଷରେ ବୁଝାମଣାକାରୀ ଟିମ ଜେନେଭାରେ ବୈଠକ ପାଇଁ ପୂର୍ବ ଭଳି ଏକାଠି ହେବ । କିନ୍ତୁ କୌଣସି ଔପଚାରିକ ଦସ୍ତଖତ କାର୍ଯ୍ୟକ୍ରମ ସେଠାରେ ଆୟୋଜନ ହେବ ନାହିଁ । ଡିଜିଟାଲ୍ ଦସ୍ତଖତ ଶେଷ ହୋଇଥିବାରୁ ସ୍ୱିଜରଲ୍ୟାଣ୍ଡରେ କୌଣସି ଔପଚାରିକ ଦସ୍ତଖତ ସମାରୋହ ଅନୁଷ୍ଠିତ ହେବ ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି । ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ କହିଛନ୍ତି, ଇରାନକୁ ପରିବହନ କିମ୍ବା କୌଣସି ପ୍ରତିବନ୍ଧକ ବିନା ତେଲ ବିକ୍ରି କରିବାର ସୁଯୋଗ ମିଳିବା ଉଚିତ୍ । ସେହି ବିକ୍ରିରୁ ମିଳୁଥିବା ଅର୍ଥ ମଧ୍ୟ ସଂପୂର୍ଣ୍ଣ ଭାବେ ଦେଶକୁ ମିଳିବ । ଇରାନରର ଜବତ ପାଣ୍ଠି ଓ ସମ୍ପତ୍ତିକୁ ମୁକ୍ତ କରିବାକୁ ଆମେରିକା ସହମତି ହୋଇଛି । ତେଲ ସମ୍ପର୍କିତ ସମସ୍ତ କଟକଣାକୁ ତୁରନ୍ତ ହଟାଇବା ଓ ପରବର୍ତ୍ତୀ ୬୦ ଦିନ ମଧ୍ୟରେ ବୃହତର ଚୁକ୍ତିର ସର୍ତ୍ତାବଳୀ ନେଇ ଆଲୋଚନା ଜାରି ରଖିବାକୁ ମଧ୍ୟ ବୁଝାମଣାପତ୍ରରେ ବ୍ୟବସ୍ଥା ହୋଇଛି । ବୁଝାମଣ ପତ୍ରରେ ଉଲ୍ଲେଖ ରହିଛି ଯେ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ଉଭୟ ପକ୍ଷ ଏପରି କୌଣସି ପଦକ୍ଷେପ ନେବେ ନାହିଁ, ଯାହା ଚୁକ୍ତିର ସର୍ତ୍ତକୁ ଉଲ୍ଲଂଘ କରିବ । ଏହି ସମୟରେ ନୂଆ କଟକଣା ଲାଗୁ ହୋଇ ପାରିବ ନାହିଁ । ସେହିପରି ସାମରିକ ମୁତୟନ ଭଳି ପଦକ୍ଷେପରୁ ଉଭୟ ଦେଶ ଦୂରେଇ ରହିବାକୁ ରାଜି ହୋଇଛନ୍ତି । ଇରାନ ସ୍ପଷ୍ଟ କରିଛି ଯେ ଏହାର ସମୃଦ୍ଧ ୟୁରାନିୟମ ଦେଶରେ ରହିବ ଓ ସେଗୁଡ଼ିକୁ କୌଣସି ବି ପରିସ୍ଥିତିରେ ବିଦେଶକୁ ପଠାଯିବ ନାହିଁ । ଏହାକୁ ନିଷ୍କ୍ରିୟ କରିବା ବିକଳ୍ପ ଉପରେ ଆଲୋଚନା ଚାଲିଛି । ସେହିପରି ଇରାନ ଏହାର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ କିମ୍ବା ପ୍ରତିରକ୍ଷା କ୍ଷମତା ଉପରେ କୌଣସି ଆଲୋଚନା କରିବ ନାହିଁ ବୋଲି ମୁଖପାତ୍ର ଜଣଙ୍କ ସ୍ପଷ୍ଟ କରିଛନ୍ତି । ମୁଖ୍ୟ ବୁଝାମଣାକାରୀ ମହମ୍ମଦ ବାକେର କାଲିବାଫ ହର୍ମୁଜ ପ୍ରଣାଳୀକୁ ନେଇ ବଡ଼ କଥା କହିଛନ୍ତି । ତାଙ୍କ କହିବା କଥା ଯେ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ ପୂର୍ବ ସ୍ଥିତି ଫେରିବ ନାହିଁ । ତଥାପି ଇରାନ ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନ ଅନୁଯାୟୀ କାର୍ଯ୍ୟ କରିବ । ଏହି ମାର୍ଗ ଦେଇ ଯାଉଥିବା ଜାହାଜ ଗୁଡ଼ିକ ଠାରୁ ଇରାନ ସେବା ଶୁଳ୍କ ଆଦାୟ କରିବ । ଏହି ପ୍ରଣାଳୀର ଦାୟିତ୍ୱ ସଂପୂର୍ଣ୍ଣ ଭାବେ ଇରାନ ଓ ଓମାନ ହାତରେ ରହିବ ବୋଲି ଚୁକ୍ତିରେ ବ୍ୟବସ୍ଥା ଥିବା ସେ ଦାବି କରିଛନ୍ତି ।

ଓଡ଼ିଶାର ୭୦୭ ଦୁର୍ଗମ ଗାଁରେ ବସିବ ୪ଜି ଟାୱାର

ଭୁବନେଶ୍ୱର, ୧୮/୬ (ଆ.ପ୍ର) : ଓଡ଼ିଶ ଦୁର୍ଗମ, ଆଦିବାସୀ ଓ ଟେଲିକମ୍ ସେବାରୁ ବଂଚିତ ଅଂଚଳଗୁଡ଼ିକରେ ପହଂଚିବ ୪ଏ ସେବ । ଡିଜିଟାଲ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ଡିଜିଟାଲ ଭାରତ ନିଧି (ଡିବିଏନ୍) ଅନୁଦାନପ୍ରାପ୍ତ ୪ଏ ସାଚୁରେସନ ପ୍ରକଳ୍ପ ଅଧୀନରେ ରାଜ୍ୟର ୨୪ଟି ଜିଲ୍ଲାର ୭୦୭ଟି ନୂଆ ସ୍ଥାନରେ ମୋବାଇଲ ଟାୱାର ସ୍ଥାପନ ହେବ । ଏଥିପାଇଁ ଆବଶ୍ୟକ ସରକାରୀ ଜମି ଶୀଘ୍ର ଉପଲବ୍ଧ କରାଇବାକୁ ଜିଲ୍ଲାପାଳମାନଙ୍କୁ ଜରୁରୀ ଭିତ୍ତିରେ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ପ୍ରତ୍ୟେକ ସ୍ଥାନରେ ପ୍ରାୟ ୨,୦୦୦ ବର୍ଗଫୁଟ ସରକାରୀ ଜମିର ଅଗ୍ରୀମ ଦଖଲ ବିଏସଏନଏଲକୁ ଦେବାକୁ ପତ୍ରରେ କୁହାଯାଇଛି । ସେହିଭଳିହ 'ନୋ ଅବଜେକ୍ସନ ସର୍ଟିଫିକେଟ୍' (ଏନଓସି) ଜାରି କରିବାକୁ କୁହାଯାଇଛି । ଏହାଦ୍ୱାରା ଟାୱାର ନିର୍ମାଣ ତୁରନ୍ତ ଆରମ୍ଭ ହୋଇପାରିବ । ଏହି ପଦକ୍ଷେପର ପଛରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ହସ୍ତକ୍ଷେପ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖା ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ଦୁର୍ଗମ ଓ ସେବାବଂଚିତ ଅଂଚଳରେ ମୋବାଇଲ ସଂଯୋଗ ବିସ୍ତାର ପାଇଁ କେନ୍ଦ୍ର ସରକାର ବ୍ୟାପକ ପ୍ରୟାସ ଚଳାଇଛନ୍ତି । ରାଜ୍ୟରେ ଏପର୍ଯ୍ୟନ୍ତ ୩,୬୦୨ଟି ଟେଲିକମ୍ ଟାୱାର କାର୍ଯ୍ୟକ୍ଷମ ହୋଇଥିବାବେଳେ ଆଉ ୬୮୩ଟି ଟାୱାରର ନିର୍ମାଣ କାମ ଚାଲିଛି । ବର୍ତ୍ତମାନ ୮୯୪ଟି ନୂଆ ସ୍ଥାନ ପାଇଁ ମଞ୍ଜୁରି ମିଳିଥିବାବେଳେ ୭୦୭ଟି ସ୍ଥାନରେ ଜମି ବଂଟନ ଅପେକ୍ଷାରେ ରହିଛି ।

୧୨୮ ଜଣ ମେଡିକାଲ ଅଫିସରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୮/୬ (ଆ.ପ୍ର) : ଦୀର୍ଘଦିନ ଧରି ଡାକ୍ତରଖାନା ନଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ୧୨୮ ଜଣ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଓଡିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଂଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ୍ୟ ଦିଆଯାଇଥିଲା । ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କନ୍ଧମାଳ ପୋଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ଚାକିରି ବହିଷ୍କୃତ କରିଛନ୍ତି । ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି । ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ, ସେ ତାହାର ଅନୁପାଳନ କରିନଥିଲେ । ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି ।ଡାକ୍ତରଖାନା ଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି । ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି । ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାର ନିଲମ୍ବିତ

ଭୁବନେଶ୍ୱର, ୧୮/୬ (ଆ.ପ୍ର) : ବହୁ ଚର୍ଚ୍ଚିତ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ସୌମ୍ୟରଞ୍ଜନ ସ୍ୱାଇଁ ମୃତ୍ୟୁ ମାମଲାରେ ଛନ୍ଦି ହୋଇଥିବା ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି । ଶ୍ରୀ ଗଙ୍ଗୱାରଙ୍କ ନିଲମ୍ବନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଗତମାସ ୭ ତାରିଖରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ବାଲିଅନ୍ତା ଥାନା ରାମଚନ୍ଦ୍ରପୁର ବ୍ରିଜ ନିକଟରେ ଦିନ ଦ୍ୱିପ୍ରହରରେ ସଂଘବଦ୍ଧ ଭାବେ ଅତି ନିର୍ମମ ଭାବେ ମାଡ଼ ମରାଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ନେଇ ତାଙ୍କ ବାପା ଓ ମାଆ ମାନସିକ ନିର୍ଯାତନା ଦିଆଯାଇଥିବା ସହ ମାମଲାରେ ଗଙ୍ଗୱାରଙ୍କ ସଂପୃକ୍ତି ନେଇ ଅଭିଯୋଗ କରିଥିଲେ । ଗଙ୍ଗୱାର ତାଙ୍କ ଫିମ୍‌ରେ ସୌମ୍ୟରଂଜନକୁ ନିଯୁକ୍ତି ଦେଇଥିଲେ । ଗଙ୍ଗୱାରଙ୍କ ସଂପୃକ୍ତି ନେଇ ବରିଷ୍ଠ ଆଇପିଏସ୍ ଅରୁଣ ବୋଥ୍ରା ତଦନ୍ତ କରୁଥିଲେ ।

ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୮/୬ (ଆ.ପ୍ର) : ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଭୁବନେଶ୍ୱରସ୍ଥିତ ସେଂଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ସେଂଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଂଟର ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଗସ୍ତ ଅବସରରେ ରାଜ୍ୟପାଳ ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରି ସେମାନଙ୍କୁ ନବସୃଜନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ଯୁବପିଢ଼ିକୁ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଆବଶ୍ୟକ । ଏଥିପାଇଁ ବିଭିନ୍ନ ଉତ୍ପାଦକୁ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ସୂଚନା ସେଥିରେ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ଆଗ୍ରହୀ ଉଦ୍ୟୋଗୀମାନେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଲବ୍ଧ ଆର୍ଥିକ ଓ ବୈଷୟିକ

ସହାୟତା ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଉତ୍ସାହ ବୃଦ୍ଧି ପାଇବ । ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାୟକ୍ରମେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଉପରେ ନିର୍ଭରଶୀଳତା କମାଇବାକୁ ଆହ୍ୱାନ ଜଣାଇଥିଲେ । ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ କ୍ୟାମ୍ପସ ପରିସରରେ ସୌର ପ୍ୟାନେଲ ସ୍ଥାପନ କରିବା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ । ଜନକଲ୍ୟାଣମୂଳକ ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ଏହା ଦ୍ୱାରା ସେମାନେ ଯୋଜନାଗୁଡ଼ିକର ସୁଫଳ ପାଇବା ସହ ରାଷ୍ଟ୍ର ଗଠନରେ ଅଧିକ ଫଳପ୍ରଦ ଭୂମିକା ନିର୍ବାହ କରିପାରିବେ । ସିଆଇପିଇଟିରେ ରାଜ୍ୟପାଳଙ୍କୁ ପ୍ରିନ୍ସିପାଲ ଡାଇରେକ୍ଟର ଏବଂ ହେଡ୍ ଶ୍ରୀ ପ୍ରମୋଦ କୁମାର ସାହୁ ସ୍ୱାଗତ କରିଥିଲେ । ସଂସ୍ଥାର ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା କାର୍ଯ୍ୟକ୍ରମ ଓ ଶିଳ୍ପ କ୍ଷେତ୍ରକୁ ମିଳୁଥିବା ସହାୟତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ କରି ଅଧ୍ୟାପକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

ହସ୍ପିଟାଲରୁ ଡିସଚାର୍ଜ ହେଲେ ସରପଂଚ ଚାମେଲି ଓଝା

କେନ୍ଦ୍ରାପଡ଼ା, ୧୮/୬ (ଆ.ପ୍ର) : ଦାବି ପୂରଣ ନହେଲେ ଏସପିଙ୍କ ଅଫିସ ଆଗରେ ଧାରଣା ଦେବେ ଚାମେଲି ଓଝା । ଅଭିଯୁକ୍ତଙ୍କ ଗିରଫ ଏବଂ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଦାବି କରିଛନ୍ତି କେନ୍ଦ୍ରାପଡ଼ା ଡିଖ୍ୱାରୀ ପଂଚାୟତ ସରପଂଚ ଚାମେଲି ଓଝା । ଦାବି ପୂରଣ ନହେଲେ ୨୪ ତାରିଖରେ କେନ୍ଦ୍ରାପଡ଼ା ଏସପିଙ୍କ ଅଫିସ ଆଗରେ ଧାରଣାରେ ବସିବେ କହିଛନ୍ତି ଚାମେଲି । ଏନେଇ ଡିଜିପି ଓ ଆଇଜିଙ୍କୁ ଚିଠି ଲେଖି ଜଣାଇଲେ ଚାମେଲି । ୭ ଅଭିଯୁକ୍ତ ଓ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲେ । ୭ ଦିନପରେ ଆଜି ହସ୍ପିଟାଲରୁ ଡିସଚାର୍ଜ ହେଲେ ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିବା ସରପଂଚ ଚାମେଲି ଓଝା । ହସ୍ପିଟାଲରୁ ବାହାରିବା ପରେ ଜିଲ୍ଲା ପ୍ରଶାସନକୁ ଭେଟି ଆଲୋଚନା କରିଥିଲେ । ତେବେ ଘଟଣାର ସପ୍ତାହକ ପରେ ଆଜି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ BDO ରବିନାରାୟଣ ଆଚାର୍ଯ୍ୟ । ହସ୍ପିଟାଲ ପକ୍ଷରୁ ଡିସଚାର୍ଜ ଡକ୍ୟୁମେଂଟ ଦେବାରେ ବିଳମ୍ବ ଯୋଗୁଁ ପୂର୍ବାହ୍ନ ୧୦ଟା ପରିବର୍ତ୍ତେ ଦିନ ଦୁଇଟାରେ ହସ୍ପିଟାଲରୁ ବାହାରି ସିଧା ପହଞ୍ଚି ଥିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ । ଜୁନ ୧୧ ରେ ଅସୁସ୍ଥତା ଯୋଗୁଁ ହସ୍ପିଟାଲ ରେ ଭର୍ତ୍ତି ହୋଇଥିଲେ ଚାମେଲି । ତେବେ ଏହି ବିବାଦର ସପ୍ତାହକ ପରେ ଆଜି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ BDO ମୁହଁ ଖୋଲିଲେ । ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଲେ, ରାଜନୈତିକ ଷଡଯନ୍ତ୍ରର ଶିକାର ହୋଇଛି ମୋ ସାନ ଭଉଣୀ ଚାମେଲି ।

ସହରାଂଚଳ ପରିବହନର ନୂଆ ପରିଭାଷା ସୃଷ୍ଟି କରୁଛି 'କ୍ରୁଟ୍'

ଭୁବନେଶ୍ୱର, ୧୮/୬ (ଆ.ପ୍ର) : କମ୍ପ୍ରିହେନ୍‌ସିଭ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏକ ସ୍ଥାୟୀ ଏବଂ ନାଗରିକ-କେନ୍ଦ୍ରିକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଭାବେ ଜାତୀୟ ସ୍ତରରେ ଏକ ମାପଦଣ୍ଡ ସାଜିଛି । ବୈଦ୍ୟୁତିକ ଗତିଶୀଳତାର ଦ୍ରୁତ ସମ୍ପ୍ରସାରଣ, ପ୍ରଯୁକ୍ତିବିଦ୍ୟା-ଆଧାରିତ ଯାତ୍ରୀ ସେବା, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ତର୍ଭୁକ୍ତୀକରଣ କର୍ମଚାରୀ ବିକାଶ ମାଧ୍ୟମରେ ଏହା ସମଗ୍ର ଓଡ଼ିଶାରେ ସହରାଂଚଳ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି । ୨୦୨୪ରୁ ଏପ୍ରିଲ ୨୦୨୬ ମଧ୍ୟରେ କ୍ରୁଟ୍ ନିଜର ସାର୍ବଜନୀନ ପରିବହନ ନେଟୱର୍କକୁ ଯଥେଷ୍ଟ ସମ୍ପ୍ରସାରିତ କରିଛି, ଯାହାଫଳରେ ଏହାର ସକ୍ରିୟ ବସ୍ ସଂଖ୍ୟା ୭୬୦ ରେ ପହଂଚିଛି ଏବଂ ଓଡ଼ିଶାର ସବୁଜ ଗତିଶୀଳତା ଆଡ଼କୁ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିଛି । ୨୦୨୪ ମସିହାରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ସଫଳତାର ସହ ଇଲେକ୍ଟ୍ରିକ୍ ବସ୍ ସେବା ଆରମ୍ଭ କରାଯାଇଥିଲା । ଏହାପରେ ୨୦୨୫ ରେ ରାଜଧାନୀ ଅଂଚଳରେ ୮୦ ଟି ମିଡି ଇଲେକ୍ଟ୍ରିକ୍ ବସ୍, ୫ ଟି ଇଲେକ୍ଟ୍ରିକ୍ ଡବଲ୍-ଡେକର୍ ବସ୍, ପୁରୀରେ ୩୫ ଟି ଇଲେକ୍ଟ୍ରିକ୍ ବସ୍ ଏବଂ ନରାଜରେ ୧୦୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ କରାଯାଇଥିଲା । ୨୦୨୬ ମସିହାରେ, କେନ୍ଦୁଝରେ ୨୫ ଟି ଇଲେକ୍ଟ୍ରିକ୍ ବସ ସହିତ ଓଡ଼ିଶା ଏହି ବର୍ଦ୍ଧିତ ବୈଦ୍ୟୁତିକ ଗତିଶୀଳତା ନେଟୱର୍କରେ ଯୋଗ ଦେଇଛି । ଏହି ବର୍ଦ୍ଧିତ

ବସ୍ ସଂଖ୍ୟାକୁ ସହାୟତା ପ୍ରଦାନ କରିବା ପାଇଁ କ୍ରୁଟ୍ ରାଉରକେଲା, ନରାଜ, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଏବଂ କେନ୍ଦୁଝରଠାରେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ଡିପୋ କାର୍ଯ୍ୟକ୍ଷମ କରିଛି । ଚନ୍ଦ୍ରଶେଖରପୁର ଏବଂ ମାଷ୍ଟରକ୍ୟାଂଟିନ୍ ଠାରେ ସ୍ୱତନ୍ତ୍ର 'ଇଲେକ୍ଟ୍ରିକ୍ ଟର୍ମିନାଲ୍' ସହିତ କଟକରେ ନୂତନ ଭାବେ ବିକଶିତ ୧୫୩ ଟି ବସ୍ ରାଜ୍ୟରେ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ଅଧିକ ମଜବୁତ କରିଛି । ଆଧୁନିକ ଏବଂ ସ୍ଥାୟୀ ସହରାଂଚଳ ପରିବହନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମାନ୍ୟବର ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶା ସରକାର ରାଜ୍ୟର ସମସ୍ତ ନାଗରିକଙ୍କୁ ସୁରକ୍ଷିତ, ସୁଲଭ, ପରିବେଶ ଅନୁକୂଳ ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ସାର୍ବଜନୀନ ପରିବହନ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । କ୍ରୁଟ୍ର ଏହି ଉଲ୍ଲେଖନୀୟ ପ୍ରଗତି ଆମର ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି, ଯେଉଁଠାରେ ସାର୍ବଜନୀନ ପରିବହନ ଯାତ୍ରାର ପ୍ରଥମ ପସନ୍ଦ ପାଲଟିବ । ଏହି ସଫଳତା ଆଗାମୀ ପିଢ଼ି ପାଇଁ ଅଧିକ ସବୁଜ, ସ୍ମାର୍ଟ ଏବଂ ସମାବେଶୀ ସହର ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି । ଏହି ବ୍ୟାପକ ଆଧୁନିକୀକରଣ ବ୍ୟବସ୍ଥା ଯୋଗୁଁ ସିଷ୍ଟମ ପ୍ରତି ଜନସାଧାରଣଙ୍କ ଆସ୍ଥା ବୃଦ୍ଧି ପାଇଛି । କ୍ରୁଟ୍ ଏବେ ଦୈନିକ ହାରାହାରି ୩ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଉଛି, ଯାହା ଏହାକୁ ଦେଶର ଅନ୍ୟତମ ସଫଳ ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ପରିଣତ କରିଛି । ଏଥିସହିତ ମୋଟ ଭଡ଼ା ଆଦାୟର ପ୍ରାୟ ୪୫ ପ୍ରତିଶତ ଡିଜିଟାଲ୍ କାରବାର ମାଧ୍ୟମରେ ହେଉଛି, ଯାହା ପ୍ରଯୁକ୍ତିବିଦ୍ୟା-ଆଧାରିତ ପରିବହନ ବ୍ୟବସ୍ଥାକୁ ଲୋକେ ଆଦରି ନେଉଥିବାର ପ୍ରମାଣ ଦେଉଛି । ସ୍ଥାୟୀ ସହରାଂଚଳ ପରିବହନ ପାଇଁ ରାଜ୍ୟର ଦୀର୍ଘକାଳୀନ ଦୂରଦୃଷ୍ଟି ଉପରେ ଗୁରୁତ୍ୱ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, କହିଛନ୍ତି, 'ଓଡ଼ିଶା ଏଭଳି ଏକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା-ଚାଳିତ, ଅନ୍ତର୍ଭୁକ୍ତୀକରଣ ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ସହଜଲଭ୍ୟ ହେବ । ଇଲେକ୍ଟ୍ରିକ୍ ବସର ଦ୍ରୁତ ସମ୍ପ୍ରସାରଣ, ଡିଜିଟାଲ୍ ଗତିଶୀଳତା ସମାଧାନ ଏବଂ ସମନ୍ୱିତ ପରିବହନ ଭିତ୍ତିଭୂମି ଆମର ପରିବେଶ ଅନୁକୂଳ ଏବଂ ନାଗରିକ-କେନ୍ଦ୍ରିକ ଭବିଷ୍ୟତର ସହର ଗଠନର ପରିକଳ୍ପନାକୁ ଦର୍ଶାଉଛି । କ୍ରୁଟ୍‌ର ସଫଳତା ଦର୍ଶାଉଛି ଯେ କିପରି ଉଦ୍ଭାବନ ଏବଂ ସୁଶାସନ ମାଧ୍ୟମରେ ସହରାଂଚଳ ପରିବହନର ରୂପାନ୍ତରଣ କରାଯାଇପାରିବ ଏବଂ ରାଜ୍ୟବାସୀଙ୍କ ଜୀବନଶୈଳୀରେ ସୁଧାର ଅଣାଯାଇପାରିବ । ଯାତ୍ରୀମାନଙ୍କ ସୁବିଧା ପାଇଁ କ୍ରୁଟ୍ ବିଭିନ୍ନ ପ୍ରକାରର ଅଭିନବ ଡିଜିଟାଲ୍ ବ୍ୟବସ୍ଥା ଆରମ୍ଭ କରିଛି । 'ଆମ ବସ୍' ଟିକେଟିଂ ପ୍ଲାଟଫର୍ମରେ ୯୦,୦୦୦ ରୁ ଅଧିକ ଟିକେଟ୍ କାରବାର ପଞ୍ଜିକୃତ ହୋଇଛି ଏବଂ ଏବେ ଏହା ସାତପଡ଼ାଠାରେ ଚିଲିକା ବୋଟିଂ ସେବା ପାଇଁ ଅନଲାଇନ୍ ବୁକିଂ ସୁବିଧା ମଧ୍ୟ ପ୍ରଦାନ କରୁଛି । ପ୍ରମୁଖ ସ୍ଥାନଗୁଡିକରେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ସ୍ଥାପନ କରାଯାଇ ଟିକେଟ୍ କିଣିବା ପ୍ରକ୍ରିୟାକୁ ସରଳ କରାଯାଇଛି, ଏବଂ ଓପନ୍ ନେଟୱର୍କ ଫର ଡିଜିଟାଲ୍ କମର୍ସ ମାଧ୍ୟମରେ ହ୍ୱାଟ୍‌ସଆପ୍-ଆଧାରିତ ଟିକେଟ୍ ବୁକିଂ ଯାତ୍ରା ପ୍ଲାନିଂକୁ ଆହୁରି ସହଜ କରିଦେଇଛି ।

ଚାରି ଦିନ ଧରି ପାଳନ ହେବ ଦୁଇ ବର୍ଷ ପୂର୍ତି ଉତ୍ସବ

ହାଟଡିହି, ୧୮/୦୬ (ଆ.ପ୍ର) : ଗୁରୁବାର ଦିନ ହାଟଡିହି ବ୍ଲକ ସାଇକେଲ ଷ୍ଟାଣ୍ଡରେ ଆରମ୍ଭ ହୋଇଛି ଦୁଇ ବର୍ଷ ପୂର୍ତି ଉପଲକ୍ଷେ ପ୍ରଦର୍ଶନୀ ଉତ୍ସବ । ଏହି ଉତ୍ସବ ଚାରି ଦିନ ଧରି ହେବାକୁ ଥିବାବେଳେ ପ୍ରଥମ ଦିନରେ କେନ୍ଦୁଝର ଜିଲ୍ଲାର ମାନ୍ୟବର ସାଂସଦ ଅନନ୍ତ ନାୟକ ଓ ହାଟଡିହି ବିଡ଼ିଓ ରଞ୍ଜନ କୁମାର ପରିଡ଼ାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଏହି ଉଦ୍ଘାଟନୀ ଉତ୍ସବ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କୁ ଦେଖିବାକୁ ମିଳିନଥିବା ବେଳେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ଦେଖିବାକୁ ମିଳିନଥିଲା । ଏହି କାର୍ଯ୍ୟକ୍ରମ ରେ ପ୍ରଥମ ଦିନରେ ମହିଳା ଶସକ୍ତିକରଣର ମିଶନ ଶକ୍ତି, ଏମ୍ବିକେ, ସିଆର୍ପିମାନଙ୍କୁ ନେଇ ହାଟଡିହି କଲ୍ୟାଣ ସଂପ୍ରସାରଣ ଅଧିକାରୀ ଆକାଶ କୁମାର ଜେନାଙ୍କ ସଂଯୋଜନା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ହାଟଡିହି ବ୍ଲକ ବିଡ଼ିଓ ରଶ୍ମି ରେଖା ନାୟକ କୋର୍ଡିନେଟର ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରୂପ ରେଖ ବ୍ଲକ ସଭା ଗୃହରେ ଆଲୋଚନା କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅନନ୍ତ ନାୟକ, ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ଏବିଡିଓ ରଶ୍ମି ରେଖା ନାଇକ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ବିଜେପି ନେତା ଆଲୋକ କୁମାର ସେଠୀ, ସାଧାରଣ ଖାଉଟି ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ, ବିଜେପି ନେତ୍ରୀ ମାନଙ୍କ ମଧ୍ୟରେ ଯଶସ୍ୱିନି ବଳ, ମିନତି ମହାପାତ୍ର, ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ପ୍ରତିନିଧି ମାନଙ୍କ ମଧ୍ୟରେ ଯୁଧିଷ୍ଠିର ମଲିକ, ସୁଶାନ୍ତ ଜେନା, ହରମୋହନ ଶାସିନି ପ୍ରମୁଖ ସାଂସଦ ପ୍ରତିନିଧିମାନେ ସାଙ୍ଗରେ ରହିଥିଲେ ।

ଶାଶୁଭୁଆସୁଣୀ ଉତର ସାହି ହରିହାଟରେ ଗୃହ ପ୍ରତିଷ୍ଠା ସହ ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା

ବାସୁଦେବପୁର, ୧୮/୦୬ (ଆ.ପ୍ର) : ଧାର୍ମିକ ପରିବେଶ ମଧ୍ୟରେ ଶାଶୁଭୁଆସୁଣୀ ଉତର ସାହି ହରିହାଟ ଠାରେ ଅନୁଷ୍ଠିତ ହୋଇଛି ଗୃହ ପ୍ରତିଷ୍ଠା ଉତ୍ସବ ତଥା ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ । ଏହା ସହ ଆୟୋଜିତ ହୋଇଛି ଅଷ୍ଟମ ପ୍ରହର ନାମ ଯଜ୍ଞ । ଦୁଇ ଦିନ ଧରି ଚାଲିଥିବା ଏହି ଧାର୍ମିକ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରଥମ ଦିନରେ ମହା ଆଡ଼ମ୍ବରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପରେ ବିଧି ବିଧାନ ଅନୁସାରେ ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । ଭକ୍ତିମୟ ପରିବେଶରେ ଅଷ୍ଟମ ପ୍ରହର ନାମ ଯଜ୍ଞ ଚାଲିଥିବା ବେଳେ ହରିନାମ ସଂକୀର୍ତନରେ ମୁଖରିତ ହୋଇଥିଲା ସମଗ୍ର ଅଂଚଳ । ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଉତର ସାହି ହରିହାଟ ଜଗନ୍ନାଥ ସଂସ୍କୃତି କମିଟିର ସଦସ୍ୟ, ଗ୍ରାମବାସୀ ଓ ଆୟୋଜକମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା ।ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଭାବନାକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମ ଅଂଚଳରେ ଭକ୍ତି ଓ ଭାଇଚାରାର ଏକ ନୂଆ ବାର୍ତା ଦେଇଛୁ ।

ବଣାଇଁ ଝିଅ ସାଇନା ମେଲ୍ଲି ଯୁବ ଆଇକନ୍ ମନୋନୀତ

ବଣାଇଁ, ୧୮/୦୬(ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ ଅନ୍ତର୍ଗତ ଏକ ଛୋଟ ଗ୍ରାମ ଶିହିଡ଼ିଆରୁ ଆସିଥିବା ଯୁବ ପ୍ରତିଭା ସାଇନା ମେଲ୍ଲି, ସୁଜିତ କୁମାର ମେଲ୍ଲି ଓ ଗୀନା ମେଲ୍ଲିଙ୍କ ସୁଯୋଗ୍ୟ କନ୍ୟା, ନିଜର ଅଦମ୍ୟ ପରିଶ୍ରମ, ନେତୃତ୍ୱ କ୍ଷମତା ଓ ସାମାଜିକ ସଚେତନତା ମାଧ୍ୟମରେ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । କିଛି ମାସ ପୂର୍ବରୁ ସେ "ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ"ରେ ସାରା ଦେଶରୁ ଚୟନିତ ଯୁବ ପ୍ରତିନିଧିମାନଙ୍କ ମଧ୍ୟରେ ସବୁଠାରୁ କନିଷ୍ଠ ପ୍ରତିଭାଗୀ ଭାବେ ଯୋଗଦେଇ ନିଜର ଉତ୍କୃଷ୍ଟ ଚିନ୍ତାଧାରା ଓ ନେତୃତ୍ୱ ଦକ୍ଷତା ବଳରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ସଫଳତା ସହ ସେ ନୂଆଦିଲ୍ଲୀରେ ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଥିଲେ । ସମ୍ପ୍ରତି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ "ବିକଶିତ ଭାରତ ଯୁବା କନେକ୍ଟ" କାର୍ଯ୍ୟକ୍ରମରେ ସାରା ଭାରତରୁ ଚୟନିତ ୧୫୦ ଜଣ ଯୁବ ଆଇକନ ମଧ୍ୟରେ ସ୍ଥାନ ପାଇ ସେ ପୁଣିଥରେ ନିଜର ଦକ୍ଷତା ଓ ନେତୃତ୍ୱର ପରିଚୟ ଦେଇଛନ୍ତି । ବିଶେଷ କଥା ହେଲା, ଏହି ଚୟନିତ ଯୁବ ଆଇକନଙ୍କ ମଧ୍ୟରେ ସେ ସବୁଠାରୁ କନିଷ୍ଠ ଯୁବ ଆଇକନ୍ ଭାବେ ପରିଗଣିତ ହୋଇଛନ୍ତି । ଏକ ଛୋଟ ଗ୍ରାମରୁ ଉଠି ଆସି ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ସାଇନା ଆଜି ଅନେକ ଯୁବକ-ଯୁବତୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଶିକ୍ଷା, ଯୁବ ସଶକ୍ତିକରଣ, ନେତୃତ୍ୱ ବିକାଶ ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନ ତାଙ୍କୁ ଯୁବ ସମାଜ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସାଇନା ମେଲ୍ଲିଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ତଥା ଓଡ଼ିଶାବାସୀ ଗର୍ବ ଅନୁଭବ କରୁଛନ୍ତି । ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଥିବା ବେଳେ ତାଙ୍କର ଏହି ଯାତ୍ରା ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣା ଦାୟକ ଉଦାହରଣ ହୋଇଛି ।

ଜିଲ୍ଲା ସ୍ତରୀୟ ଷ୍ଟପ ଡାଇରିଆ ପାଳନ

ଖୋର୍ଦ୍ଧା, ୧୮/୦୬(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ମାତୃ ଓ ଶିଶୁ କଲ୍ୟାଣ ସଭା ଗୃହରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଷ୍ଟପ ଡାଇରିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ, ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଭେକ୍ଟର ବାହିତ ରୋଗ, ଡାକ୍ତର ଜୀବନ ଆଚାର୍ଯ୍ୟ, ଶିଶୁ ରୋଗ ବିଶେଷଜ୍ଞ, ଡାକ୍ତର ଅବିନାଶ ରାଉତରାୟ ସମେତ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ । ଡାଇରିଆକୁ କିପରି ରୋକିବା, ସ୍ୱଚ୍ଛତାକୁ ଆପଣେଇବା, ଓଆରଏସ ପାନୀୟ ଉପରେ ଧ୍ୟାନ ରଖିବା, ଡାଇରିଆର ପ୍ରତିଷେଧକ ଜିଙ୍କ ବଟିକା ଏବଂ ଓ ଆର ଏସ ବ୍ୟବହାର ଉପରେ ସୁନିଶ୍ଚିତ କରିବା, ୫ ବର୍ଷର କମ ଶିଶୁଙ୍କୁ ଅଧିକ ଧ୍ୟାନରେ ରଖିବା ଉପରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ସରୋଜ କୁମାର ସିଂ ଆଲୋକପାତ କରିଥିଲେ । ଭେକ୍ଟର ବାହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଶୁଦ୍ଧ ପିଇବା ପାଣି ପିଇବା, ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ ରେ ଧୋଇବା ତଥା ରୋଟା ଭାଇରସ ଓ ମିଳିମିଳା ଟୀକାକରଣ ଉପରେ ସଚେତନତା ସୂଚନା ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଡିଏମଆରସିଏସ, ରୋଜାଲିନ ମହାପାତ୍ର ଓ ସହାୟକ ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକ ଆଶା କର୍ମୀମାନଙ୍କର ଆଜ ଦିନଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକୁ ଘର ଯାଇ ଷ୍ଟପ ଡାଇରିଆ ବାର୍ତା ଓ ପରାମର୍ଶ ଦେବା ଏବଂ ଓ ଆରଏସ ଏବଂ ଜିଙ୍କ ବଟିକା ପ୍ରଦାନ କରିବାର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଘର ଓ ଚତୁର୍ପାର୍ଶ୍ୱିକ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଶୁଦ୍ଧ ପାଣି ବ୍ୟବହାର, ହାତ ଧୋଇବା, ଖାଦ୍ୟ ପଦାର୍ଥ ଘୋଡାଇ ରଖିବା, କୂଅ ପାଣି ବିଶୋଧନ, ଶୌଚାଳୟ ବ୍ୟବହାର ଦିଗରେ ଆଶା କର୍ମୀଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ବକ୍ତବ୍ୟ ରଖିଥିଲେ । ଶେଷରେ ରୋଜାଲିନ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

ପ୍ରଥମ ଦିନ ବିଦ୍ୟାଳୟ ବୁଲିଲେ ଅଧିକାରୀ

ହାଟଡିହି, ୧୮/୦୬ (ଆ.ପ୍ର) : ଦୀର୍ଘ ଦିନ ଗ୍ରୀଷ୍ମ ଅବକାଶ ପରେ ଗୁରୁବାର ଦିନ ବିଦ୍ୟାଳୟ ଖୋଲି ଥିଲା । ଏହାକୁ ନେଇ ପ୍ରତି ବିଦ୍ୟାଳୟରେ ଗ୍ରୁପ ମେସେଜ ମାଧ୍ୟମରେ ପିଲା ଅଧିକରୁ ଅଧିକ ପ୍ରଥମ ଦିନରେ ଆସିବା ପାଇଁ କୁହାଯାଇଥିଲା । ଅନେକ ବିଦ୍ୟାଳୟରେ ଅଳ୍ପ ଅଳ୍ପ ପିଲାଙ୍କୁ ନେଇ ସ୍କୁଲ ଆରମ୍ଭ ହୋଇଥିଲା । ଏହା ଛଡ଼ା ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ ରାଜିବ ଲୋଚନ ଦଳେଇ ପ୍ରଥମ ଦିନରେ ବିଭିନ୍ନ ସ୍କୁଲ ବୁଲି ଦେଖିଥିଲେ, ପିଲାଙ୍କ ଉପସ୍ଥିତି, ପରିବେଶ ପରିଷ୍କାର ପରିଚ୍ଛନ୍ନ, ଖାଦ୍ୟ, ପାଠ ପଢା, ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥା ଯାଂଚ କରିଥିଲେ । ପରେ ପିଲା ମାନଙ୍କ ସହ ମଠ ପ୍ରାଥମିକ ଓ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ମଧ୍ୟ ଖାଇଥିଲେ । ଯାହାକି ପିଲାମାନଙ୍କ ମହଲରେ ଖୁସି ଦେଖିବାକୁ ମିଳିଥିବା ବେଳେ ତତ୍ପର ଶିକ୍ଷକ ମାନଂଙ୍କ ମଧ୍ୟରେ ଛନକା ପଶଯାଉଛି ।

ବ୍ଲକ ସଭା ଗୃହରେ କରେଂଟ ସମସ୍ୟା ପାଇଁ ଗରମରେ ସିଝିଲେ ସାଂସଦ

ହାଟଡିହି, ୧୮/୦୬(ଆ.ପ୍ର): ଗୁରୁବାର ଦିନ ଭାରତୀୟ ଜନତା ପାର୍ଟିର ଦୁଇ ବର୍ଷ ପୂର୍ତି ଉପଲକ୍ଷେ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଯେଉଁ ପରି ସ୍ୱାଗତ କରାଗଲା ସବୁ ଭାବୁଥିଲେ କାର୍ଯ୍ୟକ୍ରମ ଏକ ଦମ୍ ସରସ ସୁନ୍ଦର ହେବ କିନ୍ତୁ ମାନ୍ୟବର ସାଂସଦ ଅନନ୍ତ ନାୟକ ଓ ଅନ୍ୟ ଅତିଥିମାନେ ଦେଖିଲେ ତ୍ରୁଟି କିଛୁ ଖୋଲିଲେ ନାହିଁ ପାଟି । ଦିନ ଦୁଇ ଟା ବେଳେ ତାପମାତ୍ରା ବଢ଼ୁ ଥାଏ କିନ୍ତୁ ମାନ୍ୟବର ସାଂସଦ ଅନନ୍ତ ନାୟକ ବସିଥିବା ସଭା ଗୃହରେ କରେଂଟ ସମସ୍ୟା ରହିଥିବା ବେଳେ କୌଣସି ଏସି କି ଫ୍ୟାନ ଚାଲି ନଥିଲା । ଯାହା ଫଳରେ ତଳେ ବସିଥିବା ଜାତି ଓ ଜନଜାତି ଶ୍ରେଣୀର ଲୋକେ ରାଗି କି ଅତିଷ୍ଠ ହୋଇଥିଲେ । ଏହା ଦ୍ୱାରା ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ କଣ ରହିଛି ତାହା ଆଲୋଚନା ହେବା ବେଳକୁ ଲୋକେ ଝାଳରେ ବୁଡ଼ି ବା ସହ ମାନ୍ୟବର ସାଂସଦ ସମ୍ପୂର୍ଣ୍ଣ ଓଦା ହୋଇ ଯାଇଥିଲେ । ଯାହା କି ସଭାରେ ବସିଥିବା ବିଡ଼ିଓ ରଞ୍ଜନ କୁମାର ପରିଡ଼ା ବାରମ୍ବାର ଠିକ୍ କର ଠିକ କର କହିଥିଲେ ବି ବ୍ୟାଟେରୀ ଶବ୍ଦ ସତେ ଯେମିତି ସମସ୍ତଙ୍କୁ ସତର୍କ କରୁଥିଲା । ଏହାରି ମଧ୍ୟରେ ବ୍ଲକରେ ଥିବା ଦୁଇ ଦୁଇଟି ଡିଜି ଅଚଳ ଅବସ୍ଥାରେ ପଡ଼ି ରହିଥିବା ବେଳେ ଭଡ଼ାରେ ଆସିଥିବା ଜେନେରେଟର ମଧ୍ୟ ଚାଲିନଥିଲା । ଯାହା ଫଳରେ ମାନ୍ୟବର ସାଂସଦ ଅନନ୍ତ ନାୟକ ଝାଳ ଓ ଅନ୍ଧାରରେ ମାତ୍ର ଆଠ ମିନିଟରେ ସଭା ସାରି ଦେଇଥିଲେ । ହେଲେ ଏ ଭଳି ଅବହେଳା ପାଇଁ ବ୍ଲକ ପ୍ରତି ସମସ୍ତ ଙ୍କ ମନୋଭାବ ଖରାପ ପଦର୍ଶନ ହୋଇଥିବା ଆଲୋଚନା ହେଉଛି ।

ଆକସ୍ମିକ ବିପର୍ଯ୍ୟୟ ପରିଚାଳନା ପାଇଁ ଟେବୁଲ ଟପ ଏକ୍ସରସାଇଜ ଏବଂ ମକ ଡ୍ରିଲ ନିମନ୍ତେ ଜିଲ୍ଲା ସ୍ତରୀୟ ବୈଠକ

ନବରଙ୍ଗପୁର, ୧୮/୦୬(ଆ.ପ୍ର) : ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଟେବୁଲ ଟପ ଏକସରସାଇଜ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ଏବଂ ପୌରାଂଚଳ ସ୍ତରରେ ଟେବୁଲ ଟପ ଏକସରସାଇଜ ଏବଂ ଆସନ୍ତା କାଲି ୧୯.୬.୨୦୨୬ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗୃହରେ ସୁଚନା ଦିଆଯାଇଥିଲା । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ବିଭାଗରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଖସଡା ପ୍ରସ୍ତୁତ କରି ରଖିବା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରତ୍ୟେକ ପଂଚାୟତ ସମିତି ଏବଂ ସମ୍ପୃକ୍ତ ବିଭାଗରେ ଏକ ନୋଡାଲ ଅଧିକାରୀ ନିଯୁକ୍ତି ଦେବା ପାଇଁ ଜିଲ୍ଲାପାଳ ଡଃ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ସତର୍କ ବାର୍ତାକୁ ପ୍ରଭାବିତ ଲୋକଙ୍କୁ ଠିକ୍ ଭାବରେ ପହଂଚାଇବା, ବନ୍ୟା ବୁଡ଼ି ଅଂଚଳ ଚିହ୍ନଟ, ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ଛାତ୍ର ଛାତ୍ରୀଙ୍କ ନିରାପତା, ଶିକ୍ଷାକେନ୍ଦ୍ର ମାନଙ୍କରେ ବଡବୃକ୍ଷ, କାନ୍ଥ ପ୍ରାଚୀରକୁ ବାତ୍ୟା, ବର୍ଷା ସମୟରେ ସତର୍କତା ପଦକ୍ଷେପ, ଉଦ୍ଧାର କାର୍ଯ୍ୟରେ ତତ୍ପରତ, ଗଭୀର ଡ୍ୟାମ, ନଦୀ, ପୋଖରୀ ନିକଟରେ ଗାଧୋଇବା ସତର୍କତା ବୋର୍ଡ ଉପରେ ପଦକ୍ଷେପ ନେବାକୁ ବିଶେଷ ଗୁରୁତ୍ୱ ଦେଇ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଓ୍ୱାନ, ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷ ଆଦିତ୍ୟ ସେନ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ନିର୍ବାହୀ ଅଧିକାରୀ ପୌରାଂଚଳ ନବରଙ୍ଗପୁର ଅଶୋକ କୁମାର କର୍ଣ୍ଣ, ଉମରକୋଟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁ, ଜିଲ୍ଲା ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ରାଜ୍ୟ ପ୍ରକଳ୍ପ ଅଧିକାରୀ ଫକିର ଚରଣ ରାଉତ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଡିଆଇପିଆର୍ ଓ ମନୋଜ ବେହେରା, ଡିସିପି ଓ ସୁରେଶ ପଟ୍ଟନାୟକ, ଡି ପି ଓ ପଦ୍ମନାଭ ତ୍ରିପାଠୀ, ଅଗ୍ନିଶ୍ରମ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

ସରପଂଚ ଚାମେଲୀ ଓଝାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଂଟା ଭିଡ଼ିଲା ସରପଂଚ ସଂଘ

ବାଲିଗୁଡା, ୧୮/୦୬ (ଆ.ପ୍ର) : ବହୁ ଚର୍ଚ୍ଚିତ ସରପଂଚ ଚାମେଲୀ ଓଝାଙ୍କ ସପକ୍ଷରେ ଏବେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ସରପଂଚ ସଂଘ ଅଂଟା ଭିଡ଼ି ନ୍ୟାୟ ପ୍ରଦାନ ଦାବୀ କରି ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ମହିଳା ସରପଂଚଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସରକାରଙ୍କ କୌଣସି କାର୍ଯ୍ୟକ୍ରମରେ ଅସହଯୋଗ କରି ଯୋଗ ନ ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ଥିବା ଜଣା ପଡିଛି । ତେବେ ଏହା ସରପଂଚଙ୍କ ରାଜ୍ୟ ମହାସଂଘ ନିଷ୍ପତି କ୍ରମେ କ.ନୂଆଗାଁ ସରପଂଚ ସଂଘର କର୍ମକର୍ତା ବିଡ଼ିଓ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କ ଅନୁପସ୍ଥିତିରେ ଜିପିଇଓ ସ୍ମୃତି ସାଗର ପ୍ରଧାନଙ୍କ ଉପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏଥିରେ ବ୍ଲକର ୧୪ ପଂଚାୟତର ସମସ୍ତ ସରପଂଚ ସମର୍ଥନ ଜଣାଇବା ସହ ସରପଂଚ ସଂଘର ସଭାପତି କୁତୁବୁଲି ପଂଚାୟତ ସରପଂଚ ଶ୍ରୀଚନ୍ଦ୍ର ମଲ୍ଲିକ, ସଂପାଦକ ଲେଡିଙ୍ଗିଆ ସରପଂଚ କୁନାଲ ପ୍ରଧାନ, ବରିଷ୍ଠ ସଦସ୍ୟ ସିର୍ତିଗୁଡା ସରପଂଚ ଭାଗ୍ୟବତୀ ମଲ୍ଲିକ, କଞ୍ଚାମେଣ୍ଡି ସରପଂଚ ଗୁନୁଲତା ମଲ୍ଲିକ, ବଣଗୁଡା ସରପଂଚ ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ଅନ୍ୟ ପଂଚାୟତର ସରପଂଚ ଉପସ୍ଥିତ ଥିଲେ ।

ଶ୍ରୀରାମ ମନ୍ଦିର ତରଫରୁ ରଜ ସଂକ୍ରାନ୍ତି ପାଳନ ଅବସରରେ ଗୋ ସେବକଙ୍କୁ ସମ୍ବର୍ଦ୍ଧନା

ଜି.ଉଦୟଗିରି, ୧୮/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଳକଟି ପାଙ୍ଗା ପଦାସାହି ଠାରେ ନିର୍ମାଣଧୀନ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତରଫରୁ ଧୂମଧାମ ରେ ରଜ ସଂକ୍ରାନ୍ତି ପାଳନ କରାଯାଇଛି । ରଜ ସଂକ୍ରାନ୍ତି ପାଇଁ ମନ୍ଦିର ପ୍ରାଙ୍ଗଣରେ ଦୋଳିର ବ୍ୟବସ୍ଥା କରାଯାଇଥିବା ବେଳେ ଯୁବତୀ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା । ନୂଆଁ ପୋଷାକ ସହ ସଜବାଜ ଯୁବତୀ ମାନେ ଦୋଳି ଖେଳି ମଜା ନେଇଥିଲେ । ଏହି ଅବସରରେ ସ୍ଥାନୀୟ ଗୋ ସେବକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ଥାନୀୟ ଅଂଚଳର ୧୫ ଜଣ ଯୁବକ ସ୍ୱଇଚ୍ଛାରେ ରୋଗ ଗ୍ରସ୍ତ, ଦୁର୍ଘଟଣା ଗ୍ରସ୍ତ ଆହତ ଗାଈ ଗୋରୁ ମାନଙ୍କୁ ପଶୁ ଚିକିତ୍ସାଳୟ ସହାୟତାରେ ଚିକିତ୍ସା କରାଇବା ସହ ଖାଇବା ପିଇବା ଦେଇ ସେମାନଙ୍କ ସେବା କରୁଥିବା ବେଳେ ଅଂଚଳରେ ବେଶ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ସେମାନଙ୍କ ଏହି ସେବା କାର୍ଯ୍ୟ ଦେଖି ରଜ ସଂକ୍ରାନ୍ତି ପାଳନ ଅବସରରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତରଫରୁ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ଅନିଲ କୁମାର ପଟ୍ଟନାୟକ, ସଭାପତି ସନ୍ତୋଷ କୁମାର ବାଘ, ସମ୍ପାଦକ ପ୍ରଶାନ୍ତ କୁମାର ବରର୍ତୀ, କୋଷାଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନ, ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ମନ୍ଦିର ପୂଜକ ସୁଦାମ ପାତ୍ର, ଭାଗବତ ଅର୍ଜୁଳୀ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନଙ୍କ ସମେତ କମିଟି ସଦସ୍ୟ ଓ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

ବେଡ୍ ନପାଇ ରୋଗୀ ମୃତ୍ୟୁ ଘଟଣା, ଡିଫାଇନ କଳାହାଣ୍ଡି ତରଫରୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା, ୧୮/୦୬ (ଅପ୍ର) : କଳାହାଣ୍ଡି ସହିଦ ରେଣ୍ଡୋ ମାଝି ମେଡିକାଲରେ ଜଣେ ଗୁରୁତର ରୋଗୀଙ୍କୁ ଶଯ୍ୟା ମିଳିଲାନି । ବାରଣ୍ଡାର ଏକ ଚେୟାରରେ ବସି ଧଇଁସଇଁ ହେଉଥିଲେ । ସେହି ଅବସ୍ଥାରେ ବାରଣ୍ଡାରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସେହି ଅବସ୍ଥାରେ ତାଙ୍କ ଜୀବନ ମଧ୍ୟ ଚାଲିଗଲା । ତାଙ୍କ ଜୀବନ ବଂଚାଇବା ପାଇଁ ସର୍ବନିମ୍ନ ଚିକିତ୍ସା ସୁବିଧା ଯୋଗାଇବାରେ ବିଫଳ ହୋଇଥିଲା ମେଡିକାଲ ପ୍ରଶାସନ । ଘଟଣାର ଭିଡିଓ ଭାଇରାଲ ହେବ ସହ ଖବର ପ୍ରକାଶନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହୁଛନ୍ତି ଘଟଣା ସଂପର୍କରେ ବିଭାଗୀୟ ଡାକ୍ତର କହିଲେ ରୋଗୀ ନିଜେ ବାରଣ୍ଡାରେ ବସିବାକୁ କହିଥିଲେ । ତଦନ୍ତ ପାଇଁ କହିଛି ରିପୋର୍ଟ ଆସିଲେ ଜଣା ପଡ଼ିବ ବୋଲି ପ୍ରକାଶ କରିଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ମୃତ ଯୁବକ ଜଣକ ଭବାନୀପାଟଣା ସଦର ଥାନ ଅନ୍ତର୍ଗତ ଭିକାଋରନ ଗାଁର ରୋହିତ୍ ଶବର(୩୧) ବୋଲି ଜଣାପଡିଛି । ପୁରା ପରିବାର ତାଙ୍କ ଉପରେ ନିର୍ଭର କରୁଥିଲା । ତାଙ୍କ ମୃତ୍ୟୁପରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି । ଜିଲ୍ଲାର ସର୍ବୋଚ୍ଚ ଚିକିତ୍ସାଳୟରେ ବାରମ୍ବାର ରୋଗୀର ଏଭଳି ଅବସ୍ଥା ହେଉଛି, ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏହି ଘଟଣ । ସ୍ଥାନୀୟ ମେଡିକାଲ କର୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି । ଏଥିପାଇଁ ଦାୟୀ କିଏ ଏବଂ କେଉଁ ପରିସ୍ଥିତିରେ ରୋଗୀଙ୍କୁ ବେଡ୍ ମିଳିଲାନି, ସେନେଇ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏହି ଘଟଣାକୁ ନେଇ ଆଜି ଡିଫାଇନ କଳାହାଣ୍ଡି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୃତ ପରିବାରକୁ କ୍ଷତିପୂରଣ ଦେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଦାବି ଜଣାଇଥିଲେ ଯଦି ମୁଖ୍ୟ ଚିକିତ୍ସାଳୟ ଠିକ୍ ଭାବରେ ନଚଳିବ ଓ ରୋଗୀ ଉଚିତ୍ ସେବା ନପାଇବେ ତାହେଲେ ଆଗାମୀ ଦିନରେ ଡିଫାଇନ କଳାହାଣ୍ଡି ତୀବ୍ର ଆନ୍ଦୋଳନ କରିବା ବୋଲି ଡିଫାଇନ କଳାହାଣ୍ଡିର ସଦସ୍ୟ ମାନେ ଚେତାବନୀ ଦେଇଛନ୍ତି । ଜୟନ୍ତ ନାଏକ, ଶୁଭନ୍ଦ ପଟ୍ଟନାୟକ, କାଳିଆ ସରାଫ, ବୋଲ ଶଙ୍କର କହଁର, ପ୍ରକାଶ ମଙ୍ଗରାଜ, ବିଦ୍ୟାଧର ମୁଣ୍ଡ, ଟୁକୁ ରାଉତ, ଦେବେଶ ନାୟକ, ଜବଣୀ ସରାଫ, ଅନୁଜା ଥାନାପତି, ଜଳେଶ୍ୱର ଗହୀର, ମିଲୁ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

ମୌସୁମୀ ପ୍ରବାହରେ ଅନିୟମିତତା ଚାଷ କାର୍ଯ୍ୟ ବିଳମ୍ବ

ନିମାପଡ଼ା, ୧୮/୦୬ (ଆ.ପ୍ର) : ଚଳିତ ବର୍ଷ ମୌସୁମୀ ପ୍ରବାହ ଲୁଚକାଳି ଖେଳୁଛି । ବର୍ଷା ଅଭାବ ଯୋଗୁଁ ଚାଷ କାର୍ଯ୍ୟ ଏବେ ଧିମେଇ ଯାଇଛି । ଅକ୍ଷୟ ତୃତୀୟା ଠାରୁ ଅକ୍ଷିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ ହେବା କଥା । ମାତ୍ର ବର୍ଷା ଅଭାବ ଲାଗି ରହୁଛି । ଉପକୂଳବର୍ତୀ ଜିଲ୍ଲା ମାନଙ୍କରେ ସାଧାରଣତଃ ମଇ ମାସରେ ହାରାହାରି ବୃଷ୍ଟିପାତ ୬୫/୭୦ ମିମି, ଜୁନ ମାସରେ ସ୍ୱାଭାବିକ ବର୍ଷା ୨୧୯ ମିମି ବର୍ଷା ହୋଇଥାଏ । ଚଳିତ ବର୍ଷ ଉପକୂଳବର୍ତୀ ଜିଲ୍ଲାରେ ବୃଷ୍ଟିପାତ ୪୪ ପ୍ରତିଶତ କମ ରହିଛି । ପୁରୀ ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ହେକ୍ଟର ଜମିରେ ଧାନ ଚାଷ ହେବା ଲାଗି ଲକ୍ଷ ଧାର୍ଯ୍ୟ କରାଯାଇଥିଲା । ସେଥିରୁ ୩୫ ହଜାର ହେକ୍ଟର ବୁଡି ଅଂଚଳ ଥିବାରୁ ବାକି ଜମିରେ ୧୦୦ ରୁ ୧୪୫ ଦିନିଆ ଧାନ ଚାଷ ପାଇଁ ପ୍ରସ୍ତୁତ ଚାଲିଛି । ଜିଲ୍ଲାର, ୩୫ ଭାଗ ଜମିରେ ବୁଣା ଓ ୬୫ ଭାଗ ଜମିରେ ରୁଆ କାର୍ଯ୍ୟ ହୋଇଥାଏ । ଚଳିତ ବର୍ଷ ମୌସୁମୀ ଠିକ୍ ସମୟରେ ଆସିବ ଓ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁବାଦ୍ କରିଥିଲେ । ମାତ୍ର ଅଦ୍ୟାବଧି ମୌସୁମୀ କେରଳ ଛୁଇଛି । ଜୁନ ୧୨ରେ ମୌସୁମୀ ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲେ । ଚଳିତ ବର୍ଷ ଅକ୍ଷୟ ତୃତୀୟା ଓ ଦେବ ସ୍ନାନ ପୂର୍ଣ୍ଣିମାରେ ବି ବର୍ଷା ଟୋପାଏ ନାହିଁ । ସାଧାରଣତଃ ପ୍ରତି ବର୍ଷ ରଜ ବେଳକୁ ଅଳ୍ପ ବର୍ଷା ହୋଇଥାଏ । ମାତ୍ର ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣା ପଡ଼ିଛି । ପାଣିପାଗର ପରିବର୍ତନ ଯୋଗୁଁ ବିଗତ ବର୍ଷମାନଙ୍କରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପାଣି ପାଗର ବ୍ୟାପକ ପରିବର୍ତନ ଯୋଗୁଁ ଅଣ ଜଳସେଚିତ ଅଂଚଳରେ ଚାଷୀ ଫସଲ ଆମଦାନୀକୁ ନେଇ କ୍ରମାଗତ ଭାବେ କିଛି ବର୍ଷ ହେଲା ଦୁର୍ଦ୍ଦଶା ଭୋଗୁଛି । ଦେବସ୍ନାନ ପୂର୍ଣ୍ଣମୀ ବେଳକୁ ଫସଲ କ୍ଷେତ୍ରରେ ପ୍ରାୟ ଧାନ ଗଛ ଦୃଶ୍ୟ ହୋଇଥାଏ । ଯାହା ଏ ବର୍ଷ ହୋଇନାହିଁ । ରାଜ୍ୟରେ ମୌସୁମୀ ପ୍ରବାହ ବିଗତ ବର୍ଷ ମଧ୍ୟରେ ବ୍ୟତିକ୍ରମ ଦେଖାଦେଇଛି । ୧୯୯୭ରେ ଜୁନ ୧୮, ୧୯୯୮ରେ ଜୁନ ୧୪, ୧୯୯୯ରେ ମେ ୨୮, ୨୦୦୦ରେ ଜୁନ ୫, ୨୦୦୧ରେ ଜୁନ ୭, ୨୦୦୨ରେ ଜୁନ ୧୦, ୨୦୦୩ରେ ଜୁନ ୧୮, ୨୦୦୪ ଜୁନ ୧୦,୨୦୦୫ରେ ଜୁନ ୨୩ ରେ ୨୦୦୬ ରେ ଜୁନ ୬, ୨୦୦୭ରେ ଜୁନ ୧୦,୨୦୦୮ରେ ଜୁନ ୯, ୨୦୦୯ରେ ଜୁନ ୨୯, ୨୦୧୦ରେ ଜୁନ ୧୩, ୨୦୧୧ରେ ଜୁନ ୧୫, ୨୦୧୨ରେ ଜୁନ ୧୭, ୨୦୧୩ରେ ଜୁନ ୦୯, ୨୦୧୪, ୨୦୧୫, ୨୦୧୬ରେ ଜୁନ ପ୍ରଥମ ସପ୍ତାହରେ, ୨୦୧୭ରେ ମେ ୩୦, ୨୦୧୮ରେ ମେ ୨୯, ୨୦୧୯ରେ ଜୁନ ୮,୨୦୨୦ରେ ଜୁନ ୧୧, ୨୦୨୧ରେ ଜୁନ ୧୧, ୨୦୨୨ରେ ମେ ୨୯ରେ ୨୦୨୩ରେ ଜୁନ ୮ରେ ୨୦୨୪ରେ ମେ ୩୦ରେ ୨୦୨୫ରେ ଜୁନ ପ୍ରଥମ ସପ୍ତାହରେ ଓ ୨୦୨୬ରେ ଜୁନ ୧୨ରେ ମୌସୁମୀ ଆସିଥିଲା । କାଳବୈଶାଖୀ ଦ୍ୱାରା ରଚିତ କିଛି କିଛି ସ୍ଥାନରେ ଘଡ଼ ଘଡ଼ି ସହ ବର୍ଷା ହେଉଛି, ଯାହାକି ଚାଷ ଲାଗି ସହାୟକ ହୋଇ ପାରୁନି । ସୋଆ ଜଳ ବାୟୁ ଓ ପାଣି ପାଗ କେନ୍ଦ୍ର ନିର୍ଦ୍ଦେଶକ ଡ଼ ଶରତ ଚନ୍ଦ୍ର ସାହୁ କହିଛନ୍ତି, ଏଲନିନୋ ପ୍ରଭାବରେ ମୌସୁମୀ ବର୍ଷା ହେଉନଥିବା କହିଛନ୍ତି । ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର (ଆଇଏମଡି) ଆକଳନ ଅନୁସାରେ ଏହା ପହଂଚାଇବାରେ ଅହୁରି ବିଳମ୍ବହେବ । ତେବେ ଓଡିଶାରେ ଆସନ୍ତା ୧୯ ତାରିଖ ପରେ ମୌସୁମୀ ବର୍ଷା ହେବ ବୋଲି ସେ କହିଛନ୍ତି । ସାଧାରଣତଃ କେରଳରେ ମୌସୁମୀ ପହଂଚିବାର ୧୦ରୁ ୧୨ ଦିନ ପରେ ଓଡ଼ିଶାରେ ପହଂଚି ଥାଏ । ଏଣୁ ଓଡ଼ିଶାରେ ମୌସୁମୀ ପହଂଚିବା ବେଳକୁ ୧୯/୨୦ ତାରିଖ ହୋଇଯିବ ବୋଲି ପାଣିପାଗ ବିଭାଗ ମାନେ ଆକଳନ କରୁଛନ୍ତି । ଦିନରେ ଏବେ ବି ଗୁଳୁଗୁଳି ଜନ ସାଧାରଣଙ୍କୁ ଅତିଷ୍ଠ କରିଦେଉଛି ।

ବିଧବାଙ୍କ ରାସନ କାର୍ଡକୁ ନେଇ ବିବାଦ, ରାସନ କାର୍ଡ କାଟିଦେବାର ଧମକ

ଭଙ୍ଗେଶ୍ୱର, ୧୮/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଡଷ୍ଟା ତାଲୁକ ଆଇନ ସେବା ପ୍ରାଧିକରଣ ଅଧୀନରେ ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ରାଜକିଶୋର ପାତ୍ର ଦୀର୍ଘଦିନ ଧରି ଆଦିବାସୀ, ଭିନ୍ନକ୍ଷମ, ଅସହାୟ ମହିଳା ଓ ସମାଜର ଅବହେଳିତ ବର୍ଗଙ୍କୁ ନ୍ୟାୟ ଓ ସରକାରୀ ସହାୟତା ପହଂଚାଇବା ଦିଗରେ କାର୍ଯ୍ୟ କରିଆସୁଛନ୍ତି । ପ୍ରଶାସନର ସହଯୋଗରେ ଅନେକ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ସାମାଜିକ ସୁରକ୍ଷା ଭତ୍ତା, ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ସେ ଅଂଚଳରେ ଏକ ପରିଚିତ ନାମ ହୋଇପାରିଛନ୍ତି । ତେବେ ସମ୍ପ୍ରତି ଏକ ରାସନ କାର୍ଡ ଘଟଣାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଛି । ଅଭିଯୋଗ ଅନୁସାରେ, ବାଲିଆପାଳ ବ୍ଲକ ବାଳକୁଟି ପଂଚାୟତର କେଶୁଡିହା ଗ୍ରାମର ବିଧବା ମହିଳା ମଞ୍ଜୁଲତା ଦାସ ସ୍ୱାମୀଙ୍କ ମୃତ୍ୟୁ ଓ ଏକମାତ୍ର ଝିଅର ବିବାହ ପରେ ଅସହାୟ ଅବସ୍ଥାରେ ଜୀବନଯାପନ କରୁଥିଲେ । ଯୋଗ୍ୟ ହେବା ସତ୍ତ୍ୱେ ସେ ଦୀର୍ଘଦିନ ଧରି ରାସନ କାର୍ଡ ପାଇବାରୁ ବଂଚିତ ଥିଲେ । ଗତ ଜନଗଣନା ସର୍ଭେ ସମୟରେ ସରକାରୀ ଶିକ୍ଷକ ହରିପଦ ଭୂୟାଁଙ୍କ ମାଧ୍ୟମରେ ମଞ୍ଜୁଲତା ଦାସ ନିଜ ସମସ୍ୟା ବିଷୟରେ ରାଜକିଶୋର ପାତ୍ରଙ୍କୁ ଅବଗତ କରାଇଥିଲେ । ଏହାପରେ ଶ୍ରୀ ପାତ୍ର ଗତ ୧୯ ମଇ ୨୦୨୬ ତାରିଖରେ ବାଲିଆପାଳ ବିଡିଓଙ୍କୁ

ମଞ୍ଜୁଲତାଙ୍କ ରାସନ କାର୍ଡ ପ୍ରଦାନ ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ । ପ୍ରଶାସନିକ ସୂଚନା ଅନୁଯାୟୀ ପରେ ମଞ୍ଜୁଲତାଙ୍କ ନାମରେ ସରକାରୀ ନିୟମ ଅନୁସାରେ ରାସନ କାର୍ଡ ପ୍ରସ୍ତୁତ ହୋଇଥିଲା । ରଜ ପର୍ବ ଅବସରରେ "ଆମ ଅଧିକାର ଫାଉଣ୍ଡେସନ"ର ସହଯୋଗରେ ଓ ହରିପଦ ଭୂୟାଁଙ୍କ ଉପସ୍ଥିତିରେ ମଞ୍ଜୁଲତା ଦାସଙ୍କୁ ରଙ୍ଗିନ ରାସନ କାର୍ଡ ପ୍ରଦାନ କରାଯାଇଥିଲା । ମାତ୍ର ଏହି ସାମାଜିକ କାର୍ଯ୍ୟକ୍ରମ ପରେ କିଛି ଦଳୀୟ ନେତା ଓ କର୍ମୀ ଅସନ୍ତୋଷ ପ୍ରକାଶ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ବାଳକୁଟି ପଂଚାୟତର ନିର୍ଦ୍ଦିଷ୍ଟ ଦଳର ସଭାପତି ରାମକୃଷ୍ଣ ପ୍ରଧାନ ଓ ତାଙ୍କ ସମର୍ଥକମାନେ ମଞ୍ଜୁଲତା ଦାସଙ୍କୁ ରାସନ କାର୍ଡ କାଟିଦେବା ଏବଂ ଚାଉଳ ବନ୍ଦ କରିଦେବାର ଭୟ ଦେଖାଇ ସେମାନଙ୍କ ସପକ୍ଷରେ ଓ ରାଜକିଶୋର ପାତ୍ରଙ୍କ ବିରୋଧରେ ବକ୍ତବ୍ୟ ଦେବାକୁ ବାଧ କରିଥିଲେ । ଏପରିକି ଏକ ଭିଡିଓ ରେକର୍ଡ କରି ତାହାକୁ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହା ସହିତ ରାସନ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଶ୍ରୀ ପାତ୍ରଙ୍କ ସହ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ଉଠିଛି । ଫଳରେ ଏବେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି— ବାଲିଆପାଳରେ ରାସନ ବ୍ୟବସ୍ଥା କଣ ନିୟମ ଓ ଯୋଗ୍ୟତା ଆଧାରରେ ଚାଲୁଛି, ନା କି ଦଳୀୟ ପ୍ରଭାବ ଅଧୀନରେ ? ସ୍ଥାନୀୟ ଲୋକଙ୍କ ମତରେ, ଯଦି ମଞ୍ଜୁଲତା ଦାସ ସରକାରୀ ନିୟମ ଅନୁସାରେ ଯୋଗ୍ୟ ହିତାଧିକାରୀ ଥିଲେ, ତେବେ ସେ ଦୀର୍ଘଦିନ ଧରି କାହିଁକି ରାସନ କାର୍ଡ ପାଇଲେ ନାହିଁ ? ଏବଂ ତାଙ୍କ ପରେ ଆବେଦନ କରିଥିବା ଅନ୍ୟ ଲୋକମାନେ କିପରି ପ୍ରଥମେ ଏହି ସୁବିଧା ପାଇଲେ ? ଏହି ପ୍ରଶ୍ନର ଉତ୍ତର ଓ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି ଜୋର ଧରିଛି ।

ଜିଲ୍ଲାସ୍ତରୀୟ ମକ ଡ୍ରିଲ ନିମନ୍ତେ ଟେବୁଲ ଟପ୍ ଏକସରସାଇଜ

ବାଲେଶ୍ୱର, ୧୮/୦୬ (ଆ.ପ୍ର) : ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ ଘଟିକାରେ ଟେବୁଲ ଟପ ଏକସରସାଇଜ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିଅମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର ସଦର ବ୍ଲକ ଓ ବାଲେଶ୍ୱର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ସମ୍ଭାବ୍ୟ ବନ୍ୟା, ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟା ପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ

ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ ୧୯ ତାରିଖରେ ଏକ ମକଡ୍ରିଲ ଲାଗି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଅଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ ସ୍ଥାନୀୟ ବିଡିଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ମାନେ ଅବଗତ କରାଇବେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ଆରଣ୍ୟକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନଡିଆରଏଫ, ଓଡ୍ରାଫ ବାହିନୀ, ସ୍ୱେଚ୍ଛାସେବି ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏବଂ ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୮/୦୬ (ଆ.ପ୍ର) : ଆଜି ଭୋଇ ସାହି ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଜିଲ୍ଲା ବିଜେପି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି, ।ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷର ସଫଳତା କିପରି ପଂଚାୟତ ଓ ବୁଥ୍ ସ୍ତରରେ ଜନ ସାଧାରଣଙ୍କ ନିକଟରେ ପହଂଚିବ ସେ ବିଷୟରେ ଜିଲ୍ଲା ସଭାପତି ଶ୍ରୀ ବେହେରା ଆଲୋଚନା କରିଥିଲେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଜିଲ୍ଲାର ମୋଟ ୩୩ଟି ମଣ୍ଡଳର ପ୍ରଭାରୀଙ୍କ ସହ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ତଥା ନୀଳଗିରି

ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସୋରୋ ବିଧାନ ସଭା ପ୍ରଭାରି ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ସଂପାଦକ ତଥା ସିମୁଳିଆ ବିଧାନ ସଭା ପ୍ରଭାରି ରାଜେଶ୍ ମହାପାତ୍ର, ରେମୁଣା ପ୍ରଭାରୀ ତଥା ଜିଲ୍ଲା ସଂପାଦକ ଚିତରଞ୍ଜନ ପଣ୍ଡା, ସଦର ବିଧାନ ସଭା ପ୍ରଭାରି ତଥା ଜିଲ୍ଲା ବିଜେପି ଉପ ସଭାପତି ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଯଥାକ୍ରମେ ମନ୍ କି ବାତ୍, ବୁଥ ଓ ଶକ୍ତି କେନ୍ଦ୍ର ସ୍ତରୀୟ ବୈଠକ ଓ ଜୁନ ୨୧ ତାରିଖ ରେ ଥିବା ଯୋଗ ଦିବସ ସମ୍ବନ୍ଧୀୟ ଆଲୋଚନା କରିଥିଲେ , ବୈଠକ ପ୍ରାରମ୍ଭ ରେ ରାଷ୍ଟ୍ରିୟ ବନ୍ଦନା ଓ ଶେଷ ରେ ରାଷ୍ଟ୍ରିୟ ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା ।

ବିଶ୍ୱ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ବାଲେଶ୍ୱର, ୧୮/୦୬ (ଆ.ପ୍ର) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଜୁନ୍ ୨୧ ତାରିଖକୁ ସାରା ବିଶ୍ୱ ଆନ୍ତର୍ଜାତିକ ଯୋଗ ଦିବସ ଭାବରେ ପାଳନ କରୁଛି । ଯୋଗ ଓ ପ୍ରାଣାୟମ ଦ୍ୱାରା, ଦେହ ଓ ମନ ସୁସ୍ଥ ରହେ । ଜୁନ୍ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଯୋଗ ସପ୍ତାହ ପାଳନ କରାଯାଉଛି । ଆଜି ବାଲେଶ୍ୱର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ

ସୁସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଶାନ୍ତି କାନନ ପାରେ ଯୋଗ ଦିବସ ପାଳନ କରିଛି । ଏଥିରେ ଯୋଗ ଶିକ୍ଷକ ଭାବରେ କୀର୍ତ୍ତି ସୁନ୍ଦର ସେନ, ମଧୁଶ୍ରୀ ପଣ୍ଡା, ପ୍ରିୟ ରାଣୀ ମଲ୍ଲିକ, ସୁଜାତା ପଣ୍ଡା, ପ୍ରଶାନ୍ତି ପଣ୍ଡା, ଆଶ୍ରୀତା ତରେଇ, ସୁଧାଞ୍ଜଳି ନାୟକ, ମନୋରମା ଦାସ ସହ ଶତାଧିକ ମହିଳା ଯୋଗ ଦେଇଥିଲେ ।

ସ୍ତ୍ରୀକୁ ପଥରରେ ଛେଚି ଛେଚି ମାରିଲା ସ୍ୱାମୀ

ସିମୁଳିଆ, ୧୮/୦୬ (ଆ.ପ୍ର) : ସାରା ରାଜ୍ୟରେ ରଜ ମହୋତ୍ସବ ପାଳନ କରୁଥିବା ବେଳେ ପରକୀୟା ପ୍ରୀତିକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କଳି, ଉତ୍ୟକ୍ତ ସ୍ୱାମୀ ନିଶା ଶକ୍ତ ଅବସ୍ଥାରେ ପଥରରେ ଛେଚି ଛେଚି ମାରିଦେବା ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଅଡା ପଂଚାୟତର ଅଡା ଆଦିବାସୀ ସାହିର ରାଜୁ ସିଂ (୩୩)ବର୍ଷଙ୍କ ଅନ୍ୟ ଏକ ମହିଳା ସହ ପରକୀୟା ପ୍ରୀତି ଯୋଗୁଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ନମିତା ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ନିଶାଶକ୍ତ ଅବସ୍ଥାରେ ଥିବାରୁ ସ୍ୱାମୀ ରାଜୁ ଉତ୍ୟକ୍ତ ହୋଇ ଏକ ପଥର ସାହାଯ୍ୟରେ ସ୍ତ୍ରୀକୁ ବାରମ୍ବାର ଆଘାତ ଦେଇଥିଲା । ଫଳରେ ସ୍ତ୍ରୀ ଅଚେତ ହୋଇ ପଡି ଯାଇଥିଲେ । ସକାଳେ ନମିତାଙ୍କୁ ଯେତେ ଡାକିଥିଲେ ବି ସେ ଆଉ ଉଠି ନ ଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳକୁ ଯାଇ ଶବକୁ ଜବତ କରିବା ସହ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ । ଏହି ଘଟଣାରେ ବାଲେଶ୍ୱର ସାଇଂଟିଫିକ ଟିମ ତଦନ୍ତ କରି ଫେରିଛି । ଆଜି ସିମୁଳିଆ ପୋଲିସ ସ୍ୱାମୀ ରାଜୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଏ ସଂକ୍ରାନ୍ତରେ ରାଜୁର ଭଉଣୀ ଗୀତା ମୁଣ୍ଡା ଭାଇ ଭାଉଜଙ୍କୁ ପଥରରେ ଛେଚି ଛେଚି ମାରି ଦେଇଥିବା ନେଇ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଛି । ପ୍ରକାଶ ଥାଉକି ରାଜୁ ଓ ନମିତାର ୪ଟି ଛୋଟ ଛୋଟ ପିଲା ଅଛନ୍ତି । ମାଆର ମୃତ୍ୟୁ ସାଙ୍ଗକୁ ବାପାକୁ ହାଜତକୁ ଯିବାକୁ ପଡିଛି । ପିଲାମାନେ ରହିବେ କେଉଁଠି, ଖାଇବେ କଣ, ଆଉ ସେମାନଙ୍କୁ ଲାଳନ ପାଳନ କିପରି ହେବେ ସେଥିନେଇ ଅଂଚଳବାସୀ ପରିବାରର ପିଲାମାନଙ୍କୁ ସରକାରୀ ସହାୟତାରେ ଥଇଥାନ କରିବାକୁ ନିବେଦନ କରିଛନ୍ତି ।

ଉତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗଶ୍ୱର ଠାରେ ଶ୍ରୀ ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

ନୀଳଗିରି, ୧୮/୦୬ (ଆ.ପ୍ର) : ସମଗ୍ର ଦେଶରେ ପ୍ରସିଦ୍ଧି ଅର୍ଜନ କରିଥିବା ଉତର ଓଡ଼ିଶା ର ଶ୍ରେଷ୍ଠ ପାବନ ହରକ୍ଷେତ୍ର ପଂଚଲିଙ୍ଗଶ୍ୱର ଶୈବ ପୀଠ,ଦେବଗିରି ପାହାଡ ପାଦ ଦେଶରେ ଷଷ୍ଠ ଦିନବ୍ୟାପୀ :ଶ୍ରୀ ଶ୍ରୀ

ଶ୍ରୀ ପତିତ ପାବନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି । ସୂଚନାରୁ ଜଣାଯାଇଛି, ଆଜି ତା ୧୯/୦୬/୨୬ ରିଖରୁ ତା,୨୪/୦୬/୨୬ ରିଖ ପର୍ଯ୍ୟନ୍ତ ଉକ୍ତ ଉତ୍ସବ ବୈଦିକ ରୀତି ନୀତି ଅନୁଯାୟୀ ଅନୁଷ୍ଠିତ ହେବ । ଆଜି ପ୍ରାତ କାଳରୁ ଯଜ୍ଞଶାଳା,କୁଣ୍ଡ,ମଣ୍ଡପ ଓ ମଣ୍ଡଳ କାର୍ଯ୍ୟ ଆରମ୍ଭ ହୋଇ ସଂଧ୍ୟାରେ ଅଙ୍କୁରା ରୋପଣ /ଗର୍ଭାଧାନ ଓ ବିଗ୍ରହ ଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ । ଦ୍ୱିତୀୟ ଦିବସରେ କଳସ ଯାତ୍ରା, କୁଣ୍ଡ ସଂସ୍କାର , ଅଗ୍ନି ସ୍ଥାପନ ଓ ଆଚାର୍ଯ୍ୟ ବରଣ କାର୍ଯ୍ୟ ସମାପନ ହେବ । ତୃତୀୟ ଦିବସରେ, ସୂର୍ଯ୍ୟ ପୂଜା - ଗୋ ପୂଜା,ଶାଳ ପୂଜା, ଯଜ୍ଞ, ଗୀତା, ସ୍ନାନ, ଶୟନ, ବିଶ୍ରାମ, ଚଣ୍ଡୀ ଅଭିଷେକ କାର୍ଯ୍ୟ ସମସ୍ତ ରୀତି ନୀତି ଅନୁଯାୟୀ ଅନୁଷ୍ଠିତ ହେବ । ଚତୁର୍ଥ ଦିବସରେ, ସୂର୍ଯ୍ୟ ପୂଜା - ଗୋ ପୂଜା, ଦେବତା ନ୍ୟାସ ପ୍ରତିଷ୍ଠା, ଯଜ୍ଞ,ଧୂପ,ଚକ୍ର, ଧ୍ୱଜ, ଶିବ ମନ୍ଦିର ପ୍ରତିଷ୍ଠା, ପାର୍ଶ୍ୱ ଦେବତା ସ୍ଥାପନ କାର୍ଯ୍ୟ ସମ୍ପନ୍ନ କରାଯିବ । ପଂଚମ ଦିବସ ରେ,ସୂର୍ଯ୍ୟ ପୂଜା - ଗୋ ପୂଜା,ଜଗନ୍ନାଥ ମନ୍ଦିର ଦର୍ଶନ,ପୂଜା, ଗୀତା,ଚଣ୍ଡୀ,ରଦ୍ରାଭିଷେକ, ଆରତୀ ଓ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ କରାଯିବ । ଉଦଯାପନୀ ଦିବସରେ, ସୂର୍ଯ୍ୟ -ପୂଜା - ଗୋ -ପୂଜା, ଯଜ୍ଞ, ଆରତୀ, ପୁଷ୍ପାଞ୍ଜଳି ଓ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହେବ । ଏଠାରେ ସୂଚନା ଯୋଗ୍ୟ, ଏହି ପ୍ରତିଷ୍ଠା କାର୍ଯ୍ୟରେ ଶ୍ରୀ କ୍ଷେତ୍ର ପୁରୀ, ଶ୍ରୀ ମନ୍ଦିର, ଛତିଶା ନିଯୋଗର ବର୍ଷାୟାନ ପଣ୍ଡିତ ଜନାର୍ଦ୍ଦନ ମହାପାତ୍ର, ମଠାଧୀଶ ଓ ସେବାୟତଙ୍କ ଅକୁଣ୍ଠ ସାହଯ୍ୟ ଓ ସମର୍ଥନରେ ପ୍ରତିଷ୍ଠା କାର୍ଯ୍ୟ ହେଉଅଛି । ଏଥିରେ ନୀଳଗିରିର ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଓ ରାଣୀ ସାହେବା ମନୋହାମଞ୍ଜରୀ ଦେବୀ ପୂର୍ଣ୍ଣାହୁତି ପ୍ରଦାନ କରିବେ । ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସିଦ୍ଧ ସାଧକ ଗୁରୁ ହର୍ଷ କୁମାର ଶତପଥି ଓ ନୀଳଗିରି ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ବ୍ରହ୍ମା ଓ ଅନ୍ୟ ସମସ୍ତ ସେବାୟତଙ୍କ ଅକୁଣ୍ଠ ସହାୟତାରେ ଅନୁଷ୍ଠିତ ହେବ । ଏଭଳି ଏକ ପୂତ-ପବିତ୍ର ଆଧ୍ୟାତ୍ମିକ କାର୍ଯ୍ୟ କ୍ରମରେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇ, ପରମ କାରୁଣିକ ଶ୍ରୀ ଜଗନ୍ନାଥଙ୍କ ଆଶିଷ ଲାଭ କରିବା ପାଇଁ ଶ୍ରୀ ଶ୍ରୀ ପତିତ ପାବନ ହରକ୍ଷେତ୍ର ବାସୀ ସମସ୍ତଙ୍କୁ ନିବେଦନ କରିଛନ୍ତି ।

କଂଗ୍ରେସ ଦଳର ୬ ଅଭିଯୁକ୍ତ ଜେଲରୁ ମୁକୁଳିଲେ

ନୀଳଗିରି, ୧୮/୦୬ (ଆ.ପ୍ର) : ବିଭିନ୍ନ ମିଥ୍ୟା ମାମଲାରେ ଛନ୍ଦି ହୋଇ ଜେଲ ଥିବା ୬ ଜଣ ଅଭିଯୁକ୍ତ ଆଜି ଜାମିନ ପାଇବା ପରେ ଜେଲ୍‌ରୁ ମୁକୁଳି ଛନ୍ତି । ସୂଚନାରୁ ଜଣାଯାଇଛି । ଦୀର୍ଘ ଆଠ / ଦଶ ଦିନ ହେବ ଦକ୍ଷିଣ ନରସିଂହପୁର ପଂଚାୟତ, ପ୍ରତାପଡ଼ା ଗାଁର ଲକ୍ଷ୍ମୀକାନ୍ତ ରାଉତ, ଦିବ୍ୟଜ୍ୟୋତି ରାଉତ, ରତିକାନ୍ତ ରାଉତ ଓ ଈଶ୍ୱରପୁର ପଂଚାୟତ, ମରେଇ ଗାଁର ପର୍ଶୁରାମ ପଲେଇ, ମାନସ କୁମାର ପଲେଇ ଓ ରାଜେଶ ଉପାଧ୍ୟାୟ ବିଭିନ୍ନ ମିଛ ମାମଲାରେ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ ନୀଳଗିରି ସବ୍ ଜେଲରେ ଥିଲେ । ଆଜି ଅପରାହ୍ଣରେ ଜେଲରୁ ମୁକୁଳିବା ପରେ, କଂଗ୍ରେସର ଜିଲ୍ଲା

ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ବ୍ଲକ ସଭାପତି ତପନ କୁମାର ରାଉତ, କୃଷକ ମୋର୍ଚ୍ଚା ରାଜ୍ୟ ଉପ ସଭାପତି ଯଶୋଦା ନନ୍ଦନ ସିଂହ, ଏନ୍ ଏ ସି ସଭାପତି ଉପେନ୍ଦ୍ର ବେହେରା, ଯୁବ କଂଗ୍ରେସ ଅଶ୍ୱିନି ପାତ୍ର ମିଡିଆ ସଂଯୋଜକ ପ୍ରଫୁଲ୍ଲ କୁମାର ମହାନ୍ତି, ବିଦ୍ୟାଧର ମହାନ୍ତି, ବାପୁଜୀ ମହାନ୍ତି, କମଳାକାନ୍ତ ରାଉତ,ସଚିନ୍ଦ୍ର ସାହୁ, ଦିବାକର ବିଶ୍ୱାଳ, ଲମ୍ବୋଦର ଦର୍ଶଲ, ଭରତ ନାୟକ, ଭଜ ରାଉତ, ନଟ ସ, ସପନ ସ, ବିଷ୍ଣୁ ମୋହନ ସ, ପ୍ରହଲ୍ଲାଦ ସ,ରମାକାନ୍ତ ବାରିକ, ସୁକୁଟୀ ଜେନା, ଅଜୟ ଜେନା ଓ ବିଶ୍ୱନାଥ ଦାସ ପ୍ରମୁଖ ମୁକୁଳି ଥିବା ଦଳୀୟ କର୍ମୀ ମାନଙ୍କୁ ଫୁଲ ହାର ଦେଇ ସ୍ୱାଗତ କରିଥିଲେ । ଏଠାରେ ସୂଚନା ଯୋଗ୍ୟ, ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଗୌରହରି ବେହେରା, ଗଦାଧର ପରିଡା, କିଶୋର ଦାସ ମୋକଦ୍ଦମା ପରିଚାଳନା କରିଥିଲେ ।

ଚାମେଲି ଓଝାଙ୍କ ପାଇଁ ନ୍ୟାୟ ଦାବୀ କରି ଉପ ଜିଲ୍ଲାପାଳ ଅଫିସ ସମ୍ମୁଖରେ ସର୍ବ ଦଳୀୟ ଗଣ ଧାରଣା

ନୀଳଗିରି, ୧୮/୦୬ (ଆ.ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକର ତିଖିରି ପଂଚାୟତ ର ବିଜେପି ସମର୍ଥିତ ଦଳିତ ସମ୍ପ୍ରଦାୟ ର ମହିଳା ସରପଂଚ ଚାମେଲୀ ଓଝାଙ୍କ ପ୍ରତି ବିଡ଼ିଓଙ୍କ ଦ୍ୱାରା ପ୍ରାୟୋଜିତ ଗୁଣ୍ଡାରାଜ, ସ୍ଥାନୀୟ ରାଜନେତାଙ୍କ ଚାପ ରେ ସ୍ଥାନୀୟ ପୋଲିସଙ୍କ ଦ୍ୱାରା କରା ଯାଇଥିବା ବର୍ବରୋଚିତ ଆକ୍ରମଣ ଓ ଅତ୍ୟାଚାର ବିରୁଦ୍ଧରେ ନୀଳଗିରି ନିର୍ବାଚନ ମଣ୍ଡଳୀର ରାଜ୍ୟ ସରକାରଙ୍କ ସମସ୍ତ ବିରୋଧି ରାଜନୈତିକ ଦଳ ଯଥାକ୍ରମେ ସିପିଆଇ, ସିପିଆଇ(ଏମ), ବିଜେଡି ଓ ଜାତୀୟ କଂଗ୍ରେସ ଦଳ ତରଫରୁ ଓ ବିଭିନ୍ନ ପଂଚାୟତର ସରପଂଚ ତଥା ସମିତି ସଭ୍ୟଙ୍କ ମିଳିତ ପ୍ରତିବାଦ ଗଣ ଧାରଣା ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଏହି ଗଣ ଧାରଣା ରେ ବରିଷ୍ଠ ସିପିଆଇ ନେତା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ

ବାରିକ ସଭାପତିତ୍ୱ କରିଥିବା ବେଳେ ସିପିଆଇ(ଏମ)ର ଯୋଗାନନ୍ଦ ଦାସ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ବିଜେଡିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ଗଙ୍ଗାଧର ମିଶ୍ର, ରବୀନ୍ଦ୍ର ପରିଡା, ସିପିଆଇର ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ଜୋନ ସମ୍ପାଦକ ବିଜୟ ସ, ଜାତୀୟ କଂଗ୍ରେସର କୃଷକ ସେଲର ରାଜ୍ୟ ସମ୍ପାଦକ ଯଶୋଦା ନନ୍ଦନ ସିଂହ ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଦକ୍ଷିଣ ନରସିଂହପୁରର ପୂର୍ବତନ ସରପଂଚ ବିଦ୍ୟାଧର ମହାନ୍ତି, ନାରୀ ନେତ୍ରୀ ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଦେବେନ୍ଦ୍ର ବେହେରା, ବିଦ୍ୟାଧର ବେହେରା, ବିଜେଡି ଦଳର ଖନ୍ତାପଡ଼ା ପଂଚାୟତର ପୂର୍ବତନ ସମିତି ସଭ୍ୟ ରମାକାନ୍ତ ବାରିକଙ୍କ ସମେତ ଶତାଧିକ ନେତା ନେତୃତ୍ୱ ଯୋଗଦାନ କରିଥିଲେ । ପରେ ନିରଞ୍ଜନ ବାରିକଙ୍କ ନେତୃତ୍ୱ ରେ ବିଧାୟକ ସୁକାନ୍ତ ନାୟକ, ଓ ଅନ୍ୟ ବିରୋଧି ଦଳର ନେତୃତ୍ୱ ମାନେ ଏକାଠି ୬ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ଓଡିଶା ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରି ଥିଲେ । ଚାମେଲୀ ଓଝାଙ୍କୁ ନ୍ୟାୟ ନ ମିଳିଲେ ମିଳିତ ଦଳ ତରଫରୁ ଆନ୍ଦୋଳନ ଜାରି ରହିବ ବୋଲି ସାମ୍ବାଦିକଙ୍କ ପାରେ ବିରୋଧୀ ମାନେ ପ୍ରକାଶ କରିଥିଲେ ।

ରାଜ୍ୟସରକାରଙ୍କ ଘୋଷଣା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲିଆପାଳର ଚଉମୁଖ-ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକାଶ ଦାବିରେ ଗଣଧାରଣା

ବାଲେଶ୍ୱର, ୧୮/୦୬ (ଆ.ପ୍ର) : ଗତ ୧୯୯୮ ମସିହା ଠାରୁ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବାଲିଆପାଳର ଚଉମୁଖ-ଡଗରାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ତୁରନ୍ତ ବିକାଶ କରାଯାଉ ବୋଲି ଦାବିକରି ସେଇ ଅଞ୍ଚଳର ଶତାଧିକ ନରନାରୀ ବୁଧବାର ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦେଇଥିଲେ । ଏହି ଧାରଣାସ୍ଥଳ ସଭାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାସ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ । ଉକ୍ତ ଗଣଧାରଣା ସ୍ଥଳରେ ବିଭିନ୍ନ ରାଜନୈତିକ ଦଳ ତଥା ଗଣ ସଂଗଠନର ନେତୃବୃନ୍ଦ ଉଦ୍‌ବୋଧନ ଦେଇ କହିଥିଲେ କି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନଂ ୨୦୪୦/୭୫ ତା ୨୬-୦୨-୧୯୯୮ ରିଖ ମାଧ୍ୟମରେ ଚଉମୁଖ-ଡଗରା ବେଳାଭୂମିକୁ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ସ୍ୱୀକୃତି ଦେଇଥିଲାବେଳେ ଦୀର୍ଘବର୍ଷ ଧରି ଏଥିପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ବକ୍ତାମାନେ ଗଭୀର କ୍ଷୋଭ ପ୍ରକାଶ

କରିଥିଲେ । ବିସ୍ତାର୍ଣ୍ଣ ବେଳାଭୂମି, ଝାଉଁ ଓ କେନ୍ତାଳ ବଣର ମନୋରମ ପ୍ରାକୃତିକ ସବୁଜିମା, ଜୈବ ବିବିଧତା, ନାଲି ଓ ନୀଳରଙ୍ଗ କଙ୍କଡ଼ାର ଚାରଣଭୂଇଁ ଏବଂ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦେବା ସ୍ଥଳୀ ହୋଇଥିବାରୁ ଏହି ଅଞ୍ଚଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । କିନ୍ତୁ ଅତୀତ ଓ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଦୀର୍ଘବର୍ଷ ଧରି ଏହା ଅବହେଳିତ ହୋଇ ଏବଂ ଘୋଷଣାସର୍ବସ୍ୱ ହୋଇ ରହିଛି । ଏହି ଅଞ୍ଚଳର ବିକାଶ ହେଲେ ସ୍ଥାନୀୟ ଅଧିବାସୀ ଓ ରାଜ୍ୟ ସରକାରଙ୍କର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ ବୋଲି ସେମାନେ କହିଥିଲେ । ଗତ ୨୦୨୪ ଡିସେମ୍ବର ୧୭ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ଜନଶୁଣାଣିର ବିବରଣୀ ପ୍ରକାଶ ପାଇଁ ସେମାନେ ଦାବି କରିଥିଲେ । ଧାରଣାସ୍ଥଳରୁ ଅନୁଜ ମହାପାତ୍ର, ନାରାୟଣ ଖଟୁଆ, ଅନୁପ ମହାନ୍ତି, କନକଲତା ଦେ, କୁନି ମଣ୍ଡଳ, ଜୟନ୍ତୀ ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ସାକ୍ଷାତ କରି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଚଉମୁଖ-ଡଗରା ଅଞ୍ଚଳକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ପର୍ଯ୍ୟଟନ କ୍ଷେତ୍ରଭାବେ ବିକାଶ କରିବାକୁ ସେମାନେ ଦାବି କରିଥିଲେ । ଏତଦ୍‌ଭିନ୍ନ ସୁବର୍ଣ୍ଣରେଖା ନଦୀଗର୍ଭରେ ଲୀନ ହୋଇଯାଉଥିବା ଅଞ୍ଚଳକୁ ରକ୍ଷା କରିବା ପାଇଁ ପଥରବନ୍ଧ ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଏହି ଗଣଧାରଣାରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ରମଣୀ ରଞ୍ଜନ ମଣ୍ଡଳ ଓ ଲକ୍ଷ୍ମୀକାନ୍ତ ଖଟୁଆ, କମିଟିର ଆବାହକ ଅରୁଣ ଜେନା, ଚଉମୁଖ ଗ୍ରାମବାସୀଙ୍କ ପକ୍ଷରୁ ରାଜେଶ ଚୌଧୁରୀ ଓ କୁଞ୍ଜବିହାରୀ ଜେନା ପ୍ରମୁଖଙ୍କ ସମେତ ସି.ପି.ଆଇର ଜିଲ୍ଲା ସଂପାଦକ ଭାରବତ ପ୍ରତିହାରୀ, ସି.ପି.ଆଇ(ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁତ ଓ ନିର୍ମଳ ନାୟକ, ଏସ୍.ୟୁ.ସି.ଆଇର ଯୁବନେତା ପ୍ରଶାନ୍ତ ଦାସ, କଂଗ୍ରେସର ନେତା ବିଜନ ନାୟକ, ବିଜେଡ଼ି ନେତା ମନ୍ମଥ ଗିରି, ଅଲ୍ ଇଣ୍ଡିଆ ଫରୱାର୍ଡ୍ ବ୍ଲକ୍‌ର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଗିରି, ଜେ.ଏମ୍.ଏମ୍ ଜିଲ୍ଲା ସଭାପତି କମଳଲୋଚନ ବାରିକ, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ସେକ୍ ଇସ୍‌ଲାମ୍ ଓ ତୁଷାରକାନ୍ତି ମହାପାତ୍ର, ବର୍ଷୀୟାନ୍ ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ସାମାଜିକ କର୍ମୀ ସାଧୁ ମଲ୍ଲିକ୍, କମଳାକାନ୍ତ ଜେନା, ବିନୋଦ କର, ତପନ ଜେନା, କାର୍ତ୍ତିକ ପାତ୍ର, କାହ୍ନୁଚରଣ ବିଶ୍ୱାଳ ଓ ଶୁକଦେବ ମଣ୍ଡଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

ସେଇଥିଲୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସଂପର୍କଶୂନ୍ୟ

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସର ଏକ ସମୀକ୍ଷାରୁ ଜଣାପଡ଼ିଛି - ମଣିଷର ଆଶାଆକାଂକ୍ଷା ତାଲିକାରେ ଅଗ୍ରାଧିକାର କ'ଣ କ'ଣ ପାଇବ । ସେଇ ଅନ୍ଦାଜ ଆମ ଅଧିକାଂଶଙ୍କର ଭୁଲ ଏବଂ ସରକାରଙ୍କର କାର୍ଯ୍ୟସୂଚୀରେ ଦାରିଦ୍ର୍ୟ ଦୂରୀକରଣ, କର୍ମସଂସ୍ଥାନ, ଶିକ୍ଷାପ୍ରସାର ଓ ସ୍ୱାସ୍ଥ୍ୟପ୍ରସାର ଆଭିମୁଖ୍ୟ ଯେଉଁ ପରିମାଣରେ ଗୁରୁତ୍ୱ ପାଉଛି, ତା'ଠାରୁ ଅଧିକ ଗୁରୁତ୍ୱ ପାଇବା ଉଚିତ୍ - ସହ୍ୟ ଶକ୍ତି, ଗୃହନିଗ୍ରହ, ଯୁବସମାଜ ମଧ୍ୟରେ ବିଚ୍ଛିନ୍ନତା, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାଭୟ । କାରଣ ଏ ସବୁର ପ୍ରଭାବରେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଦୁଶ୍ଚିନ୍ତା ଏତେ ବୃଦ୍ଧି ପାଉଛି ଯେ ମାନସିକ ସ୍ଥିତି ତଳକୁ ତଳକୁ ଯାଉଛି । ମଣିଷ ଅସୁଖୀ ହୋଇପଡୁଛି, ଯଦି ପରିବାର ମଧ୍ୟରେ ସ୍ନେହ, ପ୍ରୀତି ପାରସ୍ପରିକ ଶ୍ରଦ୍ଧା ଥାଏ, ସମାଜ ଜୀବନରେ ଶାନ୍ତି, ସମଝଦାର ବନ୍ଧୁ ଓ ଶୁଭେଚ୍ଛାସଂପନ୍ନ ଆତ୍ମୀୟବର୍ଗ - ତା'ହେଲେ ଦାରିଦ୍ର୍ୟଗ୍ରସ୍ତ ମଣିଷ ମଧ୍ୟ ମହାସୁଖରେ ଖୁସିମନରେ ନିଦରେ ଶୋଇପାରେ, ତାହାର ସଂପଦ ହେବ ତାହାର ଅନୁଦ୍‌ବିଗ୍ନ ହୃଦୟ । ଏ କଥାଟି ନୂଆ ନୁହେଁ । ବହୁ ମହାପୁରୁଷ ବାରମ୍ବାର କହିଛନ୍ତି । ଅର୍ଥ ଅପେକ୍ଷା ପରମାର୍ଥ ବହୁଗୁଣରେ ମୂଲ୍ୟବାନ । ମଣିଷ ତାହା ଶୁଣିଛନ୍ତି ଏବଂ ଭକ୍ତି ସହକାରେ ପ୍ରଣାମି ଦେଇଛନ୍ତି । ଯେଉଁ ମଣିଷଟି ପ୍ରେମ ନ ପାଇ ଜୀବନ ହରାଇ ଦିଏ କିମ୍ବା ପ୍ରେମ ପାଇବା ପାଇଁ ସଂପତ୍ତି ହରାଉଛି, ତାକୁ ଦେଖି ଲୋକେ ଭାବନ୍ତି - ଆବେଗର ଆତିଶଯ୍ୟ ଏହାର କ୍ଷତି କଲା ବା ଟଙ୍କାର ଅଭାବରେ କ୍ଷୁଧାର ଜ୍ୱାଳାରେ ମୃତ ମଣିଷର ଦୁଃଖଠାରୁ ଏହି ପ୍ରେମଦଗ୍ଧ ମଣିଷର ଦୁଃଖ ଅକସ୍ରଗୁଣ ତୀବ୍ରତର ହୋଇସାରିଛି । ସମୀକ୍ଷା କିନ୍ତୁ କହୁଛି - ବାସ୍ତବରେ ସଂପର୍କ ସ୍ପୃହା ହିଁ ଅଧିକ ଜୀବନ ନିୟନ୍ତକ । ସମୀକ୍ଷା ଏହା ମଧ୍ୟ ଜଣାଇଛି ଯେ ଶିକ୍ଷା ଆୟତ କରିବା ଅପେକ୍ଷା ଚମତ୍କାର ଜୀବନସଂଗୀ ସନ୍ଧାନରେ ମଣିଷର ନିକଟତର ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ଯୁବଛାତ୍ରସମାଜ ମଧ୍ୟରେ ଦ୍ରୁତଗତିରେ ଅପସଂସ୍କୃତି ପ୍ରବେଶ କରି ଭବିଷ୍ୟତ ଜୀବନକୁ ଅନ୍ଧକାରର ଏକ ଅନ୍ଧକୂପ ଆଡ଼େ ଆଗେଇ ନେଉଛି । ବହୁସଂଖ୍ୟାରେ ଦେଖିବାକୁ ମିଳୁଛି ଏପରି ଉଚ୍ଛୃଙ୍ଖଳ ଯୁବକଯୁବତୀମାନଙ୍କୁ ଯେଉଁମାନେ ପରବର୍ତ୍ତୀ କାଳରେ ଅନୁତାପ କରନ୍ତି ନାହିଁ ଯେ ସେତେବେଳେ ମନଦେଇ ପଢ଼ିଥିଲେ ଆଜି ସଂପନ୍ନ ଗୃହସ୍ଥ ହୋଇଥାନ୍ତୁ - ଶୀଘ୍ର ଶୀଘ୍ର ବାହାହୋଇ ସଂସାର କରି ଏଭଳି ଅନଟନରେ ପଡ଼ି ନଥାନ୍ତୁ । ଆଜିର ଯୁବଛାତ୍ରସମାଜ ମଧ୍ୟରେ ନୈତିକତା, ଆଦର୍ଶ, ସତ୍ୟତାର ଚିହ୍ନବର୍ଣ୍ଣ ଦୁର୍ଲଭ । ଯାଙ୍କ ସଂସ୍କୃତି, ଅପସଂସ୍କୃତିରେ କଣ୍ଠାଗ୍ରତ, ଏବକାର ଅଧିକାଂଶ ଯୁବଛାତ୍ରସମାଜ ଟିଭି ସିନେମା ଦେଖି ହିରୋ-ହିରୋଇନ୍‌ଭିଲାନମାନଙ୍କୁ ଅନୁକରଣ କରି ସେଇଭଳି ଅର୍ଦ୍ଧନଗ୍ନ ପୋଷାକ, ଚୁଟିକଟାକୁ ଅନୁକରଣ କରୁଛନ୍ତି । ବିଦେଶୀ ଖାଦ୍ୟ, ଜଙ୍କ ଫୁଡ୍‌କୁ ପ୍ରସାଦ ମନେ କରି ପାଣିଭଳି ପିଇଯାଉଛନ୍ତି । ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଟିଭିରେ ସିନେମା, ସିରିଅଲ୍ ଉପରୁ ଆଖିପତା ଫେରଉ ନାହାନ୍ତି । ମୋବାଇଲ୍ ତ ସବୁବେଳେ କାନରେ; ଆଙ୍ଗୁଠିଯାଇ ସ୍କ୍ରିନ୍ ଟଚ୍‌ରେ । ଏହା ଫଳରେ ଏକେତ ଅଖାଦ୍ୟ ଖାଇ ରୋଗରେ ପଡୁଛନ୍ତି ଏଣେ ଆଖି ଖରାପ ହେଉଛି - ତେଣେ ପକେଟ୍‌କୁ କଣା କରି ଟଙ୍କା ପଇସା ପବନରେ ଉଡ଼ିଯାଉଛି - ପୁଣି ରୋଜଗାର ନ ଥିବାରୁ ବାପମା'ଙ୍କୁ ଧମକେଇ ଚମକେଇ ଅର୍ଥ ନେଇଯାଉଛନ୍ତି । ଆଉ କେତେକେ ନିଜନିଜର ପ୍ରେମିକ-ପ୍ରେମିକାଙ୍କ ପର୍ସ ଖାଲିକରି ଦେଉଛନ୍ତି । ଏସବୁ ଧନଲୋଭୀ ଶିଳ୍ପପତି, କ୍ଷମତାଲୋଭୀ ଶାସକ-ପ୍ରଶାସକଙ୍କ କାରସାଦି । ଯୁବ-ଛାତ୍ରସମାଜ ମୁଣ୍ଡକୁ ଖରାପ ନ କଲେ ତାଙ୍କ ଶାସନ ଚାଲିପାରିବ ନାହିଁ । ସଂପତ୍ତି ସୁରକ୍ଷିତ ରହିବ ନାହିଁ । ଯେଉଁ ଦେଶରେ ଯୁବଛାତ୍ର ସମାଜ ଅନ୍ୟାୟ ଅତ୍ୟାଚାର, ଶୋଷଣ, କଷଣ, ହତ୍ୟା, ରାହାଜାନି, ଅପସଂସ୍କୃତି ବିରୋଧରେ ଖଡ୍‌ଗହସ୍ତ ହୁଏନା, ସେ ଦେଶର ଅଦୃଷ୍ଟରେ ଦୁର୍ଭାଗ୍ୟ ହିଁ ପ୍ରଥମ ଓ ଶେଷ ଲେଖା । ସେ ଦେଶ ଅଭାଗା । ଆମର ସବୁ ଥାଇ ଆମେ ହାହୁତାଶରେ ପ୍ରତିଦିନ ଟଂଟି ବି ମରୁଛେ । ଯିଏ ଯେତେବଡ଼ ଧନୀ ହୁଅନ୍ତୁ ପଛେ ମନରେ ସରସ ଭାବ ନାହିଁ ।

ହିଲିଓଫାଇଲ

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ପୃଥିବୀରେ ବାସ କରୁଥିବା ପ୍ରତି ମଣିଷଙ୍କର ପସନ୍ଦ ଭିନ୍ନ ହୋଇଥାଏ । କିଏ ଜହ୍ନ ଦେଖି ଅମୋଦିତ ହୁଏ ତ କାହାକୁ ଜୋଛନା ଆତ୍ମ ସନ୍ତୋଷ ପ୍ରଦାନ କରେ । କାହାକୁ ରାତ୍ରିର ଅମା ଅନ୍ଧାର ଭଲ ଲାଗେ ତ କିଏ ସୂର୍ଯ୍ୟ ଆଲୋକ ଦେଖି ଖୁସି ହୁଏ । ତେବେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକକୁ ଅଧିକ ପସନ୍ଦ କରୁଥିବା ବ୍ୟକ୍ତିଙ୍କୁ ହିଲିଓଫାଇଲ କୁହାଯାଏ । ହିଲିଓ ଶବ୍ଦଟି ଗ୍ରୀକ ଶବ୍ଦ ହିଲିଅସରୁ ଆସିଛି । ହିଲିଅସର ଅର୍ଥ ସୂର୍ଯ୍ୟ । ସୂର୍ଯ୍ୟଙ୍କ ମଧ୍ୟରେ ହିଲିୟମ ଗ୍ୟାସ ଭରି ରହିଥିବାରୁ ଗ୍ରୀକ ଭାଷାରେ ସୂର୍ଯ୍ୟଙ୍କୁ ହିଲିଅସ କୁହାଯାଏ । ଅନୁରୂପ ଭାବରେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକ ପ୍ରତି ମାତ୍ରାଧିକ ଆସକ୍ତି ଥିବା ବ୍ୟକ୍ତିଙ୍କୁ ହିଲିଓଫାଇଲ କୁହାଯାଏ । ସୌର ରଶ୍ମୀ ପ୍ରାୟ ସମସ୍ତଙ୍କୁ ବିରକ୍ତ କରିଥାଏ । ଟିକେ ଟାଣ ଖରା ହେଲେ ଅନେକ ଘରୁ ବାହାରକୁ ବାହାରିବା ପାଇଁ ପସନ୍ଦ କରନ୍ତି ନାହିଁ । ଏପରିକି ଅନେକ ବ୍ୟକ୍ତି କ୍ଷୀପ୍ର ସୌର ରଶ୍ମୀ ସଂସ୍ପର୍ଶରେ ଆସିଲେ ସେମାନଙ୍କର ଆଲର୍ଜି ହେବା ସହ ଶରୀର ଲାଲ ପଡ଼ିଯାଏ । କିନ୍ତୁ ହିଲିଓଫାଇଲ ବ୍ୟକ୍ତିମାନେ ଠିକ ଏହାର ବିପରୀତ ହୋଇଥାନ୍ତି । ହିଲିଓଫାଇଲ ବ୍ୟକ୍ତିମାନଙ୍କୁ ପ୍ରାକୃତିକ ଭାବେ ସୌର ରଶ୍ମୀ ଆକର୍ଷିତ କରେ ।

ଏହି ବ୍ୟକ୍ତିମାନେ ସୂର୍ଯ୍ୟ କିରଣକୁ ଉପଭୋଗ କରିଥାନ୍ତି ଓ ସୂର୍ଯ୍ୟ ଆଲୋକରେ ଅଧିକ ସମୟ ବିତାଇବାକୁ ପସନ୍ଦ କରନ୍ତି । କୋଇ ମିଲ ଗୟା ସିନେମାର ଯାଦୁ ପରି ଏମାନେ ସୂର୍ଯ୍ୟ ଆଲୋକରୁ ଏକ ଅଦ୍ଭୁତ ସକାରାତ୍ମକ ଶକ୍ତି ପାଉଥିବା ଭଳି ଅନୁଭବ କରନ୍ତି । ଏପରିକି ଏମାନଙ୍କ ମାନସିକ ଶାନ୍ତି ଓ ଖୁସି ମଧ୍ୟ ସୂର୍ଯ୍ୟ ଆଲୋକ ଉପରେ ନିର୍ଭର କରିଥାଏ । ସୂର୍ଯ୍ୟଙ୍କ ଉପରେ ବାଦଲ ଆଚ୍ଛାଦିତ ହୋଇଗଲେ ବା ମେଘୁଆ ଦିନ ମାନଙ୍କରେ ଏମାନଙ୍କୁ ମାନ୍ଦା ଲାଗିଥାଏ । ନିର୍ମଳ ଆକାଶ ଓ ସ୍ୱଷ୍ଟ ଭାବେ ସୂର୍ଯ୍ୟାଲୋକ ପଡୁଥିବା ଦିନଗୁଡ଼ିକୁ ହିଲିଓଫାଇଲ ବ୍ୟକ୍ତିମାନେ ଉପଭୋଗ କରିଥାନ୍ତି । ବୈଜ୍ଞାନିକ ମାନଙ୍କ କହିବା ଅନୁସାରେ ସୂର୍ଯ୍ୟ ଆଲୋକରେ ଅଧିକ ସମୟ ବିତାଇବା ଦ୍ୱାରା ଆମ ଶରୀରରେ ସେରୋଟୋନିନ ନାମକ ଏକ ହରମୋନ କ୍ଷରଣ ହୁଏ ଯାହା ଆମକୁ ଖୁସି ରଖିବାରେ ସାହାଯ୍ୟ କରେ । ଏହା ବ୍ୟତୀତ ପ୍ରତିଦିନ ସୂର୍ଯ୍ୟ ଆଲୋକରେ ପନ୍ଦର ମିନିଟ ସମୟ ବିତାଇବା ଦ୍ୱାରା ଶରୀରରୁ ଭିଟାମିନ-ଡିର ଅଭାବ ମଧ୍ୟ ଦୂର ହୋଇଥାଏ । ଏହି ଚେତନାକୁ ଗ୍ରହଣ କରିଥିବା ଯେ କେହିଙ୍କୁ କେବଳ କ୍ଷଣସ୍ଥାୟୀ ନୁହେଁ ଦୀର୍ଘସ୍ଥାୟୀ ଆନନ୍ଦ ମଧ୍ୟ ମିଳିଥାଏ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

ଛାତ୍ରଛାତ୍ରୀ ଓ ଯୁବପିଢିଙ୍କ ପାଇଁ ଅନ୍ଧାର ଭବିଷ୍ୟତ

॥ ଶ୍ରୀ ଭାଗବତ ପାଢ଼ୀ ॥

ନିକଟରେ ନିଟ୍ ପରୀକ୍ଷା ଲିକ୍ ଆଉଟ୍ ପରେ ଆଉ ଗୋଟିଏ ସମସ୍ୟା ଦେଖାଦେଇଛି । ତାହାହେଲା ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ତ୍ରୁଟିପୂର୍ଣ୍ଣ ମୁଦ୍ରଣ ।ତାହା ପିଲାମାନଙ୍କ ଭବିଷ୍ୟତ ନେଇ କେତେଦିନ ଖେଳ ଚାଲିବ କହିହେବ ନାହିଁ । ପ୍ରଥମତଃ ଯେଉଁମାନେ ପ୍ରତ୍ୟେକ ବିଷୟକୁ ନେଇ ଲେଖୁଛନ୍ତି ସେମାନେ ନିଜକୁ ଆଗରୁ ପ୍ରସ୍ତୁତ କରିବା ଦରକାର । ପୁସ୍ତକରେ କେଉଁ ବିଷୟ ବାହାରିବ ତାହାକୁ ସମ୍ପୂର୍ଣ୍ଣ ଭାବେ ଅନୁଶୀଳନ କରିବା ଆବଶ୍ୟକ । ଏଥିପାଇଁ ଯେଉଁ ସବୁ ବିଷୟରେ ଲେଖା ଯାଉଛି ସେସବୁ ବିଷୟରେ ତର୍ଜମା କରିବା ଦରକାର । କିଛି ସନ୍ଦେହ ରହିଲେ ସେସବୁ ଅଭିଜ୍ଞ ଶିକ୍ଷାବିତ୍ ମାନଂକ ପରାମର୍ଶ ନେବା ଦରକାର । ପୁସ୍ତକର ସବୁ ବିଷୟ ଟିକିନିଖି ଦେଖି ନିର୍ଭୁଲ ହୋଇନଥିବାର ସାର୍ଟିଫିକେଟ ଅଭିଜ୍ଞ ଶିକ୍ଷାବିତ୍ ମାନେ ଦେବେ । ଯଦ୍ୱାରା ସମ୍ପୂର୍ଣ୍ଣ ସଂଶୋଧିତ ପୁସ୍ତକ ସାର୍ବଜନୀନ ହୋଇପାରିବ । ଏହି ପ୍ରସଂଗରେ ମୋର ମନେପଡେ ଆମେ ପଢିଲାବେଳେ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କର ଓଡିଆ ବ୍ୟାକରଣ ଓ ପ୍ରବନ୍ଧ ପ୍ରସିଦ୍ଧି ଲାଭ କରିଥିଲା ।ଇଂରାଜୀ ବ୍ୟାକରଣ ହିସାବରେ ରେନ୍ ଏଣ୍ଡ ମାର୍ଟିନ୍ ଓ ହିଡେନ୍ ଟ୍ରେସର ବିଶେଷ ଭାବେ ଆଦୃତ ହେଉଥିଲା । ସେତେବେଳେ ପ୍ରମୁଖ ଲେଖକଂକର ବହି ସର୍ବୋଚ୍ଚ ସ୍ଥାନ ରଖିଥିଲା । କେବଳ ବିଷୟବସ୍ତୁ ଆଧାରିତ ଯେକୌଣସି ଶ୍ରେଷ୍ଠ ଲେଖକଂକର ବହିରୁ ଜ୍ଞାନ ଆହରଣ କରିବାରେ ଅସୁବିଧା ନଥିଲା ।ବରଂ ବନ୍ଧୁମାନଙ୍କ ସହ ପରସ୍ପର ବିଭିନ୍ନ ଲେଖକଂକର ବହି ଗୁଡିକୁ ପଢି ଆହୁରି ଅଧିକ ଜ୍ଞାନ ଓ କୌଶଳ ସେତେବେଳେ ଛାତ୍ରଛାତ୍ରୀ ମାନେ ପାଉଥିଲେ ଓ ପ୍ରତିଯୋଗିତା ମନୋଭାବ ସଂକୁଚିତ ନଥିଲା ।

ବର୍ତ୍ତମାନ ରାଜ୍ୟ ସରକାର ପ୍ରଥମରୁ ଦଶମ ଶ୍ରେଣୀ ସମସ୍ତ ବିଷୟର ବହି ଗୁଡ଼ିକୁ ସାର୍ବଜନୀନ କରିଛନ୍ତି । ଯଦିଓ ଏହା ଗୋଟିଏ ବିକଳ୍ପ ହୋଇପାରେ । କିନ୍ତୁ ଠିକ୍ ସମୟରେ ଶିକ୍ଷାବର୍ଷ ଆରମ୍ଭରେ ପ୍ରତ୍ୟେକ ବିଦ୍ୟାଳୟକୁ ସମସ୍ତ ବହି ପଠାଇବା ଉଚିତ । କିଛି ବହି ମୁଦ୍ରଣର ବିଳମ୍ବ ହେଉଥିବାରୁ ଠିକ୍ ସମୟରେ ପହଂଚିପାରୁନାହିଁ । ଏଥିପାଇଁ କିଏ ଦାୟୀ ପ୍ରଶ୍ନ ବାରମ୍ବାର ଉଂକି ମାରୁଛି ।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଗୋଟିଏ ବର୍ଷ ଆଗରୁ ଏଦିଗରେ ପ୍ରସ୍ତୁତି ଅନ୍ତତଃ ଗୋଟିଏ ବର୍ଷ ଆଗରୁ ହେବାର କଥା । ଯାହାଫଳରେ ପ୍ରତ୍ୟେକ ପୁସ୍ତକର ଶେଷ ସ୍ୱର୍ଶ ଟି ନିଶ୍ଚୟ ପରିମାର୍ଜିତ ହୋଇପାରିବ । ଯଦି କିଛି ନୂତନ ବିଷୟବସ୍ତୁ ଯୋଡିବାର ଅଛି ତେବେ ତାହାର ମୂଲ୍ୟାଙ୍କନ ସମ୍ପୂର୍ଣ୍ଣ ନିର୍ଭୁଲ ରହିବା ଉଚିତ ।ଯେମିତି ଅପରେସନ ବେଡରେ ରୋଗୀକୁ ଅସ୍ତ୍ରୋପଚାର କରୁଥିବା ବିଶେଷଜ୍ଞ ମାନେ ପରସ୍ପର ଭିତରେ ସନ୍ଦେଶକୁ ଠିକ୍ ଭାବେ ରଖି ରୋଗୀର ଅପରେସନ୍ ସଫଳ କରିଥାନ୍ତି ।ସେହିଭଳି ବିଜ୍ଞ ଓ ଅନୁଭୂତି ସମ୍ପନ୍ନ ଶିକ୍ଷକ ଅଥବା ଶିକ୍ଷାବିତ୍ ମାନେ ନିଜର ଉତ୍କର୍ଷତା ଦେଖାଇବାକୁ ପଛାଇବେ ନାହିଁ । ଯାହାଫଳରେ ପ୍ରତ୍ୟେକ ପୁସ୍ତକ ସାର୍ବଜନୀନ ଓ ନିର୍ଭୁଲ ସଂଶୋଧନ କରିବାରେ ଅସୁବିଧା ନାହିଁ । ଯଦିଓ କିଛି ତ୍ରୁଟି ରହିଥାଏ, ତାହା ଶେଷ ପୃଷ୍ଠାରେ ଲିପିବଦ୍ଧ କରିବା ଦରକାର ।ମାନେ କେଉଁ ପୃଷ୍ଠାରେ କଣ ସଂଶୋଧିତ ହୋଇଛି ।

ଏସବୁ ଘଟଣା ପୁନରାବୃତ୍ତି ଯେମିତି ନହେବ ଏବଂ ପିଲାଂଙ୍କ ପାଠପଢା ବ୍ୟାହତ ଯେପରି ନହେବ ସେଥିପ୍ରତି ନିହାତି ଭାବେ ତର୍ଜମା କରିବା ଉଚିତ ।

ବର୍ତ୍ତମାନ ୧୬୭୮ ଟି ଭୁଲର ସୂଚକ ଆସିଛି ।ସେଗୁଡ଼ିକୁ ପ୍ରଥମେ ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଂକୁ ସ୍ୱତନ୍ତ୍ର ଭାବେ ଅବଗତ କରି ସେମାନଂକ ମଧ୍ୟରେ ପ୍ରଥମେ ସଂଶୋଧନର ପ୍ରକ୍ରିୟା ଉପରେ ଧ୍ୟାନ ଦେବା ଉଚିତ । ସେମାନେ ବାରମ୍ବାର ସେମାନଂକ ମଧ୍ୟରେ ଅନୁଶୀଳନ କରି ସଂଶୋଧିତ ଶବ୍ଦର ବିଷୟବସ୍ତୁ ଆଧାରିତକୁ ଜାଣିବା ଉଚିତ । ଏଥିରେ ବି ବେଳେବେଳେ ଏମିତି ପରିସ୍ଥିତି ଆସିପାରେ ଭୁଲ ହୋଇଥିବା ବିଷୟବସ୍ତୁକୁ ମଧ୍ୟ କୌଣସି ଶିକ୍ଷକ ବା ଶିକ୍ଷୟତ୍ରୀ ଯଦି ଅଭିଜ୍ଞ ନହେବେ ତେବେ ତାହାର କୁପ୍ରଭାବ ପିଲାମାନଙ୍କୁ ପଡିବ ।

ତେଣୁ ବେଳହୁଁ ସାବଧାନ ହୋଇ ଆସନ୍ତା ୨୦୨୭-୨୮ ଶିକ୍ଷାବର୍ଷର ନିର୍ଯ୍ୟାସ ଏବେଠାରୁ ପ୍ରସ୍ତୁତ କରିବା ଦରକାର ।

ସମାଜସେବୀ, ପାରଳାଖେମୁଣ୍ଡି,ଗଜପତି / ମୋ:୭୭୩୫୨୪୦୪୭୭

ଚକ୍ରାୟୁଧ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଭଗବାନ ବିଷ୍ଣୁଙ୍କ ହାତରେ ଚକ୍ରାୟୁଧ ସୁଦର୍ଶନ, ଏହା ଭକ୍ତ ରକ୍ଷଣ ପାଇଁ ତାଙ୍କ ହସ୍ତରେ ସଦା ଶୋଭା ପାଉଛି, ଶୋଭିତ ହୋଇ ଅଳସରେ ଚକ୍ରଟି ନାହିଁ ସଦା ଜାଗ୍ରତ, ତା'ମାନେ ସଂସାରରେ ଭକ୍ତଙ୍କୁ ହଇରାଣ, ହରକତ, ଦଣ୍ଡ, ନାନାଦି, ଯନ୍ତ୍ରଣା, ପ୍ରାଣ, ଶଙ୍କା ଯେ ନିଶ୍ଚୟ ଆଶଙ୍କା ରହିଛି । ଯେ ଦୃଷ୍ଟେଛନ୍ତି ଏ ସଂସାରରେ କେହି ଜଣେ ଅଦୃଶ୍ୟରେ ଅଛି ସେ ସବୁ ଦେଖୁଛନ୍ତି ସେ କରିଥିବା ବିଶ୍ୱ ସମ୍ବିଧାନରେ ସମସ୍ତେ ମାନି ନିଜେ ବଂଚିବା ସହ ଅନ୍ୟକୁ ବଂଚବା ପଥ ଛାଡୁଛନ୍ତି, ସେ ଅନ୍ୟାୟ ଅନୀତିରେ ବିଶ୍ୱ ସମ୍ବିଧାନ ଉଲଂଘନକାରୀଙ୍କୁ ଏଇ ଚକ୍ରରେ ହଟାଇ ପାରନ୍ତି । ଆମେ ଏ ପଥରେ ନିଜେ ନ ଯିବା ଦରକାର । ପ୍ରକୃତରେଏ ଚକ୍ର କରିବା ଧାରା ରକ୍ତପାତର ନୁହେଁ । ଚକ୍ରରେ ଘୁରାଇବା, ପୁନଃରାପି ଜନମମ, ପୁନଃରପି ମାରଣମ, ପୁନଃରପି ଜନନୀ ଜଠରେ ଶୟନମ, ଏହି ଲୀଳାରେ ଲୋଭାସକ୍ତ ପରସ୍ୱ ଅପହାରୀଙ୍କୁ ପକାଏ । ଭୋଗରେ ମଜ୍ଜିରହି, ଅଯସରେ ନିଜକୁ ଦ୍ୱିତୀ ଭଗବାନ ଭାବି ଧରାକୁ ସରା ଭାବିଲେ, ଖାଲି ବିସ୍ତାରବାଦୀ ଚିନ୍ତା, ଜମିଜମା ଘର ବାଡ଼ି ବନାଇ ଚାଲିବାକୁ ଯେ ସ୍ୱାର୍ଥ ଜଡ଼ିତ କରିବ ସେ ସେଇ ଚକ୍ରରେ ପଡ଼ିବ । ମରିବାପରେ ତାର ବିଦେହୀ ଆତ୍ମା ପୁଣି ତାର ଇଛ ଜନ୍ମର ଭାବ ଯୋଗୁଁ ପୁଣି ମାତୃ ଗର୍ଭ ଆଶ୍ରିତ ଖୋଜିବ ସଂସାରକୁ ଆସିବ । ଏହି ଚକର ବିଷ୍ଣୁ ମାୟା, ଏହା ଯୋଗୀ ମାନେ ଜାଣି ଏହାକୁ ହିଁ ସୁଦର୍ଶନ ଚକ୍ର କହିଛନ୍ତି । 'ସୁ' 'ଦର୍ଶନ' ଭଲ କରି ଚାହିଁ ଦେଖ, ଏହାର ଠିକ ଦିଗ କିଛି ଭୁଲ ହେବାରୁ ବୈକୁଣ୍ଠରୁ ଖସିବାକୁ ହୋଇଛି । ଆହୁରି ଭୁଲ କଲେ ପୁଣି ତଳକୁ ଖସିବା ହେବା, ଏବେ ମାନବ ଜନ୍ମ, ବିଦ୍ୟା, ଅର୍ଜନ, ସଂସ୍କାର ପୁଣି ଉଚ୍ଚକୁଳ ଜାତି, ବର୍ଣ୍ଣ ଶ୍ରେଷ୍ଠ ଏହାକୁ ଦାନ ଧର୍ମ ଅବହେଳିତଙ୍କୁ ସହାୟତାରେ ନଲଗାଇ, ଉତ୍ପୀଡ଼ନରେ ଲଗାଇଲେ, ନିଶ୍ଚୟ ଆତ୍ମାର ଅଧୋଗତି ହେବ । ଗୃହ ପାଳିତ ଜୀବମାନେ ଏପରି ଦିନେ ଦିନେ ମନୁଷ୍ୟ ଶରୀରରେ ବିରାଜମାନ ଥିଲେ । ମନୁଷ୍ୟ ମାନଙ୍କୁ ଉତମ ସେବା ଦେବା ଗୃହପାଳିତ ପଶୁପକ୍ଷୀ ମାନଙ୍କର ସହବର୍ଯ୍ୟରେ ରହି ତାଙ୍କର ମରଣ ପରେ ମାନବ ଶରୀର ମିଳିପାରେ, ବଳଦକୁ ଅତିକଷ୍ଟ ଦେଇ ପାଂଚଣ ମାଡ଼ ଦେଇ ହଳ ଶଗଡ଼ ଟଣାରେ ଲଗାଇବାବେଳେ ସେହି ବଳଦର ଭାବନା ବଦଳା ନେବାକୁ କଣ ଭାବେ ନାହିଁ ? ଗାଈଟିଏ ବାଛୁରୀ ଜନ୍ମ ଦେଉଥିଲା, ଦୁଗ୍ଧ ଦେଉଥିଲା, ଯେତେବେଳେ ବର୍ଷିଆନ ବୃଦ୍ଧା ହୋଇଗଲା ଲୋକେ ତାକୁ କଂସାଇଙ୍କୁ ବିକ୍ରି କରୁଛନ୍ତି ସେହି ଗାଈଟି କଣ ମନୁଷ୍ୟର କଥା ନିତ୍ୟ ଭାବୁନଥିଲା ତାର ପାଳକ ଘାତକ ସମସ୍ତେ ମନୁଷ୍ୟ, ତାଙ୍କୁ ଅନ୍ତିମ କାଳ ପର୍ଯ୍ୟନ୍ତ ସେ ଦେଖି ପରଜୀବନ ତାର ଆତ୍ମା ଉନ୍ନତି ସ୍ତରକୁ ନିଶ୍ଚେ ଉଠିଥାଏ, ଏପରି ପଶୁପକ୍ଷୀ ସମସ୍ତେ ମାନବ ଭାବନରେ ଉନ୍ନୀତ ସ୍ତରକୁ ଉଠନ୍ତି, ଏତେ ମନୁଷ୍ୟ କେଉଁଠୁ ଆସିଲେ, ଏ ପ୍ରଶ୍ନର ଉତର ଖୋଜିଲେ ଦେଖାଯିବ ଅନେକ ଜୀବଜନ୍ତୁ ଏବେ ବିଲୁପ୍ତ ସେମାନଙ୍କର ଆତ୍ମା ଏ ସମୟରେ ମାନବ ଦେହ ପାଇବାରେ ଲାଗୁଛି ମାତ୍ର ସେହି ସେହି ପଶୁଙ୍କ ଗୁଣ ଜାତ ମନୁଷ୍ୟ ପ୍ରକୃତିରୁ ଯାଉନାହିଁ । ଅଜଗର କୁଆଡ଼େ ନଯାଇ କର୍ମଆଦରି ବିଶାଳ ବପୁନେଇ ଏକ ସ୍ଥାନରେ ପଡ଼ିଥାଏ । ତାପାଖରେ ତାର ଖାଦ୍ୟ ସମୟକୁ ପହଂଚ । ଏଇ ଅଜଗର ପ୍ରକୃତି ଲୋକ ବର୍ତ୍ତମାନ କିଛି ବଡ଼ପଦବୀରେ ରହି ଲୋକଙ୍କୁ ସର୍ପପରି ଶୋଷଣ କରୁଛନ୍ତି । ଅନେକ ବାଘ, ସିଂହ ଚରିତ୍ରର ଏପରି ଜୀବ ସଂସାରରୁ ବିଲୁପ୍ତ ଦ୍ରୁତ ହୋଇଯିବା ଏଇ ମାନବଙ୍କ ଦ୍ୱାରା ହେଉଛି । ସବୁ ସେହି ବିଷ୍ଣୁ ଚକ୍ରର ଲୀଳା, ଜୀବର ଅନ୍ତିମକାଳରେ ଥିବା ଜୀବର ଦର୍ଶନ ହିଁ ସେହି ଜୀବର ରୂପ ନେଇଥାଏ । ଜୀବେ ଦୟା ରଖିବା ସମସ୍ତଙ୍କର ସେବା ପାରିବା ବଳ ଦ୍ୱାରା କଲେ ଯେ କେହି ବ୍ୟକ୍ତିଙ୍କ ଆତ୍ମା ଉର୍ଦ୍ଧ୍ୱଗାମୀ ହୋଇ ବିଷ୍ଣୁ ଲୋକରେ ପହଂଚ୍ ପାରେ । ନିର୍ଦ୍ଦୟ କେହି ହେଲେ ତାର ଆତ୍ମା କେବେ ଚକ୍ର ମୁକ୍ତ ହୋଇନପାରେ । ବ୍ୟବହାର ଦ୍ରବ୍ୟ କମାଇ କମାଇ ଆଗେଇଲେ ମୋହ ଲୋଭ ଦେଖାଣିଆ ଫୋଟଉଠା ଦାନ ପ୍ରକୃତରେ ସତଦାନ ନୁହେଁ, ଏପରି ମାର୍ଗକୁ ବର୍ଜନ ଆବଶ୍ୟକ । ବିଦ୍ୟା ଦାନ ସବୁଠାରୁ ବଡ଼ ଦାନ, କାରଣ ଏହା ଆଗ ଜୀବନକୁ ବ୍ୟକ୍ତିଙ୍କୁ ଅନ୍ନ ଆହରଣରେ, ସଂଗ୍ରହରେ, ସଦା ସହାୟକ ହୋଇଥାଏ । ମାତ୍ର ବର୍ତ୍ତମାନ ଏହି ବିଦ୍ୟା ବ୍ୟବସାୟୀ ସ୍ତରକୁ ଆସି ବୈଶ୍ୟ ବୃତି ହୋଇଗଲାଣି । ବିଦ୍ୟାଦାନ ବ୍ରାହ୍ମଣ ବୃତି, ଦ୍ୱାପରଯୁଗ ଶେଷ କାଳକୁ ଭରଦ୍ୱାଜ, ଦ୍ରୋଣଙ୍କୁ ବିଦ୍ୟା ଶିକ୍ଷା ଦେଉଥିଲେ ଦ୍ରୋଣାଚାର୍ଯ୍ୟ ଏକ ସାଙ୍ଗରେ ଭବିଷ୍ୟତରେ ପାରିବାରିକ ଦ୍ୱନ୍ଦ୍ୱ ହେବା ଆଶଙ୍କା ନ ବୁଝି ଏଇ ବୈଶ୍ୟ ଭାବରେ ବିଦ୍ୟା ଶିକ୍ଷକ ହୋଇ ଶେଷରେ ରାଜା ଦୁର୍ଯ୍ୟୋଧନଙ୍କର ରାଜ ସଭା ମଣ୍ଡନ ରାଜ ପରିଷଦ ହୋଇ ପାଣ୍ଡବ କୌରବ ଯୁଦ୍ଧରେ ରାଜପକ୍ଷ ନେଇକି ଯୁଦ୍ଧର ସେନାପତି ହୋଇ ଯୁଦ୍ଧ କରିଥିଲେ । ବିଦ୍ୟାର ବ୍ୟବସାୟ କରଣ ଯେ ଗୁରୁ ଶିଷ୍ୟର ସମ୍ପର୍କ ତିକ୍ତତା ଆଣିପାରେ ଏହା ଏ ଯୁଗରେ ଅଧିକ ସୁସ୍ପଷ୍ଟ ଦେଖ, କୋର୍ଟରେ ବର୍ଷିଆନ ଓକିଲଙ୍କ ସହ ଯୁବ ଓକିଲଙ୍କ ଜବାବ ସୱାଲ, ସିନିଅର ପ୍ରଫେସରଙ୍କୁ ବଦଳାଇ ନବ୍ୟ ପ୍ରଫେସର ସେହି ପୋଷ୍ଟକୁ ଆସିବାକୁ ତତ୍ପର, ଗୁରୁଗିରିର ଏ ହାଲ ଏସବୁ ସେହି ଚକ୍ରକୁ ଆସିଯାଉଛି ଏକଥା ହେଜକୁ ଅଣନ୍ତୁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ମା'ର ସ୍ନେହ : ନାରୀର ସଂସାର ଅସାର

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯାହାର ବ୍ୟକ୍ତିତ୍ୱ ନିଷ୍ପେଷିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୁଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।

ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି । ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତାତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ । ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ । ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା । ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି । ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ । ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା । ଆର୍ଥିକ ଅବସ୍ଥା ଭଲ ନଥାଏ । ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ । ପୁଅଟି ଭଲ ପାଠ ପଢୁଥାଏ । ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଁ, ତୋ ମା କାଣୀ । ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ । ପୁଅକୁ ଖରାପ ଲାଗିଲା । ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି । ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ । ମା'ର ପରିଚୟ ଠାରୁ ଦୂରେଇ ଯିବ । ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା । ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ । ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା । ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି । ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା । ପଚାରି ପଚାରି ଗଲା । ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା । କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା । କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି । ଏ ଭିତରେ କିଛି ମାସ ଚାଲିଗଲା । କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ । କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି । ଘରେ ପହଂଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି । ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ । ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ । ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ ।' ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଶେଷ ଯାତ୍ରା ସମୟରେ କାହିଁକି କୁହାଯାଏ 'ରାମ ନାମ ସତ୍ୟ ହୈ'

॥ ପଣ୍ଡିତ ସୋମନାଥ ଦାଶ ॥

ମୃତ୍ୟୁ ହିଁ ଯୁଗ ଯୁଗ ଧରି ଧର୍ମ ତଥା ଧାର୍ମିକ ଜୀବନକୁ ପ୍ରବୋଧିତ କରି ଆସିଛି । ମୃତ୍ୟୁ ହିଁ ମନୁଷ୍ୟକୁ ଅମରତ୍ୱର ଅନୁସନ୍ଧାନରେ ବ୍ରତୀ କରାଇଛି । ଭାଗବତରେ ଅଛି, 'ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ ।' ଏହା ହେଉଛି ସଂସାରର ଚିରନ୍ତନ ସତ୍ୟ । ଏହି ଦୁନିଆରେ କେହି ଅମର ନୁହଁନ୍ତି । ଯିଏ ଜନ୍ମ ହୁଏ, ତା'ର ମୃତ୍ୟୁ ସୁନିଶ୍ଚିତ । ତେବେ ହିନ୍ଦୁ ଧର୍ମ ସହ ଜଡ଼ିତ ଜଣେ ବ୍ୟକ୍ତିଙ୍କ ଶେଷଯାତ୍ରା ସମୟରେ ଶବବାହକମାନେ 'ରାମ ନାମ ସତ୍ୟ ହୈ, ସବ୍ କୁଛ ଝୁଟ ହୈ' କହିଥାନ୍ତି । ଏହା କାହିଁକି କୁହାଯାଏ ଏହା ପଛର କାରଣ କ'ଣ ? ରାମ ନାମର ମହିମା ଅତୁଳନୀୟ । ରାମଙ୍କ ଠାରୁ ବଡ଼ ତାଙ୍କ ନାମ । ତେବେ ମନୁଷ୍ୟ ନିଜ ଜୀବନରେ ଅର୍ଥ, ପ୍ରତିଷ୍ଠା ଆଦି ଲାଭ କରିବା ପାଇଁ ରାମନାମ ଜପିବାକୁ ଭୁଲିଯାଏ । ନିଜ କାମ ହାସଲ କରିବା ପାଇଁ ଛଳ କପଟର ଆଶ୍ରୟ ନିଏ । କିନ୍ତୁ ମନୁଷ୍ୟ ମୃତ୍ୟୁପରେ ସବୁ ଏହିଠାରେ ଛାଡ଼ି ସେ ଚାଲିଯାଏ । ହିନ୍ଦୁ ମାନ୍ୟତାନୁସାରେ ଶେଷ ଯାତ୍ରାରେ କର୍ମଫଳ ହିଁ ମନୁଷ୍ୟ ସାଙ୍ଗରେ ଯାଇଥାଏ । ଏହି କର୍ମଫଳାନୁସାରେ ମନୁଷ୍ୟର ମୁକ୍ତି କିମ୍ବା ପୁନର୍ଜନ୍ମ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

ମନୁଷ୍ୟ ମୃତ୍ୟୁକୁ ଭୟ କରେ, ସେ ମରିବାକୁ ଚାହେଁ ନାହିଁ । ସେ ଚିର ଦିନ ବଂଚି ରହିବାକୁ ଚାହେଁ ଏହା ହିଁ ଦର୍ଶନ ଶାସ୍ତ୍ରର ପ୍ରାରମ୍ଭ ସ୍ତର । ମୃତ୍ୟୁ ଜୀବନର ପରିସମାପ୍ତି ନୁହେଁ, ଏହା କେବଳ ଏକ ବିଶିଷ୍ଟ ସ୍ୱାତନ୍ତ୍ର୍ୟର ଅବସାନ । ଏହା କେବଳ ଏକ ରୂପାନ୍ତର । ମୃତ୍ୟୁ ଜୀବନର ସମାପ୍ତି ନୁହେଁ, ମୃତ୍ୟୁ ହେଉଛି ଜୀବନର ଏକ ଭିନ୍ନ ତତ୍ତ୍ୱ । ଜୀବନ ପଥରେ ଏହା ଏକ ସ୍ୱାଭାବିକ ସଙ୍ଗଠନ । ବ୍ୟକ୍ତିର ବିନାଶ ନିମନ୍ତେ, ବ୍ୟକ୍ତିର ବିବର୍ତ୍ତନ ନିମନ୍ତେ ମୃତ୍ୟୁ ଏକାନ୍ତ ଆବଶ୍ୟକ । ଆପଣ ଯେପରି ଏ ଘରୁ ଆର ଘରକୁ ଯାଉଛନ୍ତି, ଆତ୍ମା ସେହିପରି ଏ ଦେହରୁ ଅନ୍ୟ ଏକ ଦେହକୁ ଯାଉଛି । ଉଦ୍ଦେଶ୍ୟ ହେଉଛି ଅନୁଭୂତି ଅର୍ଜନ କରିବା । ମନୁଷ୍ୟ ଯେପରି ଜୀର୍ଣ୍ଣବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରୁଛି । ଏ ଦେହର ଅନ୍ତରନିବାସୀ ଆତ୍ମା ସେହିପରି ଜୀର୍ଣ୍ଣ ଦେହ ପରିତ୍ୟାଗ କରି ନୂତନ ଦେହରେ ପ୍ରବେଶ କରୁଛି । ଦେହ ଛାଡ଼ି ଚାଲିଯିବା ବେଳେ କିମ୍ବାଜିକ ସହିତ ମୁଖ୍ୟ ପ୍ରାଣ, ଜ୍ଞାନେନ୍ଦ୍ରିୟ ସକଳ, ମନ, ଅବିଦ୍ୟା, ସତକର୍ମ, ଅସତ୍‌କର୍ମ ତଥା ପୂର୍ବଜନ୍ମର ଅସ୍ପଷ୍ଟ ସ୍ମୃତିକୁ ନେଇଯାଏ । ଏବଂ ଯାଇ ଏକ ନୂତନ ଦେହ ଗ୍ରହଣ କରେ । ଏକ ଦେହ ଛାଡ଼ି ଅନ୍ୟ ଦେହକୁ ଚାଲିଯିବାବେଳେ ଏହିସବୁ ଉପାଦାନ ଆତ୍ମାକୁ ସୂକ୍ଷ୍ମ ରୂପରେ ଆବୃତ କରି ରଖିଥାନ୍ତି । ଏହି ସକଳ ଉପାଦାନ ନୂତନ ଶରୀରର ବୀଜସ୍ୱରୂପ କାର୍ଯ୍ୟ କରନ୍ତି ।

ଶେଷଯାତ୍ରା ସମୟରେ 'ରାମନାମ ସତ୍ୟ ହୈ' କହିବା ଅର୍ଥ ହେଉଛି ଏ ସଂସାରରେ ରାମ ଏକ ମାତ୍ର ସତ୍ୟ, ଅନ୍ୟ ସବୁ ମିଥ୍ୟା । ଏହା ମୃତ ବ୍ୟକ୍ତିଙ୍କୁ ଶୁଣାଇବା ପାଇଁ କୁହାଯାଇନଥାଏ । ଶେଷଯାତ୍ରାରେ ସାମିଲ ଥିବା ବନ୍ଧୁ ପରିଜନଙ୍କ ପାଇଁ କୁହାଯାଏ । ଶବଦାହ କରି ଫେରିଲାବେଳେ କେହି ମଧ୍ୟ ରାମନାମ ଜପ କରନ୍ତି ନାହିଁ । ପୁନଶ୍ଚ ସାଂସାରିକ ମାୟା ବନ୍ଧନରେ ପଡ଼ି ଦୁଃଖକଷ୍ଟ ଭୋଗ କରନ୍ତି । ରାମ ନାମସତ୍ୟ ହୈ କହିବା ପଛରେ ଅନ୍ୟ ଏକ ବିଶ୍ୱାସ ହେଉଛି ଆତ୍ମା ମୁକ୍ତି ପାଇଯିବ । ଆତ୍ମା ଜୀବନ ଚକ୍ରରୁ ମୁକ୍ତ ହେବ । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ରାମ ନାମ ଜପ କରି ମୃତକଙ୍କ ପରିବାର ସଦସ୍ୟମାନେ ମାନସିକ ଶାନ୍ତି ପାଆନ୍ତି ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଂଟ' ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯୮

ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ରାୟଗଡ଼ା ପୌରାଂଚଳରେ ଝଓଜ ଫର୍ମ ପୂରଣ ଓ ଡିଜିଟାଇଜେସନ ପ୍ରକ୍ରିୟାର ସମୀକ୍ଷା କଲେ ଜିଲ୍ଲାପାଳ

ରାୟଗଡ଼, ୧୮/୦୬ (ଆ.ପ୍ର) : ରାୟଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ କୁଲକର୍ଣୀ ଆଜି ୧୪୦-ରାୟଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାୟଗଡ଼ ପୌରାଂଚଳ ପରିଦର୍ଶନ କରି ଚାଲିଥିବା ଝଓଜ ଫର୍ମ ପୂରଣ ଏବଂ ଡିଜିଟାଇଜେସନ ପ୍ରକ୍ରିୟାର ଅଗ୍ରଗତି ସମୀକ୍ଷା କରିଥିଲେ । ସମୀକ୍ଷା ସମୟରେ ଜିଲ୍ଲାପାଳ ଫର୍ମ ସଂଗ୍ରହ, ଯାଂଚ ଓ ଡିଜିଟାଇଜେସନ କାର୍ଯ୍ୟର ଅଗ୍ରଗତି ବିଷୟରେ ଅବଗତ ହୋଇଥିଲେ । ଏହି ପ୍ରକ୍ରିୟାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଠିକ ଭାବେ ସମ୍ପନ୍ନ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ସମୀକ୍ଷା ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ରାୟଗଡ଼ ରମେଶ ଜେନା, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ପୌର ନିର୍ବାହୀ ଅଧିକାରୀ, ରାୟଗଡ଼ ପୌରପରିଷଦ କୁଳଦୀପ କୁମାର ଏବଂ ସୁପରଭାଇଜରମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକା ସମ୍ବନ୍ଧୀୟ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁ ଓ ତ୍ରୁଟିମୁକ୍ତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର, ୧୮/୦୬ (ଆ.ପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଜୁନ୍ ୨୧ ରେ ଯାଜପୁରରେ ଉତ୍ସବର ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ । ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା, ବ୍ଲକ୍, ପୌର ପରିଷଦ ଏବଂ ଗ୍ରାମ ପଂଚାୟତ ସ୍ତରରେ ଯୋଗ ଦିବସ ପାଳନ ହେବ । ଏହାସହ ଚଳିତ ବର୍ଷ ଐତିହ୍ୟ ସ୍ଥଳ ରତ୍ନଗିରିରେ ଯୋଗ ଦିବସ ପାଳନ ଭଳି ଏକ ଅଭିନବ ପ୍ରୟାସ କରାଯାଇଛି । ଜୁନ୍ ୨୧ ତାରିଖ ସକାଳ ୬ ଘଟିକା ରୁ ୭ ଟା ମଧ୍ୟରେ ପଞ୍ଜୀକରଣ ଏବଂ କାର୍ଯ୍ୟକ୍ରମ ଉଦଘାଟନ ହେବା ପରେ ୭ ଟା ପରେ ଯୋଗ ଅଭ୍ୟାସ ଅଧିବେଶନ ଆରମ୍ଭ ହେବ । ଏଥିରେ ବିଶିଷ୍ଟ ବ୍ୟକ୍ତି ଏବଂ ଜନପ୍ରତିନିଧିଗଣ ଅତିଥି ରୂପେ ଯୋଗ ଦେବେ । ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦିବସରେ ସାମିଲ ହେବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଯୋଗାଭ୍ୟାସ ପାଇଁ ସ୍ୱତନ୍ତ୍ର ରୂପେ ଯୋଗ ପ୍ରଶିକ୍ଷକ ନିୟୋଜିତ ହେବେ । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ ମିଶ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଯୋଗ ସଂଯୋଜକ ମାନେ ଉପସ୍ଥିତ ଥିଲେ ।

ମହିମା ଅଲେଖ ଯୋଗକ୍ରିୟା ଆଶ୍ରମର ବାର୍ଷିକ ଉତ୍ସବ ସହ ରଜ ପର୍ବ ପାଳିତ

ଜଗତସିଂହପୁର, ୧୮/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଂଚାୟତ ଦେଉଳିସାହି ଗ୍ରାମରେ ଥିବା ମହିମା ଅଲେଖ ଯୋଗକ୍ରିୟା ଆଶ୍ରମର ବାର୍ଷିକ ଉତ୍ସବ ଓ ରଜ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଆଶ୍ରମର ପ୍ରତିଷ୍ଠାତା ଶାରୀରିକ ଶିକ୍ଷା ଶିକ୍ଷକ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ କୈଳାସ ଚନ୍ଦ୍ର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ବନମାଳୀ ମହାରଣା ପ୍ରମୁଖ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ଜ୍ୟୋତି ରଞ୍ଜନ ପରିଡା, ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରମୋଦ କୁମାର ବେହୁରା, ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ, ସମାଜସେବୀ ଲୁଭେନ୍ଦ୍ର ମିଶ୍ର,ଶିକ୍ଷାବିତ ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଯୋଗକ୍ରିୟା ଆଶ୍ରମରେ ପିଲାମାନଙ୍କୁ ଯୋଗ ଶିକ୍ଷା ସହିତ ପୋଲିସ ଓ ସୈନ୍ୟ ବିଭାଗରେ ଚାକିରୀ କରିବା ନିମନ୍ତେ ଶାରୀରିକ ଶିକ୍ଷା ପ୍ରଦାନ କରାଯାଉଥିବାର ଭୂୟସୀ ପ୍ରଶଂସା କରିବା ସହ ରଜ ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଉପଲକ୍ଷେ ମହିମା ଅଲେଖର ଗୋପାଳ ବାବା ଓ ନିଗମାନନ୍ଦ ବାବା ପ୍ରବଚନ ଦେଇଥିଲେ । ପରେ ଗ୍ରାମର ବରିଷ୍ଠ ନାଗରିକ ଓ କୃଷକ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ଚନ୍ଦନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଆଶ୍ରମର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ସମାଜକୁ ନିଆରା ଢଙ୍ଗରେ ବାର୍ତ୍ତା ଦେଲେ ଓଝା ପରିବାର

ବରୀ, ୧୮/୦୬ (ଆ.ପ୍ର) : ବରୀ ବ୍ଲକ ଅନ୍ତର୍ଗତ ଉଅଁରା ଗ୍ରାମ ର ଆଦର୍ଶ ଶିକ୍ଷକ ସ୍ୱର୍ଗତ ଗଦାଧର ଓଝାଙ୍କ ପିୟୁସି କୌଶଲ୍ୟା ଦେବୀ, ସେ ହେଉଛନ୍ତି ଶତାୟୁ ମହିଳା ଯାହାଙ୍କ ବର୍ତ୍ତମାନର ବୟସ ୧୦୫ ବର୍ଷ, ଓଝା ପରିବାର ସମସ୍ତ ସଦସ୍ୟ ଗଣପର୍ବ ରଜକୁ ତାଙ୍କ ପିୟୁଷୀ ମାଙ୍କ ସହିତ ଆନନ୍ଦ ଉଲ୍ଲାସରେ ପାଳନ କରିଛନ୍ତି । ଆଜିକାଲି ସମାଜରେ ଯେତେ ବେଳେ ଜେଜେ, ଜେଜେମା ଓ ପିୟୁଷୀ ମାଙ୍କ ପ୍ରତି ଭଲପାଇବା ଓ ସେମାନଙ୍କୁ ଆମର ଆଗାମୀ ପିଢ଼ିର ପିଲା ମାନଙ୍କୁ ଚିହ୍ନାଇବା କଥା ତାହା ଆଜିକା ସମାଜରେ କିଂଚିତ ମାତ୍ରାରେ ଦେଖିବାକୁ ମିଳୁଛି ହେଲେ ସେହି ଭଲପାଇବାକୁ ଉଜ୍ଜୀବିତ କରି ରଖିଛନ୍ତି । ଉଅଁରା ଗ୍ରାମର ଓଝା ପରିବାର, କୋଶଲ୍ୟା ଦେବୀଙ୍କ ଶାଶୁ ଘର ରେକୀ ବଜାର ବରୁଣୀ ହୋଇଥିବା ବେଳେ ସେଠାରୁ ତାଙ୍କୁ ବହୁ ଯତ୍ନ ସହକାରେ ଘରକୁ ଆଣି ଘରର ସମସ୍ତ ସଦସ୍ୟ ତଥା ନାତି, ନାତୁଣୀ, ନାତୁଣୀ ବୋହୂ, ଅଣ ନାତି, ଅଣ ନାତୁଣୀ ମାନେ ପ୍ରଥମେ ତାଙ୍କ ଗୋଡ଼ ଧୋଇଦେଇ ବନ୍ଦାପନା କରି ପାଛୋଟି ନେଇଥିଲେ । ପରେ ପରେ ପାରମ୍ପରିକ ନିୟମରେ ଶ୍ରଦ୍ଧା, ସମ୍ମାନ ଓ ଆନ୍ତରିକତା ସହ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ । ନିଜ ଜନ୍ମ ମାଟିରେ ଜଡିଥିବା । ପିଲା ଦିନର ଖୁସିର ମୁହୂର୍ତ୍ତକୁ କେବଳ ଅନୁଭବ କରି ଆଖିରୁ ଆନନ୍ଦ ଅଶ୍ରୁ ବାହାରି ଆସୁଥିଲା, ସେ କେବଳ ଗୋଟିଏ କଥା କହି ଚାଲିଥିଲେ ହେଁ ପ୍ରଭୁ ସମସ୍ତଙ୍କର କଲ୍ୟାଣ ହେଉ ସମସ୍ତେ ଭଲରେ ରୁହନ୍ତୁ । ପରେ ପରେ ରଜର ପାରମ୍ପରିକ ପିଠା, ମିଠା ସହ ଅନେକ ସୁସ୍ୱାଦୁର ଭୋଜନ କରା ଯାଇଥିଲା । ଏହି କଥାକୁ ସ୍ଥାନୀୟ ଲୋକ ମାନେ ଦେଖି କହୁଥିଲେ ଗଦାଧର ଓଝା ସାର୍ ଯେମିତି ଥିଲେ ତାଙ୍କ ପିଲା ମାନଙ୍କୁ ସେହି ସଂସ୍କାର ଦେଇ ଯାଇଛନ୍ତି ।

ହାତୀଙ୍କ ଉତ୍ପାତ, ଭାଂଗିଲେ ବରଓ୍ୱେଲ, ପାଣି ପାଇପ

ବଣାଇଁ, ୧୮/୦୬ (ଆ.ପ୍ର) : ବଣାଇଁ ଉପଖଣ୍ଡ ଅନ୍ତର୍ଗତ ପିଠାଚୋର ପଂଚାୟତର ବରାହାଛାପଲ ଗ୍ରାମରେ ୧୧ ଟିକିଆ ହାତୀ ପଲଙ୍କ ଉତ୍ପାତରେ ଜଣେଙ୍କର ଚାଷ ଜମିରେ ପଶି ଜମିରେ ଥିବା ସୋଲାର ବରଓ୍ୱେଲ ଓ ପାଣି ପାଇପ୍ ଉପାଡି ନଷ୍ଟ କରି ଥିବା ଦେଖିବାକୁ ମିଳିଛି । ଗ୍ରାମର ସୁକୁମାରୀ କିଷାନଙ୍କର ପୁତ୍ର ବୈଧୁରୀ କିଷାନଙ୍କର ଚାଷ ଜମିରେ ପନିପରିବା ଚାଷ ସହିତ ଧାନ ଚାଷ କରୁଥିଲେ । ତେବେ ଗତକାଲି ୧୧ ଟିକିଆ ହାତୀ ତାଙ୍କ ଜମିରେ ପଶି ଉପଦ୍ରବ କରିବା ସହିତ ସୌରଶକ୍ତି ବିଦ୍ୟୁତ ବରଓ୍ୱେଲର ପାଇପ ସବୁ ଉପାଡି ନଷ୍ଟ କରିଦେଇଛନ୍ତି । ଜମି ମାଲିକ କହିବା ଅନୁସାରେ ଯେ ହାତୀ ପଲଙ୍କ ଉପଦ୍ରବରେ ତାଙ୍କର ପ୍ରାୟ ୩୦ ହଜାର ଟଙ୍କାର କ୍ଷତି ହୋଇଛି । ଆଜି ସକାଳେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ହାତୀ ଉପଦ୍ରବରେ କ୍ଷତି ର ଆକଳନ କରିଥିବା ଜଣାପଡିଛି ।

ବ୍ଲକ କାର୍ଯ୍ୟାଳୟରେ ଜାତି-ଜନଜାତି ସମ୍ବାଦ କାର୍ଯ୍ୟକ୍ରମ

କୋକସରା, ୧୮/୦୬ (ଆ.ପ୍ର) : କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି କୁ ନେଇ ସମଗ୍ର ରାଜ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତି-ଜନଜାତି ସମ୍ବାଦ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି । ବିଡ଼ିଓ ଡ. ହିମାଂଶୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ଏସସି ମୋର୍ଚ୍ଚା ଜିଲ୍ଲା ସଭାପତି ହ୍ରିନାଥ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏସସି ମୋର୍ଚ୍ଚା ଜିଲ୍ଲା ଉପସଭାପତି ନିରଞ୍ଜନ ଛତ୍ରିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିବା ସହ ତା'ର କିଭଳି ଲାଭ ଉଠାଇ ପାରିବେ ସେନେଇ ବିଶେଷ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ବର୍ଗର ଛାତ୍ରଛାତ୍ରୀ, ସମାଜସେବୀ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଭାରପ୍ରାପ୍ତ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଭବାନୀଶଙ୍କର ଜେନା ସଂଯୋଜନା କରିଥିଲେ ।

ପତ୍ନୀକୁ ବାରମ୍ବାର ନିର୍ଯାତନା ଦେଇ ସ୍ୱାମୀ ଗିରଫ

ଦାଲିଗୁଡା, ୧୮/୦୬ (ଅ.ପ୍ର) : କନ୍ଧମାଳ ଜିଲ୍ଲା ଦାଲିଗୁଡା ଉପଖଣ୍ଡ କ.ନୂଆଗାଁ ଥାନା ଅନ୍ତର୍ଗତ ସାଇକ୍ ପଡା ପଂଚାୟତରେ ଏକ ଅଭାବନୀୟ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାରୁ ଜଣା ପଡିଛି ଉକ୍ତ ପଂଚାୟତର ପାଦେଡିପଡା ଗ୍ରାମର ଗୋପିନାଥ ଦିଗ୍ଗାଣୀ (୩୬) ନିଜ ପତ୍ନୀକୁ ବାରମ୍ବାର ଝଗଡ଼ା ଲାଗି ମାରପିଟ କରୁଥିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ, ଘରର ଆସବାବପତ୍ର ନଷ୍ଟ ଓ ଜୀବନରେ ମାରିଦେବାକୁ ଧମକ ଦେବାରୁ ସ୍ତ୍ରୀ ଅସହ୍ୟ ହୋଇ ଦୁଇଟି ସନ୍ତାନକୁ ଧରି ଥାନାର ଦ୍ୱାରସ୍ଥ ହୋଇଥିଲେ । ନୂତନ ଥାନା ଅଧିକାରୀ କେଳୁ ଚରଣ ଜେନା ଅଭିଯୁକ୍ତର ପୂର୍ବ ଇତିହାସ ଦେଖି ସୁଯୋଗର ଅପବ୍ୟବହାର କରି ଚରିତ୍ରରେ ପରିବର୍ତ୍ତନ ହୋଇ ନ ଥିବାରୁ ସଙ୍ଗେସଙ୍ଗେ ଗୋପିନାଥଙ୍କୁ ଗିରଫ କରିଥିଲେ । ଏନେଇ କ.ନୂଆଗାଁ ଥାନା କେସ ନଂ ୯୨/୨୬ ୯୯୪(୧), ୯୦୯, ୧୧୪(୧), ୩୫୧ (୨) ବିଏନଏସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଥାନା ଅଧିକାରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

୩୪ ବର୍ଷ ପରେ ଏକାଠି ହେଲେ ଜବାହର ସ୍ମୃତି ବିଦ୍ୟାପୀଠର ସହପାଠ

ତିର୍ତୋଲ, ୧୮/୦୬ (ଆ.ପ୍ର) : ରଜ ପର୍ବର ଉତ୍ସବମୁଖର ପରିବେଶ ମଧ୍ୟରେ ଜଗତସିଂହପୁର ଜିଲ୍ଲା ରାହାମାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜବାହର ସ୍ମୃତି ବିଦ୍ୟାପୀଠର ୧୯୯୨ ମସିହା ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ ଓ ସ୍ମୃତି ଦିବସ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି । ଦୀର୍ଘ ବର୍ଷ ପରେ ସହପାଠୀମାନଙ୍କ ଏହି ମିଳନ ଉତ୍ସବ ହସ, ଖୁସି, ଭାବନା ଓ ଅତୁଲା ସ୍ମୃତିରେ ଭରିଯାଇଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବ୍ୟାଚର ସଦସ୍ୟମାନେ ଏକାଠି ହୋଇ ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିଶ୍ୱ ଶାନ୍ତି, ସାମାଜିକ ସଦ୍ଭାବନା ଓ ଜଗତ କଲ୍ୟାଣ କାମନା କରି ପୂଜାର୍ଚ୍ଚନା କରିଥିଲେ । ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ପୁରୁଣା ଦିନର ସ୍ମୃତିକୁ ମନେପକାଇଥିଲେ । ସ୍କୁଲ ଜୀବନର ଦୁଷ୍ଟାମି, ପାଠପଢ଼ା, ଶିକ୍ଷକଙ୍କ ସହ ବିତାଇଥିବା ମୁହୂର୍ତ୍ତ ଓ ବିଭିନ୍ନ ଘଟଣାକୁ ନେଇ ଦୀର୍ଘ ସମୟ ଧରି ସ୍ମୃତିଚାରଣ ଚାଲିଥିଲା । ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଦୂରଦୂରାନ୍ତରରୁ ଆସିଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ମରଣୀୟ କରିଥିଲା । ରଜ ପର୍ବର ସାଂସ୍କୃତିକ ମହତ୍ତ୍ୱ, ପ୍ରକୃତି ପ୍ରତି ସମ୍ମାନ, ନାରୀ ସଶକ୍ତିକରଣ ଓ ସାମାଜିକ ଏକତା ଭଳି ପ୍ରସଙ୍ଗ ଉପରେ ମଧ୍ୟ ବନ୍ଧୁମାନେ ଆଲୋଚନା କରିଥିଲେ । ଆଧୁନିକ ବ୍ୟସ୍ତ ଜୀବନ ମଧ୍ୟରେ ମଧ୍ୟ ବନ୍ଧୁତ୍ୱର ବନ୍ଧନକୁ ଅତୁଟ ରଖିବା ଓ ସମାଜ ପାଇଁ ସକାରାତ୍ମକ ଭୂମିକା ନିଭାଇବାକୁ ସମସ୍ତେ ମତ ପ୍ରକାଶ କରିଥିଲେ । ମିଳନ ଉତ୍ସବରେ ଆନନ୍ଦ ଓ ଆତ୍ମୀୟତାର ପରିବେଶ ଦେଖିବାକୁ ମିଳିଥିଲା । ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପରେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ କରିଥିଲେ । ଶେଷରେ ସାମୂହିକ ଫଟୋ ଉତ୍ତୋଳନ କରାଯାଇଥିବା ବେଳେ ବ୍ୟାଚ କୋଅର୍ଡିନେଟର ବଳରାମ ନାୟକ ଉପସ୍ଥିତ ସମସ୍ତ ସହପାଠୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ବନ୍ଧୁମିଳନ କେବଳ ଏକ ସାଧାରଣ ସମାବେଶ ନୁହେଁ, ବରଂ ଦୀର୍ଘ ବର୍ଷର ସମ୍ପର୍କ, ସ୍ମୃତି ଓ ସ୍ନେହର ପୁନର୍ମିଳନ ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ ।

ଗୁଟିଙ୍ଗିଆ ଠାରେ ଏସଟିଇଏମ ଶିକ୍ଷା କାର୍ଯ୍ୟକ୍ରମରେ ଶିଶୁମାନଙ୍କ ସୃଜନ କ୍ଷମତାର ପ୍ରଦର୍ଶନ

ଟିକାବାଲି, ୧୮/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଟିଙ୍ଗିଆ ଠାରେ ଆୟୋଜିତ STEM କାର୍ଯ୍ୟକ୍ରମ ଉଦଯାପନି ଉତ୍ସବରେ ଶିଶୁମାନଙ୍କର ଅନୁଭୂତି, କଳ୍ପନାଶକ୍ତି, ସୃଜନ କ୍ଷମତା, ଏବଂ ବୈଜ୍ଞାନିକ ଚିନ୍ତାଧାରାର ଏକ ଅନନ୍ୟ ଝଲକ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ଅଭିଭାବକ, ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଛି । ଆଜିର ଏହି କାର୍ଯ୍ୟକ୍ରମରେ କି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ PAITDA ଫୁଲବାଣୀ, ଜୀବିକା ସୁରକ୍ଷା ମଂଚ କନ୍ଧମାଳ ଜିଲ୍ଲା ସଭାପତି ଦୁର୍ବାସା ସେଠି, ଆମ୍ବା ଶକ୍ତିଟ୍ରଷ୍ଟ ସାଥି ପଂଚାନନ ପ୍ରଧାନ, ମାନସ ରଞ୍ଜନ ବେହେରା, ଓଡିଶା ଶ୍ରମଜୀବୀ ଆବାହକ ଅଞ୍ଜନ ପ୍ରଧାନ, ମନ୍ତ୍ରଫର ଚେଁଞ୍ଜ ସାଥି ଶୁଭଙ୍କର ନାୟକ, ସାଥି ଆରଫିନ, ଜୀବିକା ସୁରକ୍ଷା ମଂଚ ଟିକାବାଲି ବ୍ଲକ ସମ୍ପାଦକ କରମ ଚାନ୍ଦ ପ୍ରଧାନ, ରଜଭର ମୁରଲୀ ଧର ପଜେଇ,ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସଂଗଠନ ର କର୍ମୀ ସସ୍ମିତା ମଳିକ, ସୁଧାକର ପ୍ରଧାନ, ଶୀଧେଶ୍ୱର ନାୟକ, ସିମିଳାରାଣୀ ପତ୍ରା,ଉପସ୍ଥିତ ଥିବାବେଳେ ଜିଲ୍ଲାର ମୋଟ ୫ ଟି ବ୍ଲକର ୧୬ ଗ୍ରାମପଂଚାୟତର ୨୬ ଟି ଗାଁରେ ଏହି କାର୍ଯ୍ୟକ୍ରମ ଚାଲି ଥିଲା ଓ ମୋଟ ୩୮୪ ଜଣ ଛାତ୍ର ଛାତ୍ରୀଙ୍କୁ ଗ୍ରୀଷ୍ମ ଅବକାଶ ସମୟରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଗ୍ରାମାଂଚଳ ଦୀର୍ଘ ୬ ସପ୍ତାହ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଏହାର ମୂଳ ଉଦ୍ଦେଶ୍ୟ ଗ୍ରାମୀଣ ଓ ଆଦିବାସୀ ଅଂଚଳର ଶିଶୁମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ଉତ୍ସୁକତା, ବୈଜ୍ଞାନିକ ମନୋଭାବ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକାଶକୁ ଆଗକୁ ନେବା । ଉଦଯାପନି କାର୍ଯ୍ୟକ୍ରମ ରେ ଶିଶୁମାନେ ବିଭିନ୍ନ ବିଜ୍ଞାନ ମଡେଲ, ପରୀକ୍ଷଣ ଓ ଶିକ୍ଷଣ କାର୍ଯ୍ୟକଳାପ, ଅଭିନତା ଓ ବୈଜ୍ଞାନିକ ଚିନ୍ତାଧାରା ଉପସ୍ଥାପନା କରିଥିଲେ । ସେମାନଙ୍କ ଆତ୍ମବିଶ୍ୱାସ, ନୂତନ ଚିନ୍ତାଧାରା ଏବଂ ବିଜ୍ଞାନ ପ୍ରତି ଆଗ୍ରହ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଆଜିର ଏହି କାର୍ଯ୍ୟକ୍ରମ ଟିକୁ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସଂଗଠନର କର୍ମୀ ସଂଜୀବ ଦିଗାଲ ।

୨୭ ବର୍ଷର ପରମ୍ପରାକୁ ଆଗେଇ ନେବାକୁ ନୂଆ ଟିମ୍ ଯୁବ ସମାଜର ସଂସ୍କାର ଓ ଅଂଚଳ ବିକାଶକୁ ପ୍ରାଥମିକତା

ସିନାପାଲି, ୧୮/୦୬ (ଆ.ପ୍ର) : ସିନାପାଲି ଅଂଚଳର କଳା, ସଂସ୍କୃତି, କ୍ରୀଡା, ସାହିତ୍ୟ, ପରମ୍ପରା ଏବଂ ବିକାଶ ସହିତ ବିଗତ ୨୭ ବର୍ଷରୁ ଅଧିକ ସମୟ ଧରି ଉଦନ୍ତୀ ଯୁଥ କ୍ଲବ ଜଡିତ ରହି ଆସିଛି । ଏକ ଶୃଙ୍ଖଳିତ ଓ ଅଗ୍ରଣୀ ଯୁବ ଅନୁଷ୍ଠାନ ଭାବରେ ସବୁଠି ଏହାର ଉଚ୍ଚପ୍ରଶଂସା ମଧ୍ୟ ରହିଛି । ବୁଧବାର ସନ୍ଧ୍ୟାରେ ଏକ ସାଧାରଣ ସଭା ମାଧ୍ୟମରେ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତି ସୁରଜ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଆଗାମୀ ଦିନ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ନୂଆଁ କମିଟିର ସଭାପତି ଭାବରେ ପ୍ରଭାତ କୁମାର ମେହେର ଓ ସାଧାରଣ ସମ୍ପାଦକ ଭାବରେ ବେଣୁଧର ମେହେର ମନୋନୀତ ହୋଇଥିବା ବେଳେ ଉପସଭାପତି ମହେନ୍ଦ୍ର କୁମାର ମେହେର ଏବଂ ଓମ ପ୍ରସାଦ ମେହେର, ସହସମ୍ପାଦକ ଚନ୍ଦନ ମେହେର ଓ କୋଷାଧ୍ୟକ୍ଷ ଭବରେ ଭୀଷ୍ମରାଜ ମେହେରଙ୍କୁ ଚୟନ କରାଯାଇଛି । ଅଂଚଳର ବିକାଶରେ ନିଜର ଅବଦାନ ରଖିବା ସହ ଯୁବ ସମାଜକୁ ଏକ ସଂସ୍କାରିତ ଦିଗରେ ଆଗେଇ ନେବାରେ କାର୍ଯ୍ୟ କରିବେ ବୋଲି ନୂଆଁ କର୍ମକର୍ତ୍ତା ଏଅବସରରେ ମତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଜଣେ ସୁଦକ୍ଷ ସଭାପତି ଭାବରେ ସୁରଜ ମେହେର ଦୀର୍ଘ ଦିନ ଧରି ନିଜ ଦାୟିତ୍ୱ ସମ୍ପାଦନ କରି ଅନୁଷ୍ଠାନ ପାଇଁ ସୁନାମ ଆଣିଥିଲେ । ଆଜିର ସଭାରେ ଅନ୍ୟମାନଙ୍କ ମଧ୍ୟରେ ପରମେଶ୍ୱର, ଜିତେନ, ଯୁଧିଷ୍ଠିର, ଚୈତନ୍ୟ, ପରମାନନ୍ଦ, କିଶନଲାଲ, ଅମର, ପ୍ରଦୀପ, ନିତିଶ, ଭବାନୀଶଙ୍କର, ଅବିନାଶ, ଶିବ, ହେମସାଗର, ସିଦ୍ଧାନ୍ତ, ବିନ୍ଦୁ, ସୌରଭ, କ୍ରିଷ, ରଞ୍ଜନ, ଡମରୁ, ଟିକନ୍ତୁ, ସୁନୀଲ, ହିମାଂଶୁ,ତନୁରାମ, ହିତେଶ, ଗୌର, ଦୀପକ, ବୃନ୍ଦାମଣି, ଟିକେଲାଲ, ଦେବାର୍ଚ୍ଚନ, ସିମାଂଚଳ, ସୋହନ, ହେମନ୍ତ, ସାଗର, ଟିଙ୍କୁ, ଆୟୁଷ, ଲିଙ୍ଗରାଜ, ନରେଶ, ଭୋଲେ, ଜଗନ୍ନାଥ,ବବଲୁ, ଲୋକନାଥ, କିରଣ, ଲୋହିତାକ୍ଷ, ସୁରେଶ, ତରୁଣ, ଚନ୍ଦନ,ଭୀଷ୍ମ, ମନୋରଞ୍ଜନ, ଚୂଡ଼ା, ରଞ୍ଜନ, କ୍ରିଶ, ଅମିତ, ଚନ୍ଦ୍ରଶେଖର , ଶିବା ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

ବ୍ରହ୍ମପୁରରେ ମହୁରୀ ଅଂଚଳ ମହିଳା ସଂଘ ଆଡ଼ମ୍ବରରେ ପାଳିଲେ ରଜ ମହୋତ୍ସବ



ବ୍ରହ୍ମପୁର, ୧୮/୦୬ (ଆ.ପ୍ର) : ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ପାଳିତ ତିନି ଦିନିଆ ରଜ ମହୋତ୍ସବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନ, ରଜ ସଂକ୍ରାନ୍ତିର ପବିତ୍ର ଅବସରରେ, ମହୁରୀ ଅଂଚଳ ମହିଳା ସଂଘ ସୋମବାର ଦିନ ବ୍ରହ୍ମପୁରର ଜଟାଧରେଶ୍ୱର କଲ୍ୟାଣ ମଣ୍ଡପରେ ରଜ ମହୋତ୍ସବ ଆୟୋଜନ କରିଥିଲେ । ମହିଳା ସଂଘର ସଭାପତି ଏନ ରାଧା ରାଣୀ ଚୌଧୁରୀ, ଉପାଧ୍ୟକ୍ଷ ଜାମ୍ବୁଲା ମାଧବୀ, ସମ୍ପାଦକ ପାଟନାଲା ରଶ୍ମିତା, ଯୁଗ୍ମ ସମ୍ପାଦକ ଜାମ୍ବୁଲା ଶର୍ମିଷ୍ଠା, କୋଷାଧ୍ୟକ୍ଷ ପୋଲକୀ ବରଲକ୍ଷ୍ମୀ ଏବଂ ସଂଘର ଅନ୍ୟାନ୍ୟ ସମର୍ପିତ ସଦସ୍ୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ପରିଚାଳିତ ହୋଇଥିଲା । ମହୋତ୍ସବର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା କଳିଙ୍ଗ ବୈଶ୍ୟ ମହିଳା ମହାସଂଘର ବିଶିଷ୍ଟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ସମ୍ମାନିତ କରିଥିଲେ । ଏହି ଅବସରରେ ମହୁରୀ ଅଂଚଳ ସଭାପତି ସିଲ୍ଲା ଶିବପ୍ରସାଦ, ଉପାଧ୍ୟକ୍ଷ ପି. ଦିଲ୍ଲୀପ କୁମାର ପାତ୍ରୋ, ସମ୍ପାଦକ ଏନ ତ୍ରିପତି ବାଲାଜୀ ଚୌଧୁରୀ, ଯୁଗ୍ମ ସମ୍ପାଦକ କିଲ୍ଲାଲାସେଠି କୂର୍ମନାଥନ, କୋଷାଧ୍ୟକ୍ଷ ଏ ରମେଶ ଚନ୍ଦ୍ର ପାତ୍ର, କଳିଙ୍ଗ ବୈଶ୍ୟ ମହାସଂଘ କୋଷାଧ୍ୟକ୍ଷ ବୈଶ୍ୟରାଜୁ ବାଳକୃଷ୍ଣ ରାଜୁ, କଳିଙ୍ଗ ବୈଶ୍ୟ ଯୁବକ ମହାସଂଘ କୋଷାଧ୍ୟକ୍ଷ ଜନ୍ନା. ହରିନାଥ ଏବଂ ମହୁରୀ ଅଂଚଳ ଯୁବକ ସଂଘର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଏହି ଉତ୍ସବରେ ମହୁରୀ ଅଂଚଳ ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ମହିଳା ସଂଘର ସଦସ୍ୟମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ, ଯାହା ଫଳରେ ଏହି କାର୍ଯ୍ୟକ୍ରମ ସମ୍ପ୍ରଦାୟର ମହିଳାମାନଙ୍କର ଏକ ମହାସମାବେଶ ହୋଇଥିଲା । ରଜ ମହୋତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା ବାଣିଜ୍ୟ ମେଳା, ଯାହା ମହିଳାମାନଙ୍କ ଉଦ୍ୟୋଗୀ ପ୍ରତିଭାକୁ ପ୍ରଦର୍ଶନ କରିଥିଲା । ଏହି ଉତ୍ସବରେ ଏକ ରଜ କ୍ୱିନ ପ୍ରତିଯୋଗିତା ଏବଂ ଏକ ରିଲ୍-ମେକିଂ ପ୍ରତିଯୋଗିତା ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ରଜ ମହୋତ୍ସବର ସାଂସ୍କୃତିକ ଗୁରୁତ୍ୱ ଏବଂ ସମସାମୟିକ ପ୍ରାସଙ୍ଗିକତାକୁ ସୃଜନଶୀଳ ଭାବରେ ଉଜାଗର କରିବାକୁ ଉତ୍ସାହିତ କରିଥିଲା । ଅନେକ ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଉତ୍ସବକୁ ରଙ୍ଗ ଏବଂ ଉତ୍ସାହ ପ୍ରଦାନ କରିଥିଲା । ମହୁରୀ ଅଂଚଳରୁ ପ୍ରତିଭାବାନ ମହିଳାମାନେ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସୃଜନଶୀଳତା, ସଶକ୍ତିକରଣ ଏବଂ ସାମୁଦାୟିକ ବନ୍ଧନର ଭାବନାକୁ ପ୍ରତିଫଳିତ କରିଥିଲେ । ନାରୀତ୍ୱ, ଉର୍ବରତା ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରି, ରଜ ମହୋତ୍ସବ ୫୦୦ ରୁ ଅଧିକ ମହିଳାଙ୍କୁ ଏକତ୍ରିତ କରିଥିଲା, ଯେଉଁମାନେ ଅତ୍ୟନ୍ତ ଉତ୍ସାହ ଏବଂ ଉତ୍ସବମୁଖର ମନୋଭାବ ସହିତ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଏକ ଉତ୍ତମ ସନ୍ଦେଶ ସହ ଶେଷ ହୋଇଥିଲା ।

SEITHO ARAMBHA
ଶୁକ୍ରବାର, ୧୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ନୂଆପଡ଼ାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୧୮/୦୬ (ଆ.ପ୍ର) : ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ 'ପ୍ରତ୍ୟେକ ଶିଶୁ ଶିଖୁ, ବଢୁ ଓ ସ୍ୱପ୍ନ ଦେଖୁ' ଅନ୍ତର୍ଗତ ଶିଶୁ ଶ୍ରମ ଉଚ୍ଛେଦ, ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ-ମିତ୍ର ସମାଜ ଗଠନ ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର୍) ପକ୍ଷରୁ ଆଜି ସ୍ଥାନୀୟ ସଭାପତି ସଭାଗୃହଠାରେ ଜିଲ୍ଲାସ୍ତରୀୟ ପରାମର୍ଶ ଓ ଆଇଇସି ଓରିଏଂଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ନୂଆପଡ଼ା ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖଡ଼ିଆର ରୋଡ୍ ଏନ୍ଏସି ଅଧ୍ୟକ୍ଷା ଡା. ସୋନିଆ ଜୈନ, ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଳ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓଏସସିପିସିଆର୍‌ର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା କଳ୍ପନା ଲେଙ୍କା ଏବଂ ଶିଶୁ ଅଧିକାର ବିଶେଷଜ୍ଞ ତଥା ରିସୋର୍ସ ପର୍ସନ୍ ଜ୍ୟୋତିପ୍ରକାଶ ବ୍ରହ୍ମା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ଶିଶୁ ଶ୍ରମ (ନିଷେଧ ଓ ନିୟମନ) ଆଇନ, ଶିଶୁ ସୁରକ୍ଷା ବ୍ୟବସ୍ଥା, ଶିଶୁ ଚାଲାଣ ପ୍ରତିରୋଧ, ଶିଶୁମାନଙ୍କର ଶୀଘ୍ର ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ସମାଜର ମୂଳ ସ୍ରୋତରେ ପୁନଃସମାବେଶ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସମାବେଶକୁ ସମ୍ବୋଧିତ କରି ଓଏସସିପିସିଆର୍‌ର ଅଧ୍ୟକ୍ଷା କହିଥିଲେ ଯେ, ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା ଓ ସାମଗ୍ରିକ ବିକାଶ ଆମ ସମସ୍ତଙ୍କର ସର୍ବୋଚ୍ଚ ଦାୟିତ୍ୱ । ଶିଶୁମାନଙ୍କର ବିକାଶ ବିନା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ ନାହିଁ । ଶିଶୁ ଶ୍ରମ ଉଚ୍ଛେଦ ଦିଗରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ସେ ପ୍ରଶଂସା କରିବା ସହ ସମସ୍ତଙ୍କର ମିଳିତ ପ୍ରୟାସ ଦ୍ୱାରା ନୂଆପଡ଼ାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଭାବେ ଗଢ଼ିତୋଳା ଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାରେ ଶିଶୁ ଶ୍ରମ ଉଚ୍ଛେଦ ଓ ଶିଶୁ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ଯେ, ପ୍ରବାସୀ ଶ୍ରମିକ ସଚେତନତା ଶିବିର ମାଧ୍ୟମରେ ଶିଶୁ ଶ୍ରମ ରୋକିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଜିଲ୍ଲାରେ ଏପର୍ଯ୍ୟନ୍ତ ୮୦ରୁ ଅଧିକ ସଚେତନତା ଶିବିର ଆୟୋଜିତ ହୋଇଥିବା ବେଳେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା ପାଇଁ ନିୟମିତ ଭାବେ କନଭର୍ଜେନ୍ସ ବୈଠକ ଅନୁଷ୍ଠିତ ହେଉଛି । ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ ପାଇଁ ସଚେତନତା, ସମନ୍ୱୟ ଓ ସମୁଦାୟର ସକ୍ରିୟ ଭାଗୀଦାରି ଅପରିହାର୍ଯ୍ୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ) ସଚିବ ନବନୀତା ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ବବିତା ମିଶ୍ର, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ କର୍ମୀମାନେ ଉପସ୍ଥିତ ଥିଲେ ।

ବିକଶିତ ଭାରତ ନିମନ୍ତେ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ା, ୧୮/୦୬ (ଆ.ପ୍ର) : ବିକଶିତ ଭାରତ ନିମନ୍ତେ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମିଣୀଆକା, ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା କ୍ଷୀରାବ୍ଧି ତାନୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ କୁଲକର୍ଣୀ ରାୟଗଡ଼ ଜିଲ୍ଲାରେ ଗତ ଦୁଇ ବର୍ଷ ମଧ୍ୟରେ ବିକାଶ ନିମନ୍ତେ ନିଆଯାଇଥିବା ବରିଷ୍ଠ ପଦକ୍ଷେପ ଗୁଡ଼ିକର ଏକ ବିହଂଗାବଲୋକନ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ମେଗା ଜଳ ପ୍ରକଳ୍ପ, ଜଳସେଚନ ନିମନ୍ତେ ଆନିକଟ, ସୁଦୂର ଗ୍ରାମାଂଚଳକୁ ସଂଯୋଗୀକରଣ ନିମନ୍ତେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, କୃଷକ, ଶ୍ରମିକ ମାନଙ୍କ ନିମନ୍ତେ ପ୍ରୋତ୍ସାହନ ବ୍ୟବସ୍ଥା, ଜିଲ୍ଲାରେ ମାଓ ଦମନ ଆଦି ଅନେକ ସଫଳତା ତାଙ୍କ ବକ୍ତବ୍ୟରେ ସ୍ଥାନିତ ଥିଲା । ରାୟଗଡ଼ ଏକ ଉପାନ୍ତ ଓ କେବିକେ ଅଂଚଳ ହୋଇଥିବାରୁ ଏଠାରେ ଭବିଷ୍ୟତରେ ବିକାଶର ଅନେକ ସମ୍ଭାବନା ଥିବା ସେ କହିଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ରାୟଗଡ଼ ଅଂଚଳର ସମସ୍ୟା ବିଷୟରେ ସରକାର ଅବଗତ ଥିବା ଏବଂ ଏହାର ସମାଧାନ ନିମନ୍ତେ ପଦକ୍ଷେପ ମାନ ନେବେ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ସନ୍ଦର୍ଭରେ ଏକ ପ୍ୟାନେଲ ଆଲୋଚନା ହୋଇଥିଲା । ରାୟଗଡ଼ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଏହାର ପରିଚାଳନା କରିଥିବା ବେଳେ ରାୟଗଡ଼ ବାର ଆସୋସିଏସନର ସଭାପତି ବ୍ରଜସୁନ୍ଦର ନାୟକ, ସେଂଚୁରିଆନ ବିଶ୍ୱବିଦ୍ୟାଳୟର ଆଂଚଳିକ ନିର୍ଦ୍ଦେଶକ ଡ:ରାକେଶ କୁମାର ପାଢ଼ୀ, ସରକାରୀ ପ୍ଲିଡର ପଦ୍ମନାଭ ଦାଶ, ଓ ବ୍ୟାଙ୍କ ପରାମର୍ଶଦାତା ସୁବାସ ଚନ୍ଦ୍ର ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମୁକ୍ତ ଆଲୋଚନାରେ ଉପ ନିର୍ଦ୍ଦେଶକ ହିମାଂଶୁ ମୋହନ ଲେଙ୍କା ଏବଂ ରାୟଗଡ଼ ବ୍ଲକ ବି ଜେ ଏସ ଏସ ଉପ ସଭାପତି ସନ୍ତୋଷ ଡାଣ୍ଡି ଅଂଶଗ୍ରହଣ କରି ବିଶ୍ୱ ତାପନ ଓ ସଂସ୍କୃତି ଓ ବିକାଶ ସନ୍ଦର୍ଭରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ଶେଷରେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ନିମନ୍ତେ ଆହ୍ୱାନ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅପରପକ୍ଷେ, ବିଭିନ୍ନ ଯୋଜନା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ସଚେତନତା ଷ୍ଟଲ ଓ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପ୍ରାଣୀ ସମ୍ପଦ, ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ସମିତି , ଜିଲ୍ଲା କୃଷି ବିଭାଗ, ମତ୍ସ୍ୟ ଓ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସଚେତନତା ଷ୍ଟଲ ମାନ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାର୍କି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ବିପ୍ର ଚରଣ ବେହେରା, ସହକାରୀ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ତିବ୍ରୁଆନ, ସହକାରୀ କୃଷି ଅଧିକାରୀ ଶ୍ୱେତା ଦଳେଇ ବେହେରା ଓ ଅନାମିକା ଦେବୀ, ସହକାରୀ ମତ୍ସ୍ୟ ଅଧିକାରୀ କଳିଆ ବାଉରୀ ଜିଲ୍ଲା, ସୁଶାନ୍ତ କୁମାର ଗୌଡ଼, ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ବିନୋଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ସଂଘ, ଓ୍ୱାର୍କର୍ସ କ୍ଲବର କର୍ମକର୍ତ୍ତା ଓ ଜନ ସାଧାରଣ ଅଂଶଗ୍ରହଣ କରିଥିଲେ । କଳା ନିକେତନ ଓ ରୟାଲ ଡାନ୍ସ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଟିଭି କଳାକାର ଶ୍ରୀ ମଲ୍ଲି ମୁରଲୀ ନିଜ ଶହର ଯାଦୁରେ ସଭିଙ୍କ ମନ ମୋହିଥିଲେ । ବରିଷ୍ଠ ଶିକ୍ଷକ ନିରଂଜନ ମିଶ୍ର ମଂଚ ପରିଚାଳନା କରିଥିଲେ ।

ନରୁଆ ମନ୍ଦିର ହୁଣ୍ଡି ଚୋରି ଘଟଣାରେ ଆସାମୀ ଗିରଫ୍

ତିର୍ତ୍ତୋଲ, ୧୮/୦୬ (ଆ.ପ୍ର) : ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତାର ନରୁଆ ଦୁର୍ଗା ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ନେଇ ଯାଉଥିବା ସିସିଟିଭି ଭିଡିଓକୁ ନେଇ ଅଂଚଳରେ ଚର୍ଚ୍ଚାକୁ ନେଇ ତିର୍ତ୍ତୋଲ ପୋଲିସ୍‌ର ପରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ପୋଲିସ୍ ଆଖିରେ ଧୂଳି ଦେଇ ଦିନରେ ଟାର୍ଗେଟ ରାତିରେ ଆଟିକ୍ କରୁଥିଲା ଏହି ମାଷ୍ଟର ମାଇଣ୍ଡ ଚୋର । କିନ୍ତୁ ବିଳମ୍ବରେ ହେଲେ ମଧ୍ୟ ଜିଲ୍ଲା ଏସ୍ପି ଙ୍କ ଚାପ ଓ ତିର୍ତ୍ତୋଲ ଯୁବ ପୋଲିସ୍ ଅଫିସର୍ ଜୟଦେବ ମହାନ୍ତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଦୁର୍ଦ୍ଦାନ୍ତ ଡକାୟତ ପୂର୍ଣ୍ଣ ଚନ୍ଦ୍ର ମାଝି(ପୁନିଆଁ) (୫୧ ବର୍ଷ)କୁ 'ବଣିତ' ଠାରୁ ଗତକାଲି ରାତିରେ ଗିରଫ କରିବା ପରେ ଅଭିଯୁକ୍ତ କିଭଳି ଚୋରି କରିଥିଲା ସବୁ ମାନି ଯାଇଛି । ଅଭିଯୁକ୍ତ ପୁନିଆଁ ଘର ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ଗଣପତି ପୁର ଗ୍ରାମ ହୋଇଥିବା ବେଳେ ପିତା ସ୍ୱର୍ଗତ ବୈଷ୍ଣବ ମାଝି ବୋଲି ଜଣାପଡ଼ିଛି । ଅଭିଯୁକ୍ତ ନିକଟରୁ ନୀଳ ରଙ୍ଗର ହ୍ୟାଣ୍ଡଲ ଲାଗିଥିବା ଷ୍ଟିଲରେ ତିଆରି କଟର, ଦୋଳୁ କଟର ଦୁଇଟି ରବର ଗ୍ରିପ୍ ଜବତ ହୋଇଛି । ଅଭିଯୁକ୍ତ ପୁନିଆଁକୁ ତିର୍ତ୍ତୋଲ ପୋଲିସ୍ କେସ୍ ନଂ ୩୭/୨୦୨୬, ୟୁ ଏସ୍ -୩୦୩(୨) ଦଫା ଲଗାଇ ବିଏନ୍ଏସରେ ଅଟକ ରଖିଛି ତିର୍ତ୍ତୋଲ ପୋଲିସ୍ । ଅଭିଯୁକ୍ତ ର ସ୍ଥାନୀୟ ନରୁଆ ଛକ ଠାରେ କିଛି ନିସାଡିଙ୍କ ସହିତ ସମ୍ପର୍କ ରହିଥିବା ପୋଲିସ୍ ହାତରେ ସୁରାଗ ଲାଗିଛି । ଖୁବ୍ ଶୀଘ୍ର ପୋଲିସ୍ ଅଭିଯୁକ୍ତର ପାଖ ଲୋକଙ୍କ ପାଖରେ ପହଂଚି ଉଠାଇପାରେ ବୋଲି ଜଣାପଡ଼ିଛି । କିନ୍ତୁ ପୂର୍ବରୁ ନରୁଆ ଦୁର୍ଗା ମନ୍ଦିର କବାଟ ଡାଡି ମା'ଙ୍କ ସୁନା, ରୂପା ଗହଣା, ପିତଳ ବାସନ କୁସନ ଘଂଟ ଘଂଟି ଚୋରି ହୋଇଥିବା ଘଟଣା ରେ ପୋଲିସ୍ ହାତ ଖାଲିଥିବା ଜଣା ପଡ଼ିଛି ।

ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ରଜ ମହୋତ୍ସବ ପାଳନ

ଯାଜପୁର, ୧୮/୦୬ (ଆ.ପ୍ର) : ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗ ରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ରଜ ମହୋତ୍ସବ - ୨୦୨୬ ପାଳିତ ହୋଇଯାଇଛି । ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରଜ ମହୋତ୍ସବ - ୨୦୨୬ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ଓଡ଼ିଶାର ମହାନ ଗଣପର୍ବ ରଜ ଉତ୍ସବକୁ ଧୁମ୍ ଧାମରେ ପାଳନ କରି ପୁରୁଣା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ୟମକୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନୁଷ୍ଠାନ ପକ୍ଷରୁ ଲୁଡୁ, ତାସ, ଅନ୍ତାକ୍ଷରୀ, ଦୋଳି, ପାନଭଙ୍ଗା, ହୁକୁହୁକି, ଏକକ ଅଭିନୟ, ମିୟୁଜିକ ଚେୟାର, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କୋର୍ କମିଟିର ସଦସ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟ ସଦସ୍ୟା ମନିଷା ରାଉତ, ମୋନାଲିସା ବେହେରା ପରିଚାଳନା କରିଥିଲେ । ଏହି ରଜ ମହୋତ୍ସବରେ ଅନୁଷ୍ଠାନର କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବ୍ଦୁଲ ସାହିଦ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କୋର୍ କମିଟିର ସଦସ୍ୟ ଅଶୋକ କୁମାର ପାଣିଗ୍ରାହୀ, ରବିନାରାୟଣ ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟା ମାନେ ଯୋଗଦାନ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ, ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

ତିଖିରି ସରପଂଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଚାର ବିଭାଗୀୟ ତଦନ୍ତ ଦାବି

ବାଲେଶ୍ୱର, ୧୮/୦୬ (ଆ.ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍‌ର ତିଖିରି ପଞ୍ଚାୟତର ସରପଞ୍ଚ ସୁଶ୍ରୀ ଚାମେଲି ଓଝାଙ୍କ ବିରୋଧରେ ବିଡିଓ ଏବଂ ପୋଲିସ୍‌ର ଆଚରଣକୁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ସୋସାଇଟି ପକ୍ଷରୁ ଦାବି କରାଯାଇଛି । ରାଜ୍ୟ ସରକାର ଦୁଇବର୍ଷର ପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ଜଣେ ନିର୍ବାଚିତ ମହିଳା ସରପଞ୍ଚଙ୍କ ପ୍ରତି ସ୍ଥାନୀୟ ପ୍ରଶାସନ ଓ ପୋଲିସ୍‌ର ବ୍ୟବହାର ସମସ୍ତ ସୀମା ଟପିଯାଇଛି ବୋଲି ମତ ପ୍ରକାଶ ପାଇଛି । ଚାମେଲି ଓଝାଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯାଇ ଦୋଷୀ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଜଣେ ଦୁଇଜଣଙ୍କୁ ଗିରଫ କରି ପୋଲିସ୍ ନିଜର ଭାବମୂର୍ତ୍ତି ସଜାଡ଼ିବାକୁ ଚେଷ୍ଟା କରୁଛି । କିନ୍ତୁ ଅଭିଯୋଗପତ୍ରରେ ଥିବା ସମସ୍ତ ଅପରାଧିଙ୍କୁ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବାକୁ ସିଭିଲ୍ ସୋସାଇଟି ଦାବି କରିଛି । ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଘରୋଇ ବିଭାଗ ରାଜ୍ୟରେ ଆଇନ ଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଉତ୍କଳ ସେବକ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସଂପାଦକ ମନୋଜ ନାୟକ ପ୍ରସଙ୍ଗ ଉପରେ ଆଲୋକପାତ କରି ରାଜ୍ୟରେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି ବୋଲି କହିଥିଲେ । ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୁରୁଷୋତ୍ତମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବର୍ଷାରେ ଭାଙ୍ଗିଲା ଝାଟିମାଟି ଘର



ଦଶପଲ୍ଲା, ୧୮/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଜଳସାଖମଣି ଗ୍ରାମ ପଂଚାୟତର କାଣିପଦର ଗ୍ରାମରେ ପ୍ରବଳ ବର୍ଷା ଯୋଗୁଁ ଗ୍ରାମର ଖଦାଳ ନାଏକଙ୍କ ଝାଟିମାଟି ଘରଟି ଭାଙ୍ଗି ପଡ଼ିଛି । ଉକ୍ତ ଘରେ ରହୁଥିବା ସ୍ତ୍ରୀ ଝିଅଙ୍କୁ ନାତିନାତୁଣୀ ବର୍ଷା ପୂର୍ବରୁ ବାହାରକୁ ବାହାରି ଆସି ଥିବାରୁ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ସଂଚିତ ଖାଦ୍ୟ ପଦାର୍ଥ ଓ ଆସବାବପତ୍ର ଭଙ୍ଗା ଘର ତଳେ ଚାପି ହୋଇ ରହି ଯାଇଛି । ସୂଚନା ଯୋଗ୍ୟ ଯେ, ପକ୍କା ଘର ଯୋଜନାରେ ମିଳିଥିବା ସରକାରୀ ସହାୟତା ଅଦ୍ୟାବଧି ଖଦାଳଙ୍କ ପାଇଁ ପୂର୍ଣ୍ଣାଙ୍ଗ ପକ୍କା ଘରଟିଏ ପାଇବାର ସ୍ୱପ୍ନକୁ ସାକାର କରି ପାରିନାହିଁ । ଅଧାପନ୍ତରା ହୋଇ ପଡି ରହିବା ଯୋଗୁଁ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଅନିବାର୍ଯ୍ୟ ହୋଇ ପଡିଛି ।

ବଣାଇଁ ବ୍ଲକ ପ୍ରତି ଗାଁରେ ଚୋରା ଦେଶୀ ମଦର ବ୍ୟାପକତା

ବଣାଇଁ, ୧୮/୦୬ (ଆ.ପ୍ର) : ମଦ ମୃତ୍ୟୁକୁ ରୋକିବା ସହିତ ବିଷାକ୍ତ ମଦ ପ୍ରସ୍ତୁତିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଅବକାରୀ ଆଇନରେ ସଂଶୋଧନ ଆଣି କେତେକ ବଳିଷ୍ଠ ତଥା କଠୋର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଥାପି ଗାଁ ଗହଳିରେ ଚୋରା ଦେଶୀ ରନ୍ଧା ମଦର ପ୍ରସାରକୁ ଅବକାରୀ ବିଭାଗ ରୋକିବାରେ ସଫଳ ହୋଇପାରି ନାହିଁ । ବଣାଇଁ ଅବକାରୀ ବିଭାଗ ଅଧୀନରେ ଥିବା ପ୍ରତି ଗ୍ରାମାଂଚଳରେ ଏବେ ମାତ୍ରାଧିକ ଭାବେ ଦେଶୀମଦ ବିକ୍ରି ହେଉଛି । ବିଶେଷ କରି ଗିଲି, ବୈନେଇକଦା ଗ୍ରାମ ମାନଙ୍କରେ ଏବେ ଦେଶୀ ମଦର ଜୁଆର ଚାଲୁଥିବା ଉକ୍ତ ଗ୍ରାମ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି । ଅବକାରୀ ବିଭାଗ ମାସିକିଆ ଚାନ୍ଦା ନେଇ କୋଚିଆ ବେପାରୀଙ୍କୁ ସୁରକ୍ଷା ଦେଉଥିବା କଥା ଆଲୋଚନା ହେଉଛି । ସରକାରୀ ଦେଶୀ ମଦଭାଟିରେ ମିଳୁଥିବା ପାଉଚ୍ ମଦ ଅପେକ୍ଷା ଏହି ମଦ ଅପେକ୍ଷାକୃତ ଶସ୍ତା ଓ ଅଧିକ ନିଶା ହେଉଥିବାରୁ ଲୋକେ ଏହାକୁ ଆଦରି ନେଉଛନ୍ତି । ଫଳସ୍ୱରୂପ ଅନେକ ନିରୀହ ଜୀବନ ଅକାଳରେ ଝଡି ଯିବା ସହିତ ଗୁଡ଼ାଏ ପରିବାର ବେସାହାରା ହୋଇଯାଉଥିବା ଦେଖିବାକୁ ମିଳୁଛି । ଅଧିକ ମୁନାଫା ହାତେଇବା ଲକ୍ଷ୍ୟରେ ଏବେ ପ୍ରତି ଗାଁ ମାନଙ୍କରେ ଦେଶୀ ମଦ ବିକ୍ରି ଚାଲିଛି । ଆଉ ଏଭଳି ଚୋରା କାରବାରରେ ଉପଲବ୍ଧ ହେଉଥିବା ଦେଶୀ ମହୁଲି ମଦରେ ଅସଲି ବାସ୍ତୁ ଆଉ ନାହିଁ ବୋଲି ଜଣାପଡିଛି । ମହୁଲର ଅଭାବ ଓ ଚଢ଼ା ଦର ଯୋଗୁଁ ମଦ ପ୍ରସ୍ତୁତକାରୀମାନେ ବର୍ତ୍ତମାନ ଗୁଡ଼, ଚିନି ତଥା ବିଭିନ୍ନ ରାସାୟନିକ ପଦାର୍ଥ ଦ୍ୱାରା ମଦ ପ୍ରସ୍ତୁତ କରି ବିକ୍ରୟ କରୁଛନ୍ତି । ଏହା କେତେକ ସ୍ଥଳରେ ଅବକାରୀ ତଥା ପୋଲିସ ବିଭାଗର ଜ୍ଞାତସାରରେ ଚାଲିଥିବା ଅଭିଯୋଗ ହେଉଛି । ମଦଭାଟି ଗୁଡ଼ିକ ନିକଟରେ ଆଉ ମହୁଲ ପୋଚ ଦେଖିବାକୁ ମିଳୁନାହିଁ । ଅଥଚ ଦିନକୁ ହଜାର ହଜାର ଲିଟର ମଦ ପ୍ରସ୍ତୁତ ହୋଇ ବିକ୍ରି ଚାଲିଛି । ଅବକାରୀ ଧାର୍ଯ୍ୟ ନୀତି ଅନୁସାରେ ଜଣେ ଭାଟି ଠିକାଦାର ତାଙ୍କ ମଦଭାଟି ଅଧୀନରେ ଦୁଇରୁ ଅଧିକ ଶାଖା ଖୋଲି ମଦ ବିକ୍ରି କରିବାର କ୍ଷମତା ଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ସଲାସୂତ୍ରରେ ଠିକାଦାର ପ୍ରତି ଗାଁ ମାନଙ୍କୁ ନିଜେ ନେଇ କୋଚିଆ ବେପାରୀ ମାନଙ୍କ ଦ୍ୱାରା ଖୋଲାଖୋଲି ବେନିୟମ ଭାବେ ଅବାଧରେ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏପରିକି ପ୍ରାୟ ପ୍ରତି ଗ୍ରାମରେ କେତେକ ଚୋରାମଦ ବେପାରୀ ନିଜ ନିଜ ଘର ତଥା ସୁରକ୍ଷିତ ସ୍ଥାନମାନଙ୍କରେ ହାତରନ୍ଧା ମଦ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଜ୍ଞାତସାରରେ ବିକ୍ରୟ କରୁଛନ୍ତି । ଏଭଳି ଅପମିଶ୍ରିତ ତଥା ବିଷାକ୍ତ ମଦ୍ୟପାନ ଯୋଗୁଁ ପ୍ରତି ଦିନ ଭେଣ୍ଡିଆ ଯୁବକ ମାନଙ୍କ ଜୀବନ ଯାଉଥିବା ଦେଖିବାକୁ ମିଳୁଛି । ଏଭଳି ଅପମିଶ୍ରିତ ତଥା ଚୋରା ଦେଶୀ ରନ୍ଧା ମଦର କାରବାରକୁ କର୍ତ୍ତୃପକ୍ଷ ବନ୍ଦ ନ କଲେ ଆଗକୁ କେତେଯେ ନିରିହ ମଣିଷଙ୍କ ଜୀବନ ଅକାଳରେ ଚାଲିଯିବ ତାହା ଆକଳନ କରିବା କଷ୍ଟସାଧ୍ୟ ହୋଇପଡିବ ।

ଗଛ ଲଗେଇବା ନାଁରେ ୭୫ ହଜାରରୁ ଅଧିକ ଟଙ୍କା ହଡ଼ପ କାକଟପୁର ଗ୍ରାମ ପଂଚାୟତରେ ମନରେଗା ଦୁର୍ନୀତି ଅଭିଯୋଗ

କାକଟପୁର, ୧୮/୦୬ (ଆ.ପ୍ର) : ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧୀନ କାକଟପୁର ଗ୍ରାମ ପଂଚାୟତରେ ମନରେଗା ଯୋଜନାରେ ବୃକ୍ଷରୋପଣ ନାଁରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗଛ ଲଗାଇବା ନାଁରେ ଲକ୍ଷାଧିକ ଟଙ୍କାର କାର୍ଯ୍ୟ ଦର୍ଶାଯାଇଥିବା ବେଳେ, ପ୍ରକୃତରେ କାମ ନ ହୋଇ ଜାଲିଆତି ଉପାୟରେ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଗତବର୍ଷ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ନିମାପଡା ବିଧାୟିକା ପ୍ରଭାତୀ ପରିଡା କାକଟପୁର ଗସ୍ତ କରି 'ଗଛଟିଏ ମା ପାଇଁ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହି ସମୟରେ ଛାତ୍ରଛାତ୍ରୀ ଏବଂ ଜନ ପ୍ରତିନିଧିମାନେ କିଛି ବୃକ୍ଷ ରୋପଣ କରିଥିଲେ । ତେବେ ଅଭିଯୋଗ ହେଉଛି ଯେ, ଏହି କାର୍ଯ୍ୟକ୍ରମକୁ ଆଧାର କରି କାକଟପୁର ଗ୍ରାମପଂଚାୟତର ପଂଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପ୍ରାୟ ୧ ଲକ୍ଷ ୯୬ ହଜାର ଟଙ୍କାର ଏକ ମନରେଗା ପ୍ରକଳ୍ପ ଖୋଲିଥିଲେ । ଅଭିଯୋଗ ଅନୁଯାୟୀ, ପରବର୍ତ୍ତୀ ସମୟରେ ପଂଚାୟତର ଆକାଉଂଟାଂଟ-କମ୍-ଡାଟା ଏଂଟ୍ରି ଅପରେଟର (ଏଡିଓ) ଏବଂ ସମ୍ପୃକ୍ତ ଅଧିକାରୀମାନେ ଚଂଚକତା କରି ୨୫ ଜଣ ବ୍ୟକ୍ତିଙ୍କ ନାମରେ ଏନ.ଏମ.ଏମ.ଏସ ଆପ୍ ମାଧ୍ୟମରେ ଫେକ୍ ହାଜିରା ଅପଲୋଡ୍ କରିଥିଲେ । ଯେଉଁମାନେ ପ୍ରକୃତରେ କାମ କରିନଥିଲେ, ସେମାନଙ୍କ ନାମରେ ମଜୁରୀ ଦର୍ଶାଇ ସରକାରୀ ଅର୍ଥ ଉଠାଯାଇଥିବା ଅଭିଯୋଗ ହୋଇଛି । ତଥ୍ୟ ଅନୁସାରେ, ୧୪ ନଭେମ୍ବର ୨୦୨୫ ତାରିଖରେ କାକଟପୁର ଗ୍ରାମର ୧୫ ଜଣଙ୍କ ନାମରେ ୪୮,୦୪୮ ଟଙ୍କା, ମୂଳାଗଡ଼ ଗ୍ରାମର ୫ ଜଣଙ୍କ ନାମରେ ୧୩,୬୫୦ ଟଙ୍କା, ଦେଉଳି ଗ୍ରାମର ୪ ଜଣଙ୍କ ନାମରେ ୧୦,୯୨୦ ଟଙ୍କା ଏବଂ କାହାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ୨,୭୩୦ ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି । ଏହିପରି ମୋଟ ୭୫,୩୪୮ ଟଙ୍କା ସନ୍ଦେହ ଜନକ ଭାବରେ ବ୍ୟୟ ହୋଇଥିବା ଅଭିଯୋଗ ଉଠିଛି । ଆଶ୍ଚର୍ଯ୍ୟର କଥା ହେଉଛି କିଛି ୱାର୍ଡ ମେମ୍ବରଙ୍କ ଜବକାର୍ଡ ଆକାଉଂଟକୁ ଏହି ଟଙ୍କା ପ୍ରଦାନ କରାଯାଇଛି । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ପ୍ରକୃତରେ ବୃକ୍ଷରୋପଣ କାମ ହୋଇନଥିଲା, ତେବେ ଏନଏମଏମଏସ ଆପ୍‌ରେ ହାଜିରା କିଏ ଏବଂ କେମିତି ଅପଲୋଡ୍ କଲା ? କାମର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କିପରି ଏହି ଅନିୟମିତତାକୁ ଅନୁମୋଦନ କଲେ ? ଏବଂ ସରକାରୀ ଟଙ୍କା କାହା ସ୍ୱାର୍ଥରେ ବ୍ୟବହୃତ ହେଲା ? ଏହି ଘଟଣା ପ୍ରକାଶ ପାଇବା ପରେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ମନରେଗା ଭଳି ଗରିବ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ଏପରି ଦୁର୍ନୀତି ଅଭିଯୋଗ ସରକାରୀ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି । ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

ଇସଲାମିକ ନୂତନ ବର୍ଷ ପାଳନ ଉପଲକ୍ଷେ ଜଲସା କାର୍ଯ୍ୟକ୍ରମ

ଧାମନଗର, ୧୮/୦୬ (ଆ.ପ୍ର) : ପବିତ୍ର ମହରମ ମାସ ହେଉଛି ଇସଲାମିକ ଧର୍ମର ନୂତନ ବର୍ଷ । ଧାମନଗର ଅଂଚଳରେ ହଜରତ୍ ଇମାମ ହୋସେନଙ୍କ ସ୍ମୃତି ଉଦ୍ଦେଶ୍ୟ ତଥା ଏହି ନୂତନ ବର୍ଷ ପାଳନ ଅବସରରେ ବୁଧବାର ଏନ୍ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ ପଠାଣ ମହଲା ଗ୍ରାମ ସ୍ଥିତ ବଡେ ଖାନ ଗାଜିବାବାଙ୍କ ଆସ୍ଥାନା ପ୍ରାଙ୍ଗଣରେ ରାତି ପ୍ରାୟ ୯ଟା ସମୟରେ ଜଲସା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଧାମନଗର ଇମାମ-ହୋସେନ କମିଟି ତରଫରୁ ଆୟୋଜିତ ଜଲସା କାର୍ଯ୍ୟକ୍ରମ ମୌଲାନା ସେକ ସାହାବୁଦ୍ଦିନଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଖାନକା ସରିଫ ମତଓଲ୍ଲି ସୟଦ ହବିବ୍ ଉଲ୍ଲା ହବିବି ଯୋଗ ଦେଇ ଇସଲାମିକ ନୂତନ ବର୍ଷ ଏବଂ ହଜରତ୍ ଇମାମ-ହୋସେନଙ୍କ ସ୍ମୃତି ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ମୌଲାନା ସାଦାତ ହୋସେନ, ମୌଲାନା ମନ୍ସୁର, ମୌଲାନା ମୋବାରକ ହୋସେନ ମୋବାରକ, ସମସେ ତବରେଜ (ଗିରୀଡି), ସାହିଦ ଉଲ୍ଲା ହବିବି, ସାଓନ ଉଲ୍ଲା ହସନ ପ୍ରମୁଖ ଜଲସା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗ୍ରାମର ମୁରବି ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ ଉପସ୍ଥିତ ଥିବା ବେଳେ କମିଟି ସଭାପତି ସେକ ସମିମ, ସମ୍ପାଦକ ସେକ ଏନଜାମୁଲ, ବେସାରତ ଖାଁ ଓ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ନେସନ୍ ଅନାଥ ଆଶ୍ରମର ଶିଶୁମାନଙ୍କ ସହ ରଜପର୍ବ ପାଳନ

ଟାଙ୍ଗୀ-ଚୌଦ୍ୱାର, ୧୮/୦୬ (ଆ.ପ୍ର) : ଟାଙ୍ଗୀ ସ୍ଥିତ ଡାଲମିଆ ଭାରତ ସିମେଂଟର ଏକ ୟୁନିଟ୍ କପିଳାସ ସିମେଂଟ ମାନୁଫାକ୍ଚରିଂ ୱର୍କ୍ସ (କେ ସି ଡବ୍ଲ୍ୟୁ) ପକ୍ଷରୁ ନେସନ୍ ଅନାଥ ଆଶ୍ରମର ଶିଶୁମାନଙ୍କ, କମ୍ପାନୀର ଅଧିକାରୀବୃନ୍ଦ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ସହ ଆନନ୍ଦ ଓ ଉତ୍ସାହର ସହିତ ରଜ ପର୍ବ ପାଳନ କରାଯାଇଥିଲା । ଏହି ଅବସରରେ ରଜ ପିଠା ପ୍ରତିଯୋଗିତା, ପୁଚି ଖେଳ, ମାର୍ବଲ-ଚାମଚ ଦୌଡ଼, ନୃତ୍ୟ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶିଶୁମାନେ ବହୁ ଉତ୍ସାହର ସହିତ ଏହି ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉତ୍ସବକୁ ଆହୁରି ଆନନ୍ଦମୟ କରିଥିଲେ । ଏହି ରଜ ଉତ୍ସବ ଶିଶୁମାନଙ୍କ, କମ୍ପାନୀର କର୍ମକର୍ତ୍ତା ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ଓ ସମନ୍ୱୟ ବୃଦ୍ଧି କରିବା ସହ ସାମାଜିକ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥିଲା । ଆନନ୍ଦ, ହସଖୁସି ଓ ସ୍ମରଣୀୟ ମୁହୂର୍ତ୍ତରେ ଭରିଥିବା ଏହି ରଜ ଉତ୍ସବ ସମସ୍ତଙ୍କ ମନରେ ସୁନ୍ଦର ସ୍ମୃତି ସୃଷ୍ଟି କରି ସଫଳତାର ସହ ସମାପ୍ତ ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ଭବାନୀପାଟଣା, ୧୮/୦୬ (ଆ.ପ୍ର) : ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଐତିହାସିକ ପଦକ୍ଷେପ ସ୍ୱରୂପ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ କରିଛନ୍ତି । ସ୍ଥାନୀୟ ଟାଉନହଲ୍ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଜନତା ମଇଦାନ... ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ମେଗା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ରାଜ୍ୟରେ କୌଣସି ବ୍ୟକ୍ତି ଯେପରି ଖାଦ୍ୟ ଅଭାବରୁ କଷ୍ଟ ନ ପାଆନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ । ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ମାଧ୍ୟମରେ ଗରିବ ପରିବାରଗୁଡ଼ିକୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯିବ । ଯାହା ସେମାନଙ୍କ ଆର୍ଥିକ ବୋଝକୁ ଲାଘବ କରିବ । ଚାଷୀମାନେ ଯେପରି ବିନା ଦ୍ୱିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ସରକାର ସିଧାସଳଖ ଧାନ କିଣୁଛନ୍ତି ଓ ମଣ୍ଡିରୁ ମିଲ୍ ଦେଇ ସିଧାସଳଖ ହିତାଧିକାରୀଙ୍କ ପାଖରେ ଚାଉଳ ପହଂଚାଇବାକୁ ବ୍ୟବସ୍ଥା କରାଯାଇଛି । କୌଣସି ଶିଶୁ ଯେପରି ଅନ୍ନ ଅଭାବରୁ ଅପପୁଷ୍ଟିର ଶିକାର ନ ହୁଅନ୍ତି, ସେଥିପ୍ରତି ସରକାର ସମ୍ପୂର୍ଣ୍ଣ ସଜାଗ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଯୋଜନା ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ମାସିକ ୫ କିଲୋ ଚାଉଳ ମିଳୁଥିବା ବେଳେ, ଏବେ ରାଜ୍ୟ ସରକାର ଅତିରିକ୍ତ ୫ କିଲୋ ପ୍ରଦାନ କରିବେ । ଫଳରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ମାସିକ ମୋଟ ୧୦ କିଲୋ ଚାଉଳ ମାଗଣାରେ ପାଇବେ । ଏଥିରେ କଳାହାଣ୍ଡି ଜିଲ୍ଲାରେ ମୋଟ ୪,୩୨,୪୪୮ ପରିବାରର ୧୩,୭୪,୨୩୭ ହିତାଧିକାରୀ ଉପକୃତ ହେବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦବୋଧନ ଦେଇ ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ, ରାଜ୍ୟର ପ୍ରତ୍ୟେକ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ମିଳିତ ସମନ୍ୱୟରେ ଓଡ଼ିଶାର ପ୍ରାୟ ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଏହି ଯୋଜନାରୁ ସିଧାସଳଖ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଧର୍ମଗଡ ସୁଧୀର ରଞ୍ଜନ ପଟ୍ଟଯୋଶୀ, କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭାପତି, ବିଜୟ କୁମାର ଦିଶାରୀ, ଜିଲ୍ଲା ବିଜେପି ସଭାପତି, ଯୁଗଳ କିଶୋର ପୋଦ୍ଦାର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଗରିବ କଲ୍ୟାଣକାରୀ ଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରଶାସନିକ ସ୍ତରରେ ଜିଲ୍ଲାପାଳ ପାତ୍ରିକ ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରାଷ୍ଟ୍ରନ, ସିଡିଓ ତଥା ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ବନଖଣ୍ଡ ଅଧିକାରୀ (ଦ), ଆର କଲାଇ ଭାନ, ଜିଲ୍ଲା ବନଖଣ୍ଡ ଅଧିକାରୀ(ଉ), ପ୍ରଭାକର ବର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଦନ୍ତା ହାତୀର ଉତ୍ପାତରେ ନାକେଦମ ବନ ବିଭାଗ, ଆତଙ୍କିତ ସ୍ଥାନୀୟ ବାସିନ୍ଦା

ଦଶପଲ୍ଲା, ୧୮/୦୬ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଗଣିଆ ଅଂଚଳରେ ଏବେ ହାତୀ ଆତଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଗୋଟିଏ ବଡ଼ ଦନ୍ତା ହାତୀ ଅଂଚଳରେ ପ୍ରବେଶ କରି ବ୍ୟାପକ କ୍ଷତି କରାଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ହାତୀର ଗତିବିଧି ଉପରେ ନଜର ରଖିବା ଏବଂ ତାକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବା ପାଇଁ ନାକେଦମ ହେଲେଣି ବନବିଭାଗ କର୍ମଚାରୀ । ବନ ବିଭାଗର ସୂଚନା ଅନୁଯାୟୀ, ମହାନଦୀ ପାର ହୋଇ ନରସିଂହପୁର ପାର୍ଶ୍ୱରୁ ଖାଦ୍ୟ ଅନ୍ୱେଷଣରେ ଏହି ଦନ୍ତା ହାତୀଟି ଗଣିଆ ବ୍ଲକ ଅଂଚଳକୁ ଚାଲିଆସିଛି । ହାତୀଟି ସ୍ଥାନୀୟ ଚାଷଜମିରେ ପଶି ଫସଲ ନଷ୍ଟ କରିବା ସହ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି । ରାତି ହେଲେ ହାତୀଟି ଜନବସତି ଆଡ଼କୁ ମୁହାଁଉଥିବାରୁ ଗ୍ରାମବାସୀମାନେ ଭୟରେ ରାତି ଅନିଦ୍ରା ହୋଇ ରହୁଛନ୍ତି । ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ଗଣିଆ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦିନରାତି ପାଟ୍ରୋଲିଂ କରୁଛନ୍ତି । ସ୍ଥାନୀୟ ଲୋକଙ୍କୁ ସନ୍ଧ୍ୟା ପରେ ଜଙ୍ଗଲ ଆଡ଼କୁ ନଯିବା ଏବଂ ସତର୍କ ରହିବା ପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ହାତୀକୁ ଜନବସତିଠାରୁ ଦୂରେଇ ରଖିବା ପାଇଁ ବନ କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ ବାଜା ବଜାଇ ପ୍ରୟାସ ଜାରି ରଖିଛନ୍ତି । 'ନରସିଂହପୁର ଆଡୁ ଖାଦ୍ୟ ସନ୍ଧାନରେ ଆସିଥିବା ଏହି ଦନ୍ତା ହାତୀଟି ଉପରେ ତୀକ୍ଷ୍ଣ ନଜର ରଖିଛି ବନ ବିଭାଗ । ସେ ଯେପରି କୌଣସି ଧନଜୀବନର କ୍ଷତି ନ କରି ଶୁରକ୍ଷିତ ତାକୁ କିଭଳି ଜଙ୍ଗଲକୁ ଫେରାଇ ନିଆଯିବ, ସେଥିପାଇଁ ବନ କର୍ମଚାରୀମାନେ ନିରନ୍ତର ଚେଷ୍ଟା ଚଳାଇଛନ୍ତି ।

ଶୀତଳ ଷଷ୍ଠୀ ଅବସରରେ ଶିବ ପାର୍ବତୀ ବିବାହ ଉତ୍ସବ ପାଳିତ

ଦଶପଲ୍ଲା, ୧୮/୦୬ (ଆ.ପ୍ର) : ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ଶିବ ପାର୍ବତୀ ବିବାହ ଉତ୍ସବ ବଡ଼ ଧୂମଧାମରେ ପାଳିତ ହୋଇଯାଇଛି ଦଶପଲ୍ଲା ଏନଏସି ଅନ୍ତର୍ଗତ ବେଲର ମାଳିସାହି ଠାରେ ଅବସ୍ଥିତ ବାବା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଶୀତଳ ଷଷ୍ଠୀ ଅବସରରେ ପ୍ରତି ବର୍ଷ ଏ ବିବାହ ଉତ୍ସବ ପାଳିତ ହୋଇଥାଏ । ଏହି ବିବାହ ଉତ୍ସବରେ ବର ପିତା ଭାବେ ବାସୁଦେବ ପରିଡା ଓ ମାତା କାଜଲ ପରିଡା ଅବସ୍ଥିତ ହୋଇଥିବା ବେଳେ କନ୍ୟା ପକ୍ଷର ପିତା ଭାବେ ଗଣେଶ୍ୱର ସାହୁ ଓ ମାତା ପଦ୍ମାବତୀ ସାହୁ ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ । ତେବେ ବୁଧବାର ଦିନ ମଙ୍ଗଳକୃତ୍ୟ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଗୁରୁବାର ଦିନ ବିବାହ ଉତ୍ସବ ହୋଇଥିବା ବେଳେ ଶୁକ୍ରବାର ସାନ୍ଧ୍ୟରେ ଗ୍ରାମ ପରିକ୍ରମଣର କାର୍ଯ୍ୟକ୍ରମ ରହିଛି । ସମସ୍ତ ଶ୍ରଦ୍ଧାଳୁଙ୍କ ନିମିତ୍ତ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ହୋଇଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଓ ସମସ୍ତ ସଭ୍ୟ ଏବଂ ସେବାୟତଙ୍କ ସହଯୋଗରେ ଏ ମଙ୍ଗଳ କାର୍ଯ୍ୟ ସମାପନ ହୋଇଥିଲା ।

ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଆଲୋଚନା ଭିତିକ ଅଭ୍ୟାସ

ଖୋର୍ଦ୍ଧା, ୧୮/୦୬(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ସଦର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଆଲୋଚନା ଭିତିକ ଅଭ୍ୟାସ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସାଧାରଣ ପରିଚାଳିକା (ଯୋଜନା ଏବଂ ପ୍ରଶାସନ) ଡ଼ଃ ସରିତା ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଖୋର୍ଦ୍ଧା ପୌର ପରିଷଦ, ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ଅତ୍ୟାବଶ୍ୟକ ସେବା ବିଭାଗ, ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ପ୍ରଧାନ ବିଭିନ୍ନ ବିଭାଗର ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହାନ୍ତି ବିପର୍ଯ୍ୟୟ ସମୟରେ ରିଲିଫ୍ ବାଂଟିବା, ରିଲିଫ୍ ଗାଡ଼ି ରାସ୍ତାରେ ଚାଳିବା, କିରୋସିନ ପେଟ୍ରୋଲ ବଂଟନ ଆଦି ବିଭିନ୍ନ ଖାଉଟି ସେବା ଦିଗରେ ପୋଲିସ ପ୍ରଶାସନର ଆଇନଶୃଙ୍ଖଳା ଅତି ଆବଶ୍ୟକ ବୋଲି ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ, ଭୁବନେଶ୍ୱର କହିଲେ ବିପର୍ଯ୍ୟୟ ପରିଚାଳନା ସମୟରେ ବିପଦ ସଙ୍କୁଳ ସ୍ଥାନରେ ଥିବା ଜନସାଧାରଣଙ୍କୁ ସ୍ଥାନାନ୍ତରଣ, ଗୃହ ପାଳିତ ଗାଈଗୋରୁ ପଶୁ ପକ୍ଷୀଙ୍କୁ ସୁରକ୍ଷା ଦେବା ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଉତମ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ କର୍ତବ୍ୟ ଓ ଦାୟିତ୍ୱ ନିଷ୍ଠାପର ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସାଧାରଣ ପରିଚାଳିକା, ଡ଼ଃ ସରିତା ଜେନା କେଉଁ ବିଭାଗର କି କି ଦାୟିତ୍ୱ ନିର୍ବାହ କରିବାର ଅଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଓ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା, କାବେରୀ ମୁଦୁଲି ନିଜ ନିଜ କାର୍ଯ୍ୟାଳୟର ପ୍ରସ୍ତୁତି ସଂପର୍କରେ ଆଲୋକପାତ କରିଥିଲେ । ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଟିପିସି ଓ ଡିଏଲ, ଓଡ୍ରାଫ, ଏନଡ୍ରାଫ, ଜିଲ୍ଲା ବେସରକାରୀ ଯୋଗାଣ ଅଧିକାରୀ, ଅଗ୍ନିଶମ ସେବା, ଜିଲ୍ଲା ସ୍ୱାସ୍ଥ୍ୟ ସେବା, ଜିଲ୍ଲା ସମାଜ ମଙ୍ଗଳ ସେବା, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ,ଓ୍ୱାଟକୋ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଉଦ୍ୟାନ କୃଷି, ଜିଲ୍ଲା ପଶୁ ଚିକିତ୍ସା ସେବା, ଜଳସେଚନ, ପ୍ରାଚିଖଣ୍ଡ ଜଳ ସେଚନ, ଜଳ ନିଷ୍କାସନ, ଭାରତ ସଂଚାର ନିଗମ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ସେବା ଗୁଡ଼ିକୁ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରି ଶୂନ୍ୟ ମୃତ୍ୟୁ ହାର ଆଖି ଆଗରେ ରଖି ନିଷ୍ଠାପର ଭାବେ ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ରକ୍ତଦାନ ଶିବିର ୩୦ ୟୁନିଟ ରକ୍ତ ସଂଗ୍ରହ

ଟାଙ୍ଗୀ ଚୌଦ୍ୱାର, ୧୮/୦୬ (ଆ.ପ୍ର) : କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକା ଅଧୀନ ମୁଣ୍ଡମାଳ ଗ୍ରାମର ମା ନହରବୁଢ଼ୀ ମନ୍ଦିରରେ ବୁଧବାର ସଂନ୍ଧ୍ୟାରେ ଟେଟ୍ରାହେଡ୍ରନ ଗ୍ରୁପ ଓ ମୁଣ୍ଡମାଳ ଗ୍ରାମ ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ମୁଣ୍ଡମାଳ ଗ୍ରାମର ଯୁବକ-ଯୁବତୀ, ଯୋଗଦେଇ ୩୦ ୟୁନିଟ୍ ରକ୍ତ ଦାନ କରିଥିଲେ ଗୋଟେ ୟୁନିଟ୍ ରକ୍ତ ତିନି ଜଣଙ୍କ ଜୀବନ ବଂଚାଇବାରେ ସାହଯ୍ୟ କରିଥାଏ । ଏହି କାର୍ଯ୍ୟକ୍ରମରେ ଟେଟ୍ରା ହେଡ୍ରନ୍ ଗ୍ରୁପ୍ ଅଧ୍ୟକ୍ଷ ଡ଼. ତ୍ରିଦେବ ବେହେରା ଓ ଯୁଥ ରେଡକ୍ରସ କଟକ ଜିଲ୍ଲା ଜେନେରାଲ ସେକ୍ରେଟାରୀ ଡ଼.ସସ୍ମିତା ପଟ୍ଟନାୟକ ଏବଂ ମୁଣ୍ଡମାଳ ଗ୍ରାମବାସୀ ପରିଚାଳନା କରିଥିଲେ ।

ଏନ୍‌ଇଇଟି 'ୟୁଜି' ୨୦୨୬ ପୁନଃ ପରୀକ୍ଷା ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୧୮/୦୬(ଆ.ପ୍ର) : ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ସ୍ନାତକୋତର ପରୀକ୍ଷା ୨୦୨୬ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଡିଏସପି ସରୋଜ ପୁନମ କିସଟା, ଏନ୍‌ଇଇଟି ସିଟି ଅଧିକାରୀ ହିତେଶ ବର୍ମା, ଡେପୁଟୀ କଲେକ୍ଟର ସୋଭନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ନବରଙ୍ଗପୁର ସହରର ଆରସିଡି ହାଇସ୍କୁଲ ଏବଂ ପିଏମ ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ଦୁଇଟି ଶିକ୍ଷା ଅନୁଷ୍ଠାନକୁ ଏନ୍‌ଟି (ଜାତୀୟ ପରୀକ୍ଷା ସଂସ୍ଥା) ଦ୍ୱାରା ମନୋନୀତ କରାଯାଇଛି । ଏହି ଜାତୀୟ ସ୍ତର ପରୀକ୍ଷା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ଗଠନ ହୋଇ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ମାଜିଷ୍ଟ୍ରେଟ ଡ୍ୟୁଟି ଅଧିକାରୀ ରୂପେ ନବରଙ୍ଗପୁର ଏବଂ ନନ୍ଦାହାଣ୍ଡି ତହସିଲଦାର ଏବଂ ସେଇଭଳି ଆରକ୍ଷୀ ଅଧିକାରୀଙ୍କୁ ପରୀକ୍ଷା କେନ୍ଦ୍ର ନିରାପତା, ଶାନ୍ତି ଏବଂ ଶୃଙ୍ଖଳା ପାଇଁ ଦାୟିତ୍ୱ ଦିଆଯାଉଛି । ପରୀକ୍ଷା ଯେଭଳି ସୁଚାରୁ ରୂପେ ଏବଂ ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ଏଥିପାଇଁ ପରୀକ୍ଷା କେନ୍ଦ୍ର ରେ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ବିଦ୍ୟୁତ ସରବରାହ, ଦିବ୍ୟାଙ୍ଗ ପାଇଁ ହୁଇଲ ଚେୟାର, ଅଗ୍ନିଶମ, ସିସିଟିଭି, ଯାମର, ଡିଜି ବ୍ୟାକଅପ, ପାର୍କିଂ, ଆମ୍ବୁଲାନ୍ସ ସହ ପରିବହନ, ମାଗଣା ବସ ସେବା, ଫ୍ରିସ୍କିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି ଏବଂ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ଏହି ପରୀକ୍ଷା ଆସନ୍ତା ୨୧.୬.୨୦୨୬ ତାରିଖ ଅପରାହ୍ନ ୨.୦୦ ଘରୁ ଆରମ୍ଭ ହୋଇ ଘ ୫.୧୫ ମି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବୈଠକରେ ସିଡିଏମ ଓ ଡ ମଳୟ ପ୍ରଧାନ, ଆର୍‌ଟି ଓ ଜିତେନ୍ଦ୍ର ଭୋଇ, ଡିଏସଏସ ଓ ସୁଧାଂଶୁ ପାତ୍ର, ଡିଆଇପିଆର୍ ଓ ମନୋଜ ବେହେରା, ତହସିଲଦାର, ନବରଙ୍ଗପୁର ଭୋଲେଶ୍ୱର୍ ନାୟକ, ତହସିଲଦାର, ନନ୍ଦାହାଣ୍ଡି ଚନ୍ଦ୍ରହାସ ମହାନନ୍ଦିଆ, ଅତିରିକ୍ତ ଶିକ୍ଷା ଅଧିକାରୀ, ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ ।

ଆମର ଜଙ୍ଗଲ ହେଉଛି ଅସ୍ତିତ୍ୱ, ଶିଳ୍ପ ସମ୍ପ୍ରସାରଣ ପାଇଁ ତାକୁ ଆମେ ବିକି ପାରିବୁ ନାହିଁ : ଗମଲେଇ ଗ୍ରାମବାସୀ

ବଣାଇ, ୧୮/୦୬(ଆ.ପ୍ର): 'ଜଙ୍ଗଲ ଆମର କେବଳ ସମ୍ପତି ନୁହେଁ, ଏହା ଆମର ଶ୍ୱାସ, ଆମର ଜୀବନ ଓ ଅସ୍ତିତ୍ୱ । ଏହି ଭାବନାକୁ ସାକାର କରି ଲହୁଣୀପଡ଼ା ବ୍ଲକର ରାଜାମୁଣ୍ଡା ପଂଚାୟତ ଅନ୍ତର୍ଗତ ଗମଲେଇ ଗ୍ରାମବାସୀ ଆଜି ନିଜର ଅତୁଟ ସଂକଳ୍ପ ଓ ଏକତାର ପରିଚୟ ଦେଇଛନ୍ତି ଗ୍ରାମସଭାରେ । ନିଜ ହାତରେ ପୋତିଥିବା ପ୍ରାୟ ୫୬ ହଜାର ଚାରାକୁ ବର୍ଷ ବର୍ଷ ଧରି ସେବା-ଯତ୍ନ କରି ଏକ ସବୁଜ ଜଙ୍ଗଲରେ ପରିଣତ କରିଥିବା ଗ୍ରାମବାସୀମାନେ ଆଜି ସେହି ଜଙ୍ଗଲକୁ ବଂଚାଇବା ପାଇଁ ଏକ ସ୍ୱରରେ ଆଗକୁ ଆସିଛନ୍ତି । ଗ୍ରାମ୍ୟ ଜଙ୍ଗଲ ଜମିକୁ କିସମ ପରିବର୍ତନ କରାଯାଇ ଶିଳ୍ପ ସମ୍ପ୍ରସାରଣ ପାଇଁ ଭାସ୍କର ଷ୍ଟିଲ ଫେରୋ ଏଣ୍ଡ୍ ଲିମିଟେଡ଼୍ କୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ସେମାନେ ଗ୍ରାମସଭାରେ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ୱାର୍ଡ ସଭ୍ୟ କୁନ୍ତଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ୧୮ ଏକର ଜଙ୍ଗଲ ଜମିର କିସମ ପରିବର୍ତନ କରି ଉତକୋ ମାଧ୍ୟମରେ ଭାସ୍କର ଷ୍ଟିଲକୁ ହସ୍ତାନ୍ତର କରିବା ପ୍ରସ୍ତାବ ଉପସ୍ଥାପିତ ହେବାମାତ୍ରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ଝଡ଼ ସୃଷ୍ଟି ହୋଇଥିଲା । ଯେଉଁ ଜଙ୍ଗଲକୁ ସେମାନେ ନିଜ ସନ୍ତାନ ପରି ଲାଳନ-ପାଳନ କରିଛନ୍ତି, ସେହି ସବୁଜ ସମ୍ପଦକୁ କାରଖାନା ପାଇଁ ଉତ୍ସର୍ଗ କରିବା ଚିନ୍ତାକୁ ସେମାନେ କେବେବି ମାନିବାକୁ ପ୍ରସ୍ତୁତ ନୁହଁନ୍ତି ବୋଲି ପ୍ରବଳ ହଟଗୋଳ ହୋଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଥିଲା ସ୍ପଷ୍ଟ ଓ ତୀବ୍ର । ସେମାନେ ପ୍ରଶ୍ନ ଉଠାଇଥିଲେ "ପୂର୍ବରୁ ଆମ ଜମି ଅଧିଗ୍ରହଣ ଏହି କାରଖାନା କରିଅଛି, କିନ୍ତୁ ଆମ ପିଲାମାନଙ୍କୁ କେତେ ରୋଜଗାର ମିଳିଲା ? ଗାଁର କେତେ ବିକାଶ ହେଲା ?" ବିକାଶ ନାମରେ ପୁଣିଥରେ ପ୍ରକୃତି ଓ ଜନଜୀବନକୁ ବଳି ଦେବାକୁ ସେମାନେ ରାଜି ନୁହଁନ୍ତି । ଆଗାମୀ ପିଢ଼ି ପାଇଁ ସବୁଜ ଜଙ୍ଗଲ, ନିର୍ମଳ ବାୟୁ ଓ ସୁସ୍ଥ ପରିବେଶ ଛାଡ଼ିଯିବା ହିଁ ସେମାନଙ୍କ ମୂଳ ଲକ୍ଷ୍ୟ ବୋଲି ଗ୍ରାମସଭାରେ ଗ୍ରାମବାସୀ ଉପସ୍ଥାପନା କଲେ । ଏହି ଗ୍ରାମସଭାରେ ବଣାଇ ଉପଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଦାଶ, ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର ତହସିଲଦାର ବା ।ବୁ ।ଲ ।ଇ ପେରେଇ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ସରପଂଚ ମାଳତୀ କିସାନ, ପିଇଓ କିରଣ ମୟୀ ବେହେରା, ୱାର୍ଡ ସଭ୍ୟ ସୁଲୋଚନା କିସାନ ଏବଂ ବହୁ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ସ୍ପଷ୍ଟ କହିଦେଇଛନ୍ତି ଯେ, ଯଦି କୌଣସି ପ୍ରକାର ଭୁଲ ତଥ୍ୟ କିମ୍ବା ଚାପପ୍ରୟୋଗ କରି ଜଙ୍ଗଲ ଜମି ହସ୍ତାନ୍ତର କରିବାକୁ ଚେଷ୍ଟା କରାଯାଏ, ତେବେ ସେମାନେ ଆଇନଗତ ଲଢ଼େଇ ପାଇଁ ହାଇକୋର୍ଟ ଏବଂ ନେସନାଲ ଗ୍ରୀନ ଟ୍ରିବ୍ୟୁନାଲ (NGT)ର ଦ୍ୱାରସ୍ଥ ହେବେ । ପରମେଶ୍ୱର ସାହୁ, ଭୂଷଣ ପାଢ଼ୀ, ମହେଶ ପତି, ବିଭୂତି ଭୂଷଣ ପତି ଓ ଅବସରପ୍ରାପ୍ତ ଶିକ୍ଷକ ବିରଂଚି ସାହୁ ଓ ଗ୍ରାମବାସୀ ଅଭିଭାଷଣ ଜରିଆରେ ବିରୋଧ କରିବା ସହିତ ଶତାଧିକ ଗ୍ରାମବାସୀ ଲିଖିତ ଭାବେ ନିଜର ବିରୋଧ ଜଣାଇଛନ୍ତି । ଏହା କେବଳ ୧୮ ଏକର ଜମି ପାଇଁ ଲଢ଼େଇ ନୁହେଁ, ବରଂ ମାଟି, ଜଙ୍ଗଲ, ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏକ ଜନଆନ୍ଦୋଳନ । "ଜଙ୍ଗଲ ରହିଲେ ଆମେ ରହିବୁ, ଆମେ ରହିଲେ ଆଗାମୀ ପିଢ଼ି ବଂଚିବ" ଏହି ଦୃଢ଼ ସଂକଳ୍ପ ସହ ଗମଲେଇ ଗ୍ରାମବାସୀ ଆଜି ନିଜର ଐକ୍ୟବଦ୍ଧ ସ୍ୱରରେ ପ୍ରଶାସନକୁ ସ୍ପଷ୍ଟ ବାର୍ତା ଦେଇଛନ୍ତି ଯେ, ପ୍ରକୃତିର ସୁରକ୍ଷା ପାଇଁ ସେମାନଙ୍କ ସଂଗ୍ରାମ ଆଗକୁ ମଧ୍ୟ ଜାରି ରହିବ ।

'ନିଶିଗନ୍ଧା'ର ୧୧ ତମ ସ୍ୱନକ୍ଷତ୍ର ଦିବସ ପାଳିତ

ଚିଲିକା/ବାଣପୁର, ୧୮/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାର ହରିପୁର ଶାସନ ନିକଟସ୍ଥ ଚିଲିକା ବ୍ଲକର ହାଟବରଡିହ ପଂଚାୟତ ଅଧୀନ ଗଲନଡା ସ୍ଥିତ ମାଁ ଦୁଆରଶୁଣୀ ମନ୍ଦିର ପ୍ରାଙ୍ଗଣରେ ଅଗ୍ରଣୀ ସାରସ୍ୱତ ଓ ସାହିତ୍ୟ ଅନୁଷ୍ଠାନ 'ନିଶିଗନ୍ଧା ଭାଷା ସାହିତ୍ୟ ପ୍ରତିଷ୍ଠାନ'ର ୧୧ ତମ ସ୍ୱନକ୍ଷତ୍ର ଦିବସ ପୂର୍ତି ଅବସରରେ ଆୟୋଜିତ ଆମ ଗାଁରେ ମହୋତ୍ସବ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା । ନିଶିଗନ୍ଧା ଅନୁଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗୋଲକ ବିହାରୀ ପରିଡ଼ା ଶିକ୍ଷାବିତ ତଥା ପରିଡ଼ା ପାଠାଗାର ଓ ସାହିତ୍ୟ ସିନ୍ଦୂରାର ପ୍ରତିଷ୍ଠାତା ଯୋଗଦେଇ ନିଜର ବକ୍ତବ୍ୟ ରଖି ସହିତ ଓଡ଼ିଆ ଅସ୍ମିତାର ରହସ୍ୟ ଭାଷା ସାହିତ୍ୟରେ ନିହିତ ପରିପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କୁ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପରେ ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀଙ୍କ ଦ୍ୱାରା ବେଦପାଠ ଓ ମଂଚ ପରିଚାଳନା ବାଲୁଗାଁ ସ୍ଥିତ ମା' ଭଗବତୀ କଳା ନିକେତନ ନୃତ୍ୟ ଅନୁଷ୍ଠାନର ଅଧ୍ୟକ୍ଷା ବିଷ୍ଣୁପ୍ରିୟା ବାରିକ ଦ୍ୟାଚ, ଉତରୀୟ ଦେଇ ବରେଣ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ । ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠାତା ବଳରାମ ତରାଇ ଆନୁଷ୍ଠାନିକ ଆଭିମୁଖ୍ୟ ପ୍ରଦାନ ଏଥିରେ ମୁଖ୍ୟ ବକ୍ତା ଭାବେ କିସ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ମାନବିକତାର ବିଶ୍ୱମୁକ୍ତିର ସ୍ରଷ୍ଟା ଶଶାଙ୍କ ଶେଖର ଚୂଡ଼ାମଣି, ମା' ଦୁଆରଶୁଣୀଙ୍କ ପ୍ରାଙ୍ଗଣରେ ଅବସ୍ଥିତ କ୍ଷୁଦ୍ର ଖିରି କୋଳି ଗଛ ଯେପରି ଦୀର୍ଘ ବର୍ଷ ଧରି ସମାଜର ହିତ କରେ, ଭାଷା ସାହିତ୍ୟ ଓ ସୀମା ସୁରକ୍ଷାରେ ହିଁ ଓଡ଼ିଆ ଅସ୍ମିତାର ସୁରକ୍ଷା ସମ୍ଭବ, ନିମନ୍ତ୍ରିତ ଅତିଥି ଭାବେ ସନ୍ଧ୍ୟା ଦେବୀ ଏକତା ପରିଷଦ ଟ୍ରଷ୍ଟର ପ୍ରତିଷ୍ଠାତା, ନୀରଦ କୁମାର ଝା ଅନ୍ତଃରାଷ୍ଟ୍ରୀୟ ମାନବିକ ଅଧିକାର କର୍ମୀ, ନର୍ମଦା ତୋରା କବି ତଥା ସମାଜସେବୀ, ନୀଳିମା ସାହୁ ପ୍ରାକ୍ତନ ଅଧ୍ୟାପିକା ଓଡ଼ିଆ ବିଭାଗ, ଶଶୀଭୂଷଣ ବରାଳ କବି ତଥା ଶିକ୍ଷକ, ପାର୍ଥସାରଥୀ ବଳ ସହକାରୀ ଗବେଷକ କିଟ୍ ବେସନ ଆଣ୍ଡ ଟେକନଲୋଜି, ଶ୍ରୀହର୍ଷ ନାୟକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି ଅବସରରେ ନିଶିଗନ୍ଧାର ବାର୍ଷିକ ମୁଖପତ୍ର ଚତୁର୍ଦ୍ଧୀ ଅର୍ପଣ ଓ କବିତା ଆସରେ ରଙ୍ଗ ମହୋତ୍ସବ ର ପ୍ରଥମ ଦିବସ ଠାରୁ ୪ର୍ଥ ଦିବସର ପ୍ରଥମ ଅଧିବେଶନରେ ପ୍ରବନ୍ଧ ଗୁଳୁଗୁଳି ପାଇଁ ସଭା ଦାଖିଲ କରି ରଙ୍ଗକୁରାନ ପ୍ରତିଯୋଗିତା ସ୍ତ୍ରୀ ବିଭାଗରେ ହୁଳହୁଳି ମ୍ୟୁଜିକ ଚେୟାର ଓ ପୁରୁଷ ବିଭାଗରେ ଲୁଡୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମା' ଭଗବତୀ କଳା ନିକେତନ ନୃତ୍ୟ ଗୁରୁ ଅମୀୟ ଓ କିଶୋର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଆମନ୍ତ୍ରିତ କଳାକାରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଂଚ ପରିବେଷଣ ନନ୍ ଷ୍ଟପ ଧମାକାରେ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ସହିତ ଶ୍ରୀମତୀ ହରପ୍ରିୟା ବାରିକ ଓ ଗୁରୁ ଜିତେନ୍ଦ୍ର କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଗୀତିନାଟ୍ୟ 'ମାଣିକ' ପରିବେଷଣ ହୋଇଥିଲା । ଅଧ୍ୟାପକ ପ୍ରମୋଦ ଶୁକ୍ଳ ମଂଚ ପରିଚାଳନା କରିଥିଲେ । ନିଶିଗନ୍ଧାର ସମସ୍ତ ସଭ୍ୟ ସଭ୍ୟା କାର୍ଯ୍ୟକ୍ରମ ସମ୍ପାଦନାରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ।

ସୁନା ଲୁଟେରାଙ୍କୁ ଏନକାଉଂଟର କରି କାବୁ କଲା ପୋଲିସ ୪ ଗିରଫ

ତାଳଚେର, ୧୮/୦୬ (ଆ.ପ୍ର) : ଯାଂଚ ଅଧିକାରୀ କହି ତାଳଚେରର ଏକ ଦୋକାନରୁ ବିପୁଳ ପରିମାଣର ସୁନା ଲୁଟ କରି ଫେରାର ହେବାକୁ ଉଦ୍ୟମ କରୁଥିବା ଲୁଟେରାଙ୍କୁ ଏନକାଉଂଟର କରି କାବୁ କରିବାରେ ସଫଳ ହୋଇଛି ଅନୁଗୋଳ ପୋଲିସ । ପୋଲିସ ୧୨ ଘଂଟା ମଧ୍ୟରେ ଏକ ସଶସ୍ତ୍ର ଡକାୟତି ମାମଲା ଚିହ୍ନଟ କରି ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁଥିରେ ଦୁଇଜଣ ପୋଲିସ ଗୁଳିରେ ଆହତ ହୋଇଛନ୍ତି । ପୋଲିସ ସୂଚନା ଅନୁସାରେ, ଜୁନ ୧୭ ସନ୍ଧ୍ୟା ପ୍ରାୟ ୬:୧୦ ସମୟରେ, ତାଳଚେର ପୋଲିସ ସ୍ଥାନୀୟ ହାଟତୋଟା ବଜାର ସ୍ଥିତ ବାଲାଜୀ ଗୋଲ୍ଡ ରିଫାଇନାରୀରେ ଏକ ଡକାୟତି ସମ୍ପର୍କରେ ସୂଚନା ପାଇଥିଲା, ଯେଉଁଥିରେ ସଶସ୍ତ୍ର ଦୁର୍ବୃତମାନେ ପ୍ରାୟ ୨୦୪ ଗ୍ରାମ ସୁନା, ୪୨.୯୦ ଗ୍ରାମ ସୁନା ଅଳଙ୍କାର ଏବଂ ୭୫୦ ଗ୍ରାମ ରୂପା ଅଳଙ୍କାର ଲୁଟି ନେଇଥିଲେ । ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ଉକ୍ତ ଦୋକାନର ଜଣେ କର୍ମଚାରୀଙ୍କୁ ଅପହରଣ କରିଥିଲେ ଏବଂ ପଞ୍ଜିକରଣ ନଂ ଓଡି-୩୨ଏଫ୍--୭୪୧୯ ଥିବା ଏକ ଧଳା ହୁଣ୍ଡାଇ ଭର୍ନା କାରରେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ, ପରେ ଏକ ନକଲି ନମ୍ବର ପ୍ଲେଟ୍ ଲଗାଇ ଥିବାର ଜଣାପଡ଼ିଥିଲା । ତେଣୁ ଲିଖିତ ଅଭିଯୋଗ ପରେ, ତାଳଚେର ପି.ଏସ୍. ମାମଲା ନମ୍ବର ୬୭୧, ତାରିଖ ୧୭.୦୬.୨୦୨୬ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ର ଧାରା ୧୪୦(୩)/୩୩୨(ବି)/୩୦୯(୬)/୩(୫) ଏବଂ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫/୨୭ ଅନୁଯାୟୀ ଏକ ମାମଲା ପଞ୍ଜିକୃତ ହୋଇଥିଲା । ମାମଲା ପଞ୍ଜିକରଣ ପରେ ତୁରନ୍ତ, ଅନୁଗୋଳ ପୋଲିସ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଆଉ ଆଇସି ବିଭୂଦତ ରାଉତରାୟ, ଅୟସକାନ୍ତ ଜେନା, ଦିଗବିଜୟ ବିଶ୍ୱାଳ, ଧିରେନ କୁମାର ଦାସ,ରାଜେଶ କୁମାର ସତପଥିଙ୍କ ନେତୃତ୍ୱରେ ପାଂଚଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା । ତଦନ୍ତ ସମୟରେ, ବିଭିନ୍ନ ସ୍ଥାନରୁ ସିସିଟିଭି ଫୁଟେଜ୍ ବିଶ୍ଳେଷଣ ପୂର୍ବକ ବୈଷୟିକ ତଦାରଖ କରାଯାଇଥିଲା । ଉପନ୍ନ ହୋଇଥିବା ସୂରାକ ଉପରେ ଆଧାର କରି, ସନ୍ଦିଗ୍ଧ ଗାଡ଼ିକୁ ପୋଲିସ ଦଳ ଦ୍ୱାରା ଚିହ୍ନଟ କରାଯାଇଥିଲା ଏବଂ ପିଛା କରାଯାଇ ଥିଲା । ପରେ ଏନଏଚ-୫୫ରେ ସମ୍ବଲପୁର ଅଭିମୁଖେ ସେହି ଗାଡ଼ିଟି ଯାଉଥିବା ଲକ୍ଷ୍ୟ କରାଯାଇ ଥିଲା । ସେହି ସମୟରେ, ଅନୁଗୋଳ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନକୁ ସତର୍କ କରାଯାଇଥିଲା ଏବଂ ରଣନୈତିକ ସ୍ଥାନରେ କଡ଼ା ଯାଂଚ କରାଯାଇଥିଲା । ନିଜକୁ କୋଣଠେସା ଦେଖି ଅଭିଯୁକ୍ତମାନେ ହଣ୍ଡପା ପୋଲିସ ଷ୍ଟେସନ ସୀମା ଅନ୍ତର୍ଗତ ଚୁଳିଆପୁର ଜଙ୍ଗଲ ନିକଟରେ ଗାଡ଼ିଟିକୁ ଛାଡି ପାଦରେ ଖସିଯିବାକୁ ଚେଷ୍ଟା କରିଥିଲେ । ପିଛା କରୁଥିବା ପୋଲିସ ଦଳ ଅଭିଯୁକ୍ତମାନଙ୍କୁ ଜଙ୍ଗଲ ଭିତରକୁ ଗୋଡ଼ାଇଥିଲେ । ଅଭିଯାନ ସମୟରେ, ଅଭିଯୁକ୍ତମାନେ ପୋଲିସ କର୍ମଚାରୀଙ୍କ ଉପରେ ଗୁଳି ଚଳାଇଥିଲେ । ପୋଲିସ କର୍ମଚାରୀଙ୍କ ଜୀବନ ରକ୍ଷା ପାଇଁ ଏବଂ ବ୍ୟକ୍ତିଗତ ପ୍ରତିରକ୍ଷାର ଆଇନଗତ ପ୍ରୟୋଗ ପାଇଁ, ପୋଲିସ ନିୟନ୍ତ୍ରିତ ପ୍ରତିରୋଧମୂଳକ ଗୁଳି ଚାଳନା କରିଥିଲା । ଫଳସ୍ୱରୂପ, ମହାରାଷ୍ଟ୍ରର ବାସିନ୍ଦା ସଚିନ ଗଜଗେ ଏବଂ ପ୍ରକାଶ ମଦନେ ନାମକ ଦୁଇ ଅଭିଯୁକ୍ତଙ୍କ ଗୋଡ଼ରେ ଗୁଳି ବାଜିଥିଲା । ସେମାନଙ୍କୁ ତୁରନ୍ତ ନିରସ୍ତ୍ର କରାଯାଇ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅଭିଯାନ ସମୟରେ ଅନ୍ୟ ଦୁଇ ଅଭିଯୁକ୍ତ, ରାଜେଶ ମଦନେ ଏବଂ ଦେବା ପ୍ରଭାକର ଲୋଖଣ୍ଡେ, ଯେଉଁମାନେ ମଧ୍ୟ ମହାରାଷ୍ଟ୍ରର ବାସିନ୍ଦା, ଗିରଫ ହୋଇଥିଲେ । ପ୍ରାୟ ସମ୍ପୂର୍ଣ୍ଣ ଲୁଟ ହୋଇଥିବା ସୁନା ଏବଂ ରୂପା ଅଳଙ୍କାର ଉଦ୍ଧାର ଏବଂ ଜବତ କରାଯାଇଥିଲା । ପୋଲିସ ଜୀବନ୍ତ ଗୁଳି ସହିତ ଦୁଇଟି ଦେଶୀ ନିର୍ମିତ ବନ୍ଧୁକ ମଧ୍ୟ ଉଦ୍ଧାର ଏବଂ ଜବତ କରିଥିଲା । ଅପରାଧରେ ବ୍ୟବହୃତ ହୁଣ୍ଡାଇ ଭର୍ନା କାର ମଧ୍ୟ ଜବତ କରାଯାଇଛି । ଅନ୍ୟ ଜଣେ ପଳାତକ ଅଭିଯୁକ୍ତଙ୍କୁ ଧରିବା ଏବଂ ଅନ୍ୟ କୌଣସି ସହଯୋଗୀଙ୍କ ସମ୍ପୃକ୍ତି ଜାଣିବା ପାଇଁ ସନ୍ଧାନ ଅଭିଯାନ ଜାରି ରହିଛି । ଏନେଇ ପୋଲିସର ଅଧିକ ତଦନ୍ତ ଜାରି ରହିଛି ।

ସେଇଥୁ ଆରମ୍ଭ

SEITHO ARAMBHA

ଶୁକ୍ରବାର, ୧୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ପଦାର୍ପଣକାରୀ ଉଜ୍‌ବେକିସ୍ତାନକୁ ହରାଇଲା କଲମ୍ବିଆ

ମେକ୍ସିକୋ ସିଟି, ୧୮/୬(ନ୍ୟୁ.ଏ): କଲମ୍ବିଆ ତା'ର ଫିଫା ବିଶ୍ୱକପ୍ ୨୦୨୬ ଅଭିଯାନ ବିଜୟରୁ ଆରମ୍ଭ କରିଛି । ଗୁରୁବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-କେ'ର ଏକ ମ୍ୟାଚ୍‌ରେ ଏହି ଦଳ ୩-୧ ଗୋଲ୍‌ରେ ପଦାର୍ପଣକାରୀ ଉଜ୍‌ବେକିସ୍ତାନକୁ ମାତ୍ ଦେଇଛି । ୪୧ତମ ମିନିଟ୍‌ରେ ଲୁଇସ୍ ଡିଆଜ୍‌ଙ୍କ ଏକ ଚିପ୍‌ଡ କ୍ରସ୍ ପାଇ ଡାନିଏଲ ମୁନୋଜ ଚମତ୍କାର ଢଙ୍ଗରେ ବଲ୍ ଉଜ୍‌ବେକିସ୍ତାନ ଗୋଲ୍ ପୋଷ୍ଟକୁ ପଠାଇ କଲମ୍ବିଆକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ । ପ୍ରଥମାର୍ଦ୍ଧରେ ପଛରେ ଥିବା ଉଜବେକିସ୍ତାନ ଦ୍ୱିତୀୟାର୍ଦ୍ଧର ୧୫ ମିନିଟ୍‌ରେ ଗୋଲ୍‌ଟି ଶୁଝି ସ୍ଥିତି ବରାବର କରି ଦେଇଥିଲା । ଏହି ଗୋଲ୍‌ଟି ୨୨ ବର୍ଷୀୟ ଆବୋସବେକ୍ ଫେଜୁଲାବ୍ (୬୦ ମିନିଟ୍) ଦେଇଥିଲେ । ସେ ସୁନ୍ଦର ଟ୍ୟାପ୍ ହେଡରରେ ବଲ୍ କଲମ୍ବିଆ ଗୋଲ୍ ପୋଷ୍ଟକୁ ପଠାଇ ଉଜବେକିସ୍ତାନର ପ୍ରଥମ ବିଶ୍ୱକପ୍ ଗୋଲ୍ ସ୍କୋରର ହେବାର ଗୌରବ ଅର୍ଜନ କରିଥିଲେ । ଏହାର ମାତ୍ର ୫ ମିନିଟ୍ ପରେ ଗୁଷ୍ଟାଭୋ ପୁଏର୍ତାଙ୍କ ପାସ୍‌ରେ ଲୁଇସ୍ ଡିଆଜ୍ ଗୋଲ୍ ଦେଇ କଲମ୍ବିଆକୁ ୨-୧ରେ ଅଗ୍ରଣୀ କରାଇଥିଲେ । ଶେଷରେ ଇନ୍‌ଜୁରି ସମୟରେ ଜୁଟୋ ହର୍ଣ୍ଣାଣ୍ଡେଜଙ୍କ ପାସ୍‌କୁ ଜାମିଂଟନ୍ କାମ୍ପାଜ୍ ଗୋଲ୍‌ରେ ପରିଣତ କରି ଦଳକୁ ୩-୧ ବିଜୟ ଭେଟି ଦେଇଥିଲେ । ଲୁଇସ ଡିଆଜ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା । ଦକ୍ଷିଣ ଆମେରିକୀୟ ଦଳ କଲମ୍ବିଆ ମଙ୍ଗଳବାର ପରବର୍ତ୍ତୀ ମ୍ୟାଚ୍‌ରେ କଙ୍ଗୋକୁ ଭେଟିବାକୁ ଥିଲା ବେଳେ ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ପର୍ତ୍ତୁଗାଲ-ଉଜବେକିସ୍ତାନ ମୁହାଁମୁହିଁ ହେବେ ।

ୟୁକ୍ରେନର ସବୁଠାରୁ ବଡ଼ ଡ୍ରୋନ ଆଟାକରେ ଅଣନିଃଶ୍ୱାସୀ ରୁଷ

ନୂଆଦିଲ୍ଲୀ, ୧୮/୬(ନ୍ୟୁ.ଏ): ରୁଷର ରାଜଧାନୀ ମସ୍କୋ ଉପରେ ସବୁଠାରୁ ବଡ଼ ଡ୍ରୋନ ଆଟାକ କରିଛି ୟୁକ୍ରେନ । ଘନଘନ ଡ୍ରୋନ ମାଡ଼ରେ ଧ୍ୱଂସ ହୋଇଯାଇଛି ମସ୍କୋ ତୈଳ ରିଫାଇନାରୀ । ପୂରା ଅଂଚଳ ନିଆଁ ଓ ଧୂଆଁରେ ଅଣନିଃଶ୍ୱାସୀ ହୋଇଯାଇଛି । ଗତ ୨ ବର୍ଷ ଧରି ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ବେଳେ କିନ୍ତୁ କେବେ ବି ମସ୍କୋର ଉପରେ ଏତେ ବଡ଼ ହମଲା କରି ନଥିଲା । ଆଜି ପ୍ରଥମଥର ୟୁକ୍ରେନ ଏତେ ବଡ଼ ଆଟାକ କରି ରୁଷର ପ୍ରମୁଖ ରିଫାଇନାରୀକୁ ଧ୍ୱଂସ କରି ଦେଇଛି । ଏବଛକୁବକୁଲ୍ଲ ସରକାରୀ ମାଲିକାନାରେ ଥିବା ତୈଳ ରିଫାଇନାରୀଟି ମସ୍କୋର କାପଟ୍ନୋୟା ପ୍ରଶାସନିକ ଜିଲ୍ଲାରେ ରହିଛି । ଏହା କ୍ରେମଲିନ ଠାରୁ ମାତ୍ର ୧୫ କିମି ଦୂର । ରିଫାଇନାରୀ ଉପରେ ୭ଟି ଡ୍ରୋନ ମାଡ଼ ହୋଇଛି । ଏଥିଯୋଗୁ ରିଫାଇନାରୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ସେହିପରି ରିଫାଇନାରୀ ଓ ଏହାର ଆଖପାଖ ଅଂଚଳରେ ହୋଇଥିବା ଡ୍ରୋନ ଆଟାକର ଭିଡିଓ ବି ସାମ୍ନାକୁ ଆସିଛି । ଡ୍ରୋନ ଦ୍ୱାରା ୟୁକ୍ରେନ ଆକ୍ରମଣ କରିବାରୁ ମସ୍କୋ ଅନେକ କ୍ଷତି ସହିଥିବା ଜଣାପଡ଼ିଛି । କ୍ଷତିଗ୍ରସ୍ତ ରିଫାଇନାରୀରେ ବାର୍ଷିକ ୧୨ ମିଲିୟନ ଟନ ତୈଳ ଉତ୍ପାଦନ ହୋଇଥାଏ । ମସ୍କୋ ଓ ଏହାର ଆଖପାଖ ଅଂଚଳରେ ବ୍ୟବହାର ହେଉଥିବା ପ୍ରାୟ ୭୦% ପେଟ୍ରୋଲ ଏଠାରୁ ଯୋଗାଣ ହୋଇଥାଏ । ତେଣୁ ଏହା କ୍ଷତିଗ୍ରସ୍ତ ହେବା କ୍ରେମଲିନର ଚିନ୍ତା ବଢ଼ାଇ ଦେଇଛି । ୟୁକ୍ରେନ ଶତାଧିକ ଡ୍ରୋନ ମାଡ଼ କରିଥିବା ବେଳେ ଅନେକ ଟାର୍ଗେଟକୁ ହିଟ କରିଥିବା କିଭ୍ ଦାବି କରିଛି । ସୋସାଲ ମିଡିଆରେ ମଧ୍ୟ ମସ୍କୋରେ କେମିତି ଧୂଆଁ ଓ ନିଆଁର ଆତଙ୍କ ଦେଖାଯାଉଛି, ତା'ର ଭିଡିଓ ବି ସାମ୍ନାକୁ ଆସିଛି । ହେଲେ ମସ୍କୋର ମେୟର ସେରଗେଇ ସୋବୟାନିନ ଅଲଗା କଥା କହିଛନ୍ତି । ତାଙ୍କ କହିବା କଥା ଯେ ରାତି ତମାମ ୟୁକ୍ରେନ ଡ୍ରୋନ ମାଡ଼ କରିଥିଲା । କିନ୍ତୁ ମସ୍କୋର ଏୟାର ଡିଫେନ୍ସ ସିଷ୍ଟମ ପ୍ରାୟ ୧୯୪ଟି ଡ୍ରୋନକୁ ମାରି ଖସାଇ ଦେଇଛି । ଡ୍ରୋନ ଗୁଡ଼ିକ କିଛି ସ୍ଥାନରେ ପଡ଼ିବା ଯୋଗୁ ବଡ଼ବଡ଼ ବିଲଡିଂ ନିକଟରେ କଳା ଧୂଆଁ ଦେଖାଯାଉଥିବା ସେ କହିଛନ୍ତି । ମସ୍କୋ ବ୍ୟତୀତ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ଦେଶର ଏକାଧିକ ସ୍ଥାନକୁ ୟୁକ୍ରାନ ଡ୍ରୋନ ଦ୍ୱାରା ଟାର୍ଗେଟ କରିଥିଲା । କିନ୍ତୁ ଦେଶର ଏୟାର ଡିଫେନ୍ସ ସିଷ୍ଟମ ୫୫୫ ୟୁକ୍ରେନୀୟ ଡ୍ରୋନକୁ ବିଭିନ୍ନ ସ୍ଥାନରେ ନଷ୍ଟ କରି ଦେଇଛି । ଅନ୍ୟପକ୍ଷରେ ରାଜଧାନୀ ମସ୍କୋ ଉପରେ ଗୁରୁବାର ସକାଳେ ଏକାସଙ୍ଗରେ ପ୍ରାୟ ୨୦୦ଟି ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଛି । ତେବେ ଏହି ସମୟରେ ସହରରେ ଯୁଦ୍ଧ ସାଇରନ୍ ବାଜି ନଥିଲା । ତେଣୁ ଲୋକମାନେ ନିଦରୁ ଉଠିବା ମାତ୍ରେ ଡ୍ରୋନ୍ ଓ ବିସ୍ଫୋରଣର ଶବ୍ଦ ଶୁଣି ଆତଙ୍କିତ ହୋଇପଡ଼ିଥିଲେ । ତୈଳ ରିଫାଇନାରୀ ବ୍ୟତୀତ ୟୁକ୍ରେନ୍‌ର ଡ୍ରୋନ୍ ଆଟାକରେ ମସ୍କୋର ଗୋଟିଏ ବଡ଼ ଆବାସିକ ବିଲଡିଂ, ଶିଳ୍ପ ପ୍ରତିଷ୍ଠାନ, ସାଡୋଭୋଡ୍ ସପିଂ କମ୍ପ୍ଲେକ୍ସ ଓ କିଛି ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି । ଆକ୍ରମଣ ପରେ ତୈଳ ବିଶୋଧନାଗାର ନିକଟସ୍ଥ ମସ୍କୋ ରିଙ୍ଗ୍ ରୋଡ୍ ୨ରେ ଯାତାୟାତ ବନ୍ଦ କରି ଦିଆଯାଇଛି । ଏଥିସହ ମସ୍କୋର ଚାରିଟି ପ୍ରମୁଖ ବିମାନବନ୍ଦରର ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା । ସାଧାରଣ ଲୋକ ଆକ୍ରମଣ ଯୋଗୁ ପ୍ରଭାବିତ ହୋଇଥିବେ ହେଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହାକୁ ନ୍ୟାୟ ସଙ୍ଗତ ବୋଲି କହିଛନ୍ତି । ସେ କହିଛନ୍ତି, "ରୁଷ ଆମ ସହର ଓ ଜନବସତି ଉପରେ ଯେଉଁ ଆକ୍ରମଣ କରୁଛି, ତା'କୁ ଦେଖିଲେ ଏପରି ଆକ୍ରମଣ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ । ଏଥିରେ କୌଣସି ଭୁଲ ନାହିଁ ।" ୟୁକ୍ରେନ ହମଲାର ପ୍ରତିଶୋଧ ନେବାକୁ ରୁଷ ୭ଟି ମିସାଇଲ ଓ ୨୯୩ଟି ଡ୍ରୋନ୍ ମାଡ଼ କରିଥିବା କିଭ ବାୟୁସେନା ସୂଚନା ଦେଇଛି । ଏହି ଆକ୍ରମଣରେ କିଭ୍ ଓ ପୋଲଟାଭା ଅଂଚଳରେ ଥିବା ଗୋଟିଏ ଘର, ଶକ୍ତି ଭିତିଭୂମି ଓ ତୈଳ ସଂରକ୍ଷଣ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି ।

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍: ମନପ୍ରୀତଙ୍କ ରେକର୍ଡ ମ୍ୟାଚ୍‌ରେ ଜର୍ମାନୀକୁ ହରାଇଲା ଭାରତ

ରୋଟରଡାମ୍, ୧୮/୬(ନ୍ୟୁ.ଏ): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଲାଗି ନେଦରଲାଣ୍ଡସ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳ ପ୍ରଥମ ବିଜୟ ପାଇଛି । ଏହି ଗସ୍ତର ପ୍ରଥମ ମ୍ୟାଚ୍‌ରେ ଘରୋଇ ଦଳ ତଥା ଅଲିମ୍ପିକ ବିଜେତା ନେଦରଲାଣ୍ଡସଠୁ ୨-୩ରେ ହାରିଥିବା ଭାରତ ଗୁରୁବାର ବିଶ୍ୱ ବିଜେତା ଜର୍ମାନୀକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ମିଡ୍‌ଫିଲ୍ଡର ମନପ୍ରୀତ ସିଂହଙ୍କ ସର୍ବାଧିକ ମ୍ୟାଚ୍ ଖେଳିବା ରେକର୍ଡକୁ ସ୍ମରଣୀୟ କରି ଦେଇଛି । ୩୩ ବର୍ଷୀୟ ମନପ୍ରୀତ ୪୧୩ ମ୍ୟାଚ୍ ଖେଳି ଭାରତର ସର୍ବାଧିକ ମ୍ୟାଚ୍ ଖେଳିବାର ଓଡ଼ିଆ ପୁଅ ପୂର୍ବତନ ଭାରତୀୟ ଅଧିନାୟକ ଏବଂ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କି (୪୧୨)ଙ୍କୁ ଟପିଛନ୍ତି । ଏହି ସଫଳତା ପାଇଁ ମନପ୍ରୀତଙ୍କୁ ହକି ଇଣ୍ଡିଆ ୧୦ ଲକ୍ଷ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛି । ବିଶ୍ୱରେ ସର୍ବାଧିକ ମ୍ୟାଚ୍ ଖେଳିବାରେ ମନପ୍ରୀତ ପଂଚମ ଖେଳାଳି ହୋଇଛନ୍ତି । ତାଙ୍କ ଆଗରେ ବେଲଜିୟମ୍‌ର ଜନ-ଜନ୍ ଡୋମେନ (୪୮୧), ନେଦରଲାଣ୍ଡସର ଟିଓନ ଡି ନୁଇଜର (୪୫୩), ଅଷ୍ଟ୍ରେଲିଆର ଏଡି ଓକେନଡେନ୍ (୪୫୧) ଓ ଗ୍ରେଟ୍ ବ୍ରିଟେନ୍‌ର ବାରି ମିଡଲଟନ୍

(୪୩୨) ରହିଛନ୍ତି । ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ୨-୦ ଗୋଲ୍‌ରେ ଆଗରେ ରହିଥିଲା । ମନଦୀପ ସିଂହ (୭ ମିନିଟ୍) ପ୍ରଥମ ଗୋଲ୍ ଦେଇଥିଲେ । ଏହାପରେ ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା (୧୩ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରଥମ କ୍ୱାର୍ଟରକୁ ୧-୦ରେ ନିଜ ପକ୍ଷରେ ରଖିଥିଲା । ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟରେ ଶେଷ ହେବା ପରେ ୩୫ତମ ମିନିଟ୍‌ରେ ନୀଳକାନ୍ତ ଶର୍ମା ଭାରତର ଅଗ୍ରଣୀକୁ ୩-୦ରେ ପହଂଚାଇଥିଲ । ତୃତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଜର୍ମାନୀର ରାଫେଲ ହାର୍ଟକୋପ୍ (୪୫ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଥିଲେ । ଚତୁର୍ଥ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହେବାରୁ ଭାରତ ୩-୧ରେ ବିଜୟ ମୁଣ୍ଡି ମାରିଥିଲା । ଭାରତ ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଜର୍ମାନୀ ବିପକ୍ଷରେ ଖେଳିବ ।

ଅପରାଧୀଙ୍କ ସୁରକ୍ଷିତ ପେଣ୍ଡସ୍ଥଳୀ ପାଲଟିଛି ଟେଲିଗ୍ରାମ୍

ନୂଆଦିଲ୍ଲୀ, ୧୮/୬(ନ୍ୟୁ.ଏ): ଲୋକପ୍ରିୟ ସୋସିଆଲ ମିଡିଆ ମେସେଜିଂ ଆପ୍ 'ଟେଲିଗ୍ରାମ୍'ର ଅପବ୍ୟବହାରକୁ ନେଇ ଆଜି କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି । ସରକାରଙ୍କ ପକ୍ଷରୁ କୋର୍ଟକୁ ସ୍ପଷ୍ଟ ଭାବେ ଜଣାଯାଇଛି ଯେ, ବର୍ତ୍ତମାନ ସମୟରେ ଟେଲିଗ୍ରାମ୍ ପ୍ଲାଟଫର୍ମ ଅପରାଧୀ ଏବଂ ଦେଶବିରୋଧୀ ସଂଗଠନଗୁଡ଼ିକ ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିଛି । ଏହି ଆପ୍ ଜରିଆରେ ଆତଙ୍କବାଦୀ କାର୍ଯ୍ୟକଳାପର ସଂଚାଳନ, ସାଇବର ଅପରାଧ, ଆର୍ଥିକ ଜାଲିଆତି ଏବଂ ବେଆଇନ ଡ୍ରଗ୍ସ ଚୋରା ଚାଲାଣ ଭଳି ସଂଗଠିତ ଅପରାଧ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି, ଯାହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି । କେନ୍ଦ୍ର ସରକାର ନିଜ ପକ୍ଷ ରଖି କହିଛନ୍ତି ଯେ, ଟେଲିଗ୍ରାମ୍ ଆପ୍‌ରେ ଥିବା କଠୋର 'ଏନକ୍ରିପ୍‌ସନ୍ ସିକ୍ୟୁରିଟି' ଏବଂ ବ୍ୟବହାରକାରୀଙ୍କ ପରିଚୟ ଗୋପନ ରଖିବାର ସୁବିଧା ଯୋଗୁଁ ଅପରାଧୀମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି । ଏହି ଗୋପନୀୟତା ଫିଚର୍ସ ଯୋଗୁଁ ଦେଶର ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଏବଂ ଗୁଇନ୍ଦା ବିଭାଗ ପାଇଁ ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା କିମ୍ବା ଅପରାଧୀଙ୍କୁ ଚିହ୍ନଟ କରିବା ସମ୍ପୂର୍ଣ୍ଣ କଷ୍ଟକର ହୋଇପଡୁଛି । ଏହା ବ୍ୟତୀତ ବିଭିନ୍ନ ଚ୍ୟାନେଲ୍ ଓ ଗ୍ରୁପ୍ ମାଧ୍ୟମରେ ଦେଶବିରୋଧୀ ତଥା ଉଗ୍ରବାଦୀ ପ୍ରଚାର କରାଯାଉଥିବା ନେଇ ମଧ୍ୟ ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ପଶ୍ଚିମବଙ୍ଗ ବିଧାନସଭାରେ ରତବ୍ରତ ବାନାର୍ଜୀ ହେବେ ବିରୋଧୀ ଦଳ ନେତା

କୋଲକାତା, ୧୮/୬(ନ୍ୟୁ.ଏ): ପୁଣି ମମତା ବାନାର୍ଜୀଙ୍କୁ ହାଇକୋର୍ଟରୁ ବଡ଼ ଝଟକା ଲାଗିଛି । ଟିଏମସିର ବିଦ୍ରୋହୀ ବିଧାୟକ ରତବ୍ରତ ବାନାର୍ଜୀଙ୍କ ବିଧାନସଭାରେ ବିରୋଧୀ ଦଳ ନେତା ରହିବେ ବୋଲି କହିଛନ୍ତି କୋଲକତା ହାଇକୋର୍ଟ । ଏଠାରେ ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବୋଷଙ୍କ ନିଷ୍ପତିକୁ ଚ୍ୟାଲେଞ୍ଜ ଦିଆଯାଇଥିଲା । ଟିଏମସି ପକ୍ଷରୁ ଶୋଭନଦେବ ଚଟ୍ଟୋପାଧ୍ୟାୟ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ । ମମତା ବାନାର୍ଜୀଙ୍କ ପକ୍ଷ ପାଇଁ ଏହି ରାୟକୁ ଏକ ବଡ଼ ଝଟକା ଭାବେ ଦେଖାଯାଉଛି । ଟିଏମସି ତରଫରୁ ଦୁଇ ଜଣଙ୍କ ନାମ ଦିଆଯାଇଥିଲା । ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମ ପ୍ରସ୍ତାବ ଟିଏମସିର ଗୋଟେ ଗୋଷ୍ଠୀ ପଠାଇଥିବା ବେଳେ ବିଦ୍ରୋହୀ ଗୋଷ୍ଠୀ ରତବ୍ରତ ବାନାର୍ଜୀଙ୍କ ନାମ ପଠାଇଥିଲା । ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବସୁ ବିଦ୍ରୋହୀ ଗୋଷ୍ଠୀର ପ୍ରସ୍ତାବକୁ ସ୍ୱୀକାର କରି ରତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ଦେଇଥିଲେ । ଗୁରୁବାର ଏହି ମାମଲାର ଶୁଣାଣି କରି ଜଷ୍ଟିସ କୃଷ୍ଣ ରାଓଙ୍କ ଖଣ୍ଡପୀଠ କହିଛନ୍ତି ଯେ, କୋର୍ଟ ବାଚସ୍ପତିଙ୍କ ନିଷ୍ପତି ଉପରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବେ ନାହିଁ । କୋର୍ଟ ସମସ୍ତ ପକ୍ଷକୁ ଦୁଇ ସପ୍ତାହ ମଧ୍ୟରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ ତାରିଖରେ ହେବ ।

କ୍ରସ ଭୋଟିଂ ଯୋଗୁ ରାଜ୍ୟସଭା ନିର୍ବାଚନ ହାରିଲା କଂଗ୍ରେସ

ନୂଆଦିଲ୍ଲୀ, ୧୮/୬(ନ୍ୟୁ.ଏ): ଝାଡ଼ଖଣ୍ଡ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ । ବ୍ୟାପକ କ୍ରସ ଭୋଟିଂ ଯୋଗୁ ଗୋଟିଏ ରାଜ୍ୟସଭା ଆସନ ହରାଇଛି କଂଗ୍ରେସ । ସଂଖ୍ୟା ନଥାଇ ମଧ୍ୟ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନାଥୱାନି ରାଜ୍ୟସଭା ନିର୍ବାଚନରେ ବାଜିମାତ କରିଛନ୍ତି । ସେ କଂଗ୍ରେସର ପ୍ରଣବ ଝାଙ୍କୁ ହରାଇ ଦେଇଛନ୍ତି । ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ପାଇଁ ଭୋଟିଂ ହୋଇଥିଲା । ଗୋଟିଏରେ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜିତିଥିବା ବେଳେ ଅନ୍ୟ ଆସନରେ କ୍ଷମତାସୀନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ର ପ୍ରାର୍ଥୀ ବୈଦନାଥ ରାମ ଜିତିଛନ୍ତି । ପରିମଳ ୨୮ ଖଣ୍ଡ ଭୋଟ ପାଇଥିବାରୁ ତାଙ୍କୁ ବିଜେତା ଘୋଷଣା କରାଯାଇଛି । ପ୍ରଣବ ଝା କେବଳ ୨୦ଖଣ୍ଡ ଭୋଟ ପାଇଛନ୍ତି । ଅନ୍ୟ ଆସନରେ ରାମକୁ ୩୦ ଜଣ ବିଧାୟକ ଭୋଟ ଦେଇଛନ୍ତି । ଆଜି ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବ୍ୟାପକ କ୍ରସ ଭୋଟିଂ ଦେଖିବାକୁ ମିଳିଛି । ସେହିପରି ୩ଟି ଭୋଟକୁ ନାକଚ କରାଯାଇଛି । ୨

ଜଣ ବିଜେପି ବିଧାୟକ ଓ ଜଣେ କଂଗ୍ରେସ ବିଧାୟକଙ୍କ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି । ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ବିଧାୟକଙ୍କ ସଂଖ୍ୟା ୨୪ । ଏହା ଗୋଟିଏ ରାଜ୍ୟସଭା ଆସନ ଦଖଲ କରିବା ଠାରୁ ୪ କମ । ସେହିପରି କ୍ଷମତାସୀନ ଜେଏମଏମ, କଂଗ୍ରେସ ଓ ସହଯୋଗୀଙ୍କ ପାଖରେ ୫୬ ଜଣ ବିଧାୟକ ରହିଛନ୍ତି । ଏହାର ଅର୍ଥ ଜେଏମଏମ ଓ କଂଗ୍ରେସ ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ଜିତିବେ ବୋଲି ସମସ୍ତେ ଆଶା କରିଥିଲେ । କିନ୍ତୁ ପରିମଳଙ୍କ ସପକ୍ଷରେ କ୍ରସ ଭୋଟିଂ ହୋଇଛି । ଏଥିଯୋଗୁ ସେ ଦୁଇ ବିଜେପି ବିଧାୟକଙ୍କ ଭୋଟ ନାକଚ ହେବା ସତ୍ୱେ ଆବଶ୍ୟକ ୨୮ ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି । ଗୁରୁବାର ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଧାନସଭାର ସମସ୍ତ ୮୧ ଜଣ ଭୋଟ ଦେଇଥିଲେ । ଶେଷରେ ସଂଖ୍ୟା ନଥାଇ ମଧ୍ୟ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସମସ୍ତଙ୍କୁ ଚକିତ କରି ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ଏହି ବିଜୟ ସହ ପରିମଳ ୪ର୍ଥ ଥର ପାଇଁ ରାଜ୍ୟସଭାକୁ ଯିବାକୁ ଯୋଗ୍ୟତା ହାସଲ କରିଛନ୍ତି । ୨୦୦୮ରୁ ୨୦୨୦ ଯାଏ ସେ ଝାଡ଼ଖଣ୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ଯାଇଥିଲେ । ୨୦୨୦ରୁ ୨୦୨୬ ଯାଏ ସେ ଆନ୍ଧ୍ରରୁ ସଂସଦର ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ ।

ନିଟ୍-ୟୁଜି ପୁନଃ ପରୀକ୍ଷା ପୂର୍ବରୁ ଏନ୍‌ଟିଏର କଡ଼ା ଚେତାବନୀ

ନୂଆଦିଲ୍ଲୀ, ୧୮/୬(ନ୍ୟୁ.ଏ): ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ନିଟ୍-ୟୁଜି ପୁନଃ ପରୀକ୍ଷା ପୂର୍ବରୁ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ପକ୍ଷରୁ ପରୀକ୍ଷାର୍ଥୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଜାରି କରାଯାଇଛି । ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଓ ସାଧୁତା ବଜାୟ ରଖିବା ପାଇଁ ଏନ୍‌ଟିଏ ସ୍ପଷ୍ଟ କରିଛି ଯେ, ଯଦି କୌଣସି ପ୍ରାର୍ଥୀ ବେଆଇନ ଉପାୟ ଆପଣାନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ସମସ୍ତ ଯୋଗ୍ୟ ପରୀକ୍ଷାର୍ଥୀଙ୍କୁ ସମାନ ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହି ପୁନଃ ପରୀକ୍ଷା କରାଯାଉଥିବାରୁ ଏଜେନ୍ସି ଏଥର ଶୂନ୍ୟ ସହନଶୀଳତା ନୀତି ଆପଣାଇଛି । ବର୍ତ୍ତମାନ ସୋସିଆଲ ମିଡିଆରେ ପରୀକ୍ଷା ସ୍ଥଗିତ ହେବା ନେଇ ଅନେକ ମିଥ୍ୟା ଖବର ଓ ଗୁଜବ ବୁଲୁଛି । ଏଭଳି କୌଣସି ଅନଧିକୃତ ସୂତ୍ର ଉପରେ ବିଶ୍ୱାସ ନକରିବାକୁ ଏନ୍‌ଟିଏ ପରୀକ୍ଷାର୍ଥୀମାନଙ୍କୁ ଅନୁରୋଧ କରିଛି । କୌଣସି ବି ସଠିକ୍ ଅପଡେଟ୍ ପାଇଁ କେବଳ ଅଫିସିଆଲ୍ ୱେବସାଇଟ୍‌କୁ ହିଁ ଏକମାତ୍ର ବିଶ୍ୱାସଯୋଗ୍ୟ ମାଧ୍ୟମ ଭାବେ ଗ୍ରହଣ କରିବାକୁ କୁହାଯାଇଛି । ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଡାଉନଲୋଡ୍ ଲିଙ୍କ୍ ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି । ପରୀକ୍ଷା କେନ୍ଦ୍ରଗୁଡ଼ିକରେ କୌଣସି ପ୍ରକାରର ଜାଲିଆତି କିମ୍ବା ଅନ୍ୟ ଜଣଙ୍କ ବଦଳରେ ପରୀକ୍ଷା ଦେବା ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି ।

କର୍ଣ୍ଣାଟକ ଏମ୍‌ଏଲ୍‌ସି ନିର୍ବାଚନରେ ବିଜେପିକୁ ବଡ଼ ଝଟକା: ୫ ଆସନ ଜିତିଲା କଂଗ୍ରେସ

ବେଙ୍ଗାଲୁରୁ, ୧୮/୬(ନ୍ୟୁ.ଏ): କର୍ଣ୍ଣାଟକ ବିଧାନ ପରିଷଦ (ଏମଏଲସି)ର ୭ଟି ଆସନରେ ଗୁରୁବାର ହୋଇଥିବା ଭୋଟିଂ ଫଳାଫଳ ସାମନାକୁ ଆସିଛି । ଗୁରୁବାର ଶାସକ କଂଗ୍ରେସ ସାତଟି ବିଧାନ ପରିଷଦ ଆସନ ମଧ୍ୟରୁ ପାଂଚଟିରେ ବିଜୟୀ ହୋଇଥିବା ବେଳେ ବିରୋଧୀ ବିଜେପି ଦୁଇଟିରେ ବିଜୟୀ ହୋଇଛି ବୋଲି ସରକାରୀ ସୂତ୍ର କହିଛି । ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନେତୃତ୍ୱରେ କଂଗ୍ରେସ ୫ଟି ଆସନ ଜିତିଛି, ସେଭଳି ସଂଖ୍ୟା ହିସାବରୁ ଚାରୋଟିରେ ଜିତିବା ସୁନିଶ୍ଚିତ ଲାଗୁଥିଲା । ଏକ ଅତିରିକ୍ତ ଆସନରେ ପାର୍ଟିର ପ୍ରାର୍ଥୀଙ୍କୁ ଓଲ୍ଟାଇ ଦଳ ଜିତିଛି । ଡିକେ ଶିବକୁମାର ଏହି ବିଜୟ ପାଇଁ କରିଥିଲେ ଗେମ୍ ପ୍ଲାନ୍ । ସେ ବିଜେପିରୁ ବାହାର କରାଯାଇଥିବା ତିନି ବିଧାୟକଙ୍କ ଭିତରୁ ଦୁଇ ଜଣ ଟି ସୋମଶେଖର ଓ ଶିବରାମ ହେବାରଙ୍କୁ କ୍ରସ ଭୋଟ୍ କରି କଂଗ୍ରେସ ସପକ୍ଷରେ ଭୋଟ ପକାଇଥିଲେ । ଭୋଟିଂ ଶେଷ ହେବାପରେ ଦୁହେଁ କହିଛନ୍ତି , ସେ ନିଜ ଅନ୍ତରଆତ୍ମାର କଥା ଶୁଣି ଭୋଟ୍ । କର୍ଣ୍ଣାଟକ

ବିଧାନସଭାର ସଦସ୍ୟ ବିଧାନସୌଧରେ ହୋଇଥିବା ନିର୍ବାଚନରେ ମତଦାନ କରିଛନ୍ତି । ନିର୍ବାଚନ ଅଧିକାରୀଙ୍କ କହିବା ଅନୁସାରେ, ଭୋଟ ଗଣତି ସଂନ୍ଧ୍ୟା ୫ଟା ବେଳେ ଆରମ୍ଭ ହୋଇଥିଲା । ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ଭିତରେ କଂଗ୍ରେସର ଥିପ୍ପେସ୍ୱାମୀ କାମକନୁର, ପିଭି ମୋହନ, ବିକେ ହରିପ୍ରସାଦ(ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ), ଶିବନ୍ନା ବିଏସ୍ ଓ ବିନୟ କାର୍ତ୍ତିକ ପ୍ରକାଶ ତଥା ବିଜେପିର ଲିଙ୍ଗରାଜ ପାଟିଲ ଓ ରଘୁ ଆର ଏବଂ ଜଦ୍ (ଏସ୍)ର ଗୋବିନ୍ଦରାଜୁ ସାମିଲ ଅଛନ୍ତି । ଟିଏସ୍ ସୋମଶେଖର କହିଛନ୍ତି ସେ କଂଗ୍ରେସକୁ ଭୋଟ ଦେଇଛନ୍ତି । ସେ କହିଛନ୍ତି ସେ ନିଜ ନିର୍ବାଚନ କ୍ଷେତ୍ରର ବିକାଶ ପାଇଁ କଂଗ୍ରେସକୁ ଭୋଟ ଦେଇଛି । ସୋମଶେଖର କହିଛନ୍ତି, ମୁଁ ନିଜ ନିର୍ବାଚନ କ୍ଷେତ୍ରର ବିକାଶକୁ ସୁନିଶ୍ଚିତ କରିବା ପାଇଁ କଂଗ୍ରେସକୁ ଭୋଟ ଦେଇଛି । ମୁଁ ଆରମ୍ଭରୁ ଏହା ଧାର୍ଯ୍ୟ କରିନଥିଲି ଯେ, କୌଣସି ଦଳର ପ୍ରାର୍ଥୀଙ୍କୁ ସମର୍ଥନ କରିବି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଏ ଆପଣଙ୍କ ସହ ଯୋଗାଯୋଗ କରୁଛି । ନା ବିଜେପି କିମ୍ବା ଜେଡି(ଏସ୍) କେହି ମୋର ସମର୍ଥନ ମାଗିନଥିଲେ । ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ନା ମୋତେ ଫୋନ୍ କରିଥିଲେ କିମ୍ବା ରିସୋର୍ଟରେ ହେବାକୁ ଥିବା ବୈଠକ ପାଇଁ ଡକାଇଥିଲେ, ଯେଉଁଥିରେ ମୁଁ ସାମିଲ ହୋଇଥିଲା । ଜୁନ୍ ୩୦ରେ ସାତ ଜଣ ବିଧାନ ପରିଷଦ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ଏହି ନିର୍ବାଚନ ଜରୁରୀ ହୋଇପଡ଼ିଥିଲା । ଏଥିରେ କଂଗ୍ରେସରୁ ନାସିର ଅହମ୍ମଦ, ଟିପ୍ପାନ୍ନାସ୍ୱାମୀ ଏବଂ ବି.କେ. ହରିପ୍ରସାଦ, ବିଜେପିରୁ ଏନ. ନାଗରାଜୁ (ଏମଟିବି), ପ୍ରତାପ ଏସ. ନାୟକ କେ, ଏବଂ ସୁନୀଲ ଭାଲ୍ୟାପୁର ଏବଂ ଜେଡି(ଏସ)ରୁ ଗୋବିନ୍ଦରାଜୁ ରହିଛନ୍ତି ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das